

ଶୁବମାନ ପ୍ଲେୟର ଅଫ୍ ଦି ମ୍ୟାଚ୍ — ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 314 | ଭାଗ ୩୨ | ସଂଖ୍ୟା ୩୧୪ | Bhubaneswar | Friday 7 February 2025 | Page 8 Rs. 4.00 | ● ଭୁବନେଶ୍ୱର ଶୁକ୍ରବାର ୭ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଅର୍ଥ କମିଶନଙ୍କୁ ୧୨.୫୯ ଲକ୍ଷ କୋଟିର ପ୍ରସ୍ତାବ

# କବର ନେଇଛି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ବ୍ୟବସ୍ଥା



## ବିରୋଧୀଙ୍କୁ ଜବରଦସ୍ତ ଝଟ୍‌କା

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ସମ୍ପ୍ରତି ଡ. ଅରବିନ୍ଦ ପାନାଗରିଆଙ୍କ ଅଧକ୍ଷତାରେ ଷୋଡ଼ଶ ଅର୍ଥ କମିଶନ୍ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷାତାଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଗାମୀ ୨୦୨୬-୩୧ ବର୍ଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ପାଇଁ ୧୨ ଲକ୍ଷ ୫୯ ହଜାର ୧୪୮ କୋଟି ଟଙ୍କାର ଦାବି ଉପସ୍ଥାପନ କରିଛନ୍ତି। ଏ ସଂକ୍ରାନ୍ତରେ ଗଣମାଧମ ପ୍ରତିନିଧିମାନଙ୍କୁ ସୂଚନା ଦେବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହସ୍ତାନ୍ତର ପୂର୍ବରୁ ରାଜସ୍ୱ ନିଅଣ୍ଟ (ପିଡିଆରଡି) ଭରଣା ପାଇଁ ୯ ଲକ୍ଷ ୮୮ ହଜାର ୪୨୨ କୋଟି, ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା (ଏସ୍‌ଏସ୍‌ଏନ୍) ପୂରଣ ପାଇଁ ୧ ଲକ୍ଷ ୧୦ ହଜାର ୪୩୪ କୋଟି, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡିମାନଙ୍କ ପାଇଁ ଅନୁଦାନ ବାବଦରେ ୧ ଲକ୍ଷ ୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧ ହଜାର ୪ କୋଟି ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯ ହଜାର ୨୫୨ କୋଟି ଟଙ୍କାର ଦାବି ଉପସ୍ଥାପନ କରାଯାଇଛି। କମିଶନଙ୍କ ସହ ରାଜ୍ୟର ବିଭିନ୍ନ ଆର୍ଥିକ ଦିଗ ଉପରେ ଗଠନମୂଳକ ଆଲୋଚନା ହୋଇଛି। ➮ପୃଷ୍ଠା-୬



### ଶିଳ୍ପସଂସ୍ଥାକୁ ରିଲିଫ କୋଡରେ ସାମିଲ କରାଯାଉ

ରାଜ୍ୟ ସରକାର ଶିଳ୍ପ ପ୍ରମୋସନ ପାଇଁ ଯେଉଁ ଷ୍ଟେଟ ଜିଏସଟି ନେଉଛନ୍ତି, ସେହି ଟଙ୍କା ଫେରସ୍ତ କରାଯାଉଛି। କିନ୍ତୁ ସେଣ୍ଟ୍ରାଲ ଜିଏସ୍‌ଟି ୫୦ ପ୍ରତିଶତ ନିଆଯାଉଥିଲେ ହେଁ, ତାହା ଫେରାଯାଉନାହିଁ। ଏମଏସଏମଇ ପାଇଁ ଏହି ଅର୍ଥ ଫେରାଇ ଦେବାକୁ ଅର୍ଥ କମିଶନଙ୍କ ନିକଟରେ ଦାବି ରଖିଲା ସଂଘ। ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସହାୟତା ସମସ୍ତଙ୍କୁ ମିଳୁଛି, କିନ୍ତୁ ରିଲିଫ କୋଡ୍‌ରେ ଇଣ୍ଡଷ୍ଟ୍ରି ନାହିଁ। ➮ପୃଷ୍ଠା-୬

### ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ୱତନ୍ତ୍ର ସହାୟତା ଦାବି

ଷୋଡ଼ଶ ଅର୍ଥ କମିଶନଙ୍କୁ ଆଜି ବିଜେପିର ଏକ ପ୍ରତିନିଧିମଣ୍ଡଳୀ ଭେଟିଛି। ଏହି ଅବସରରେ ଦଳ ପକ୍ଷରୁ ୪.୫ ପ୍ରତିଶତକୁ ଖସିଆସିଥିବା ଡିଭିଜିବୁଲ ଟ୍ୟାକ୍ସକୁ ୫.୧ ପ୍ରତିଶତ କରିବା ସକାଶେ ଦାବି ହୋଇଛି। ଓଡ଼ିଶା ପ୍ରାକୃତିକ ଦୁର୍ବିପାକର ମୁକାବିଲା କରୁଛି। ଏହାକୁ ନେଇ ଓଡ଼ିଶାକୁ ବିଶେଷ ସହାୟତା ଦିଆଯାଉ। ଓଡ଼ିଶାର ଆର୍ଥିକ ଏବଂ ବିତ୍ତୀୟ ଶୃଙ୍ଖଳା ନେଇ ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଦେବା ଦରକାର। ବର୍ତ୍ତମାନ ➮ପୃଷ୍ଠା-୬

### ଯୁବକଙ୍କ ଆୟ କ୍ଷମତା ବଢ଼ିନି: କଂଗ୍ରେସ

ଷଷ୍ଠ ଅର୍ଥ କମିଶନଙ୍କୁ ଭେଟିବା ପରେ ଗଣମାଧମକୁ ସୂଚନା ଦେଇ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ରାଜ୍ୟରେ ଯୁବପିଢ଼ିର ଆୟ ବଢ଼ିପାରିନି ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ଏବଂ ରାଜ୍ୟ ମଧରେ ଯେଉଁ ଭର୍ଟିକାଲ ଡିଭିଜନ ରହିଛି , ତାହା ଏବେ ୪୧ ପ୍ରତିଶତରେ ସୀମିତ ରହିଛି। କିନ୍ତୁ ଏହାକୁ ବୃଦ୍ଧି କରାଯାଇ ୬୦ ପ୍ରତିଶତରେ ପହଞ୍ଚାଇବାର ➮ପୃଷ୍ଠା-୬

### ବିଜେଡିର ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି

ଷୋଡ଼ଶ ଅର୍ଥ କମିଶନଙ୍କୁ ଭେଟିଛି ବିଜେଡି ଟିମ୍। କମିଶନଙ୍କୁ ଭେଟିବା ପରେ ଗଣମାଧମରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ନେତା ଅମର ପଟ୍ଟନାୟକ। ସେ କହିଛନ୍ତି ଯେ ଆମ ପୂରା ପ୍ରସ୍ତାବ କେବଳ ରାଜ୍ୟର ସ୍ୱାର୍ଥ ପାଇଁ ଥିଲା। ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିଲା। ଯେଉଁ କଥାକୁ ପୁରୁଣା କମିଶନମାନେ ଅଣଦେଖା କରିଥିଲେ, ତାକୁ କାର୍ଯ୍ୟକାରୀ କରିବାକୁ ଆମେ ଦାବି ଜଣାଉଛୁ। ଶେୟାରିଂ ➮ପୃଷ୍ଠା-୬

## କପି ରୋକିବ ଏଆଇ ଲାଇଭ ଷ୍ଟ୍ରିମିଂ

● ମାଟ୍ରିକ ପ୍ରଶ୍ନପତ୍ରରେ ରହିବ କ୍ୟୁଆର କୋଡ ଓ ୱାଟର ମାର୍କ





**କଟକ,୬।୨(ସଂଚାର ବ୍ୟୁରୋ):** ମାଟ୍ରିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକକୁ ରୋକିବ କ୍ୟୁଆର କୋଡ। ସବୁ ପ୍ରଶ୍ନପତ୍ରରେ ୱାଟର ମାର୍କିଂ ସହ ରହିବ ସିରିଏଲ୍ ନମ୍ବର। ଅନିୟମିତତା ଓ କପି ରୋକିବାକୁ ଏଥର ଏଆଇ ଭଳି ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା କରାଯିବ। ମାଟ୍ରିକ ପରୀକ୍ଷାର ପରିଚାଳନାକୁ ଶୃଙ୍ଖଳିତ କରିବାକୁ ଏଭଳି ବ୍ୟବସ୍ଥା କରିଛି ମାଧ୍ୟମିକ ଶିକ୍ଷା ପରିଷଦ। ଆସନ୍ତା ୨୧ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ପରିଚାଳନା। ସଂପର୍କରେ ସୂଚନା ଦେଇ ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି, ମାଟ୍ରିକ୍ ପରୀକ୍ଷା ପାଇଁ ଏଥର ୩ ହଜାର ୧୩୩ଟି କେନ୍ଦ୍ର କରାଯାଇଥିବା ବେଳେ ୩୧୪ଟି ନୋଡାଲ ସେଣ୍ଟର କରାଯାଇଛି। ଆସନ୍ତା ୧୨ ତାରିଖରୁ ୧୯ ତାରିଖ ଭିତରେ ସବୁ ନୋଡାଲ୍ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବ। ପୂର୍ବବର୍ଷ ଭଳି ଏଥର ମଧ ପରୀକ୍ଷା କେନ୍ଦ୍ରରେ ସକାଳ ସାଢ଼େ ୭ଟାରୁ ସାଢ଼େ ୮ଟା ମଧରେ ପ୍ରଶ୍ନପତ୍ର ପହଞ୍ଚିବ।

ସକାଳ ୯ଟାରୁ ଆରମ୍ଭ ହେବ ପରୀକ୍ଷା। ତେବେ ଏହାର ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ସାଢ଼େ ୮ଟା ସୁଦ୍ଧା ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ କୁହାଯାଇଛି। ଏଥିସହ କପି ରୋକିବାକୁ ୪ ସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ରହିବ। ପେପର ଲିକ୍ ରୋକିବାକୁ ଏଥର ପ୍ରତି ପ୍ରଶ୍ନପତ୍ରରେ ଡାଇନାମିକ୍ କୋଡ୍ ଓ ୱାଟର ମାର୍କ ଲଗାଯିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ପ୍ରଶ୍ନପତ୍ର ଭାଇରାଲ୍ ହେଲେ, ଏହା କେଉଁ ସ୍ଥାନରୁ ଓ ସେଣ୍ଟରରୁ ଲିକ ହୋଇଛି ତାହା ଜଣାପଡ଼ିଯିବ ବୋଲି ବୋର୍ଡ ଉପସଭାପତି ନିହାର ମହାନ୍ତି କହିଛନ୍ତି। ଏଥିସହ ଅନ୍ୟ ଏକ ବଡ଼ ପଦକ୍ଷେପ ସ୍ୱରୂପ ପରୀକ୍ଷା ବେଳେ ସବୁ ଧରଣର ଅନିୟମିତତା ରୋକିବାକୁ ➮ପୃଷ୍ଠା-୬

## କଅଁଳ ଲୁହାକୁ ବିଲେଇ...!

ଆମର ଲୋକକଥା ରହିଛି କଅଁଳ ଲୁହାକୁ ବିଲେଇ କାମୁଡ଼ି ଗୋଡ଼ାଏ...। ଏହାର ଅର୍ଥ ହେଉଛି ଯଦି ଆପଣ ନିରୀହ ସ୍ୱଭାବର ହୋଇଥିବେ, ଅଯୋଗ୍ୟ ଓ ଅପାରଗମାନେ ବି ଆପଣଙ୍କର ଫାଇଦା ନେବେ। ଆମେ କହୁଛି, କମିଶନରେଟ୍ ଭୁବନେଶ୍ୱର ଯୁପିଡି କଥା। ନିରୀହ ମିଶ୍ରେ, ସରଳିଆ ଭୋଳା ଶଙ୍କର ଓ ସାଧାରଣ ସିଂ ସାର୍‌ଙ୍କୁ ଏମାନେ ପଟି ଚଢ଼େଇ ଦେଉଛନ୍ତି। ଏମାନଙ୍କ ନିରୀହ ପଣ ପାଇଁ କମିଶନରେଟ୍ ପୁଲିସ୍ ଗାଦିମଡ଼ା ତଥା ପୂର୍ବ ସରକାରଙ୍କ ଗେହ୍ଲାପୁଅ ଥିବା ଅଧିକାରୀମାନେ ଲୁଟେରାଙ୍କ ଭଳି ଲୁଟ୍‌ପାଟ୍ କରୁଛନ୍ତି। କିଏ କହୁଛି ମୁଁ ଗଞ୍ଜାମ ଟାଇଗର ଥିଲି, ପୁଣି କିଏ କହୁଛି ମୋର ସିଧା ପାଣ୍ଡୁ ସାର୍ ଲିଙ୍କ୍ ଥିଲା। ଜୋନ୍-୬ର ପୂର୍ବତନ ଏସିପି ପଦୋନ୍ନତି ପାଇବା ପରେ ନିଜକୁ ଏବେ କମିଶନର ଭାବି ଦେଇଛନ୍ତି। କାନକୁହା କଥା କହି ସେ ବରିଷ୍ଠ ଅଧିକାରୀଙ୍କୁ ନଜରବନ୍ଦୀ କରିଦେଇଛନ୍ତି। ସେ ଚାହୁଁନାହାନ୍ତି କମିଶନରେଟ୍ ପୁଲିସ୍ ଦକ୍ଷ ଅଫିସରମାନେ ଆସନ୍ତୁ। ଯଦି ଦକ୍ଷ ଅଫିସରମାନେ ଆସିବେ, ତା'ହେଲେ ଏଠାରେ ଥିବା ଅଯୋଗ୍ୟମାନଙ୍କ ଭଣ୍ଡାଫୋଡ଼୍ ହେବ। ଖାଲି ସେ ନୁହଁନ୍ତି କମିଶନରେଟ୍ ପୁଲିସ୍‌ର ଇଭେଣ୍ଟ୍ ମ୍ୟାନେଜମେଣ୍ଟ୍ ଏଡିସିପି ମଧ ୩ ନିରୀହ ଅଫିସରଙ୍କୁ ମିଛ ସତ କହି ପାଠ ପଢ଼ାଉଛନ୍ତି। ଦୁଇ ଦୁଇ ବାବୁ ନିଜର ସିଣ୍ଡିକେଟ୍ ତିଆରି କରି ବିଭିନ୍ନ ଥାନାରେ ତାଙ୍କ ବୋଲକରା ଅଯୋଗ୍ୟଙ୍କୁ ରଖିଛନ୍ତି। ତାଙ୍କ ମାଧମରେ ମୋଟା ଅଙ୍କର ଟଙ୍କା କମାଉଛନ୍ତି। ଏ ବିଷୟରେ ଯଦି କୌଣସି ଅଧିକାରୀ ପ୍ରତିବାଦ କରୁଛନ୍ତି, ତାଙ୍କ ଉପରେ ବିଭିନ୍ନ ପ୍ରକାର ଚାପ ପକାଉଛନ୍ତି। ଏଭଳି ଲୋକଙ୍କ ପାଇଁ କମିଶନରେଟ୍ ପୁଲିସ୍ ଦିନକୁ ଦିନ ତାର ମର୍ଯ୍ୟାଦା ହରାଉଛି। ଦିନ ଥାଉ ଥାଉ ଯଦି ଏ ବିଷୟରେ କେହି ଚିନ୍ତା ନ କରନ୍ତି, ଖୁବ୍ କମ୍ ଦିନରେ କମିଶନରେଟ୍ ପୁଲିସ୍ ଅଯୋଗ୍ୟ ମୁକୁଟ ପିନ୍ଧିବ।

## ବକୁଳବନର ହେବ ପୁନରୁଦ୍ଧାର



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ବକୁଳବନର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଆଜିର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ପାଇଁ ଏହାର ମୌଳିକ ଢାଞ୍ଚା ଅନୁରୂପ ବିକାଶ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଲୋକସେବା ଭବନଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବକୁଳବନ ଓ ସତ୍ୟବାଦୀ ବନବିଦ୍ୟାଳୟର ପୁନରୁଦ୍ଧାର ଓ ବିକାଶ ସମ୍ପର୍କିତ ଏକ ଉପସ୍ଥାପନା ଅବସରରେ ମୁଖ୍ୟମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗୁରୁଶିଷ୍ୟ ପରମ୍ପରାର ଅନନ୍ୟ ନିଦର୍ଶନ ବହନ କରୁଥିବା ସତ୍ୟବାଦୀର ବକୁଳବନ ୧୯୦୯ରେ ପଞ୍ଚସଖାଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ସେ ସମୟରେ ଓଡ଼ିଶାର ବହୁ ଜଣାଶୁଣା ପଣ୍ଡିତ, ଜ୍ଞାନୀ, ଦେଶଭକ୍ତମାନେ ଏହି ବିଦ୍ୟାଳୟର ଶିକ୍ଷକ ଥିଲେ। ତତ୍କାଳୀନ ସମୟରେ ଏହା ଓଡ଼ିଶାର ଏକ ପ୍ରତିଷ୍ଠିତ ବିଦ୍ୟାଳୟ ଭାବେ ଖ୍ୟାତି ଅର୍ଜନ କରିଥିଲା। ଆଜି ମଧ ଏକ ଐତିହ୍ୟସମ୍ପନ୍ନ ଶିକ୍ଷାନୁଷ୍ଠାନ ଭାବେ ଏହାର ସ୍ୱତନ୍ତ୍ରତା ରହିଛି। ଏହି ବକୁଳବନ ଅଞ୍ଚଳର ବିକାଶ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ବିଦ୍ୟାଳୟର ଆଦର୍ଶ ଓ ଆଭିମୁଖ୍ୟ ବିଷୟରେ ବର୍ତ୍ତମାନର ପିଢ଼ିକୁ ଅବଗତ କରାଇବା ପାଇଁ ଏହାର ମୂଳ ଢାଞ୍ଚା ଅନୁରୂପ ➮ପୃଷ୍ଠା-୬

### ଅଫିସରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଚେତାବନୀ

## ଅଭିଯୋଗର ସମାଧାନ ନହେଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ଆସୁଥିବା ଅଭିଯୋଗ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାକୁ ନେଇ କ୍ଷୁବ୍ଧ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ସବୁ ବିଭାଗର ସଚିବଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ଧଳ ତାଗିଦ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ ଜନଶୁଣାଣି ହେଉଛି ଓଡ଼ିଶା ସରକାରଙ୍କ ସର୍ବୋତ୍ତମ କାର୍ଯ୍ୟକ୍ରମ। ମାତ୍ର ପ୍ରାପ୍ତ ଅଭିଯୋଗଗୁଡ଼ିକର ସ୍ଥିତି ସମୀକ୍ଷା କରିବା ସମୟରେ ଜଣାପଡୁଛି ଯେ ଅନେକ ଅଭିଯୋଗ ଦୀର୍ଘ ଦିନ ଧରି ବିଭିନ୍ନ ସ୍ତରରେ ତ୍ୱରିତ ପଦକ୍ଷେପ ନେବାରେ ବିଳମ୍ବ ହେଉଛି। ଯାହାଦ୍ୱାରା ଅଭିଯୋଗକାରୀମାନେ ସମାନ ଅଭିଯୋଗକୁ ନେଇ ବାରମ୍ବାର ଆସୁଛନ୍ତି। ତେଣୁ ଯେଉଁ ଅଧିକାରୀମାନେ ଜାଣିଶୁଣି ଅଭିଯୋଗଗୁଡ଼ିକର ସମାଧାନରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ➮ପୃଷ୍ଠା-୬

## ବିଜେବି କଲେଜ ଜମିରେ ବିବାହ ମଣ୍ଡପ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ନିଜର ଜବରଦଖଲ ଜମିକୁ ଖୋଜି ପାଇଛନ୍ତି ବିଜେବି କଲେଜ କର୍ତ୍ତୃପକ୍ଷ। ହେଲେ ସେହି ଜମି ଉପରେ ବିବାହ ମଣ୍ଡପ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଜବରଦଖଲକାରୀମାନେ ବିଜେବି କଲେଜର ମୂଲ୍ୟବାନ ଜମିକୁ ମାଡ଼ିବସି ସେଠାରେ ବିବାହ, ବ୍ରତ ଭଳି ସାମାଜିକ କାର୍ଯ୍ୟକ୍ରମ ଚଳାଇ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। ଆଉ ଏଭଳି ଟଙ୍କା ଆଦାୟର କାର୍ପଟଦାର ସାଜିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)।

**କାର୍ପଟଦାର ସାଜିଛି ବିଏମ୍‌ସି**

**ଜମି ଫେରାଇ ଆଣିବାକୁ ତନାଘନା**

ଛାତ୍ରଛାତ୍ରୀଙ୍କ ପାଇଁ ଅଧିକ ଶ୍ରେଣୀଗୃହ ନିର୍ମାଣ ପାଇଁ ବିଜେବି କଲେଜ କର୍ତ୍ତୃପକ୍ଷ ସରକାରଙ୍କୁ ଜମି ମାଗିବା ପରେ ଜମି ଜବରଦଖଲ ନେଇ ଗୋଟିଏ ପରେ ଗୋଟିଏ ଗୁମର ପଦାକୁ ଆସିବାରେ ଲାଗିଛି। କାରଣ କଲେଜ କର୍ତ୍ତୃପକ୍ଷ ଜମି ମାଗିବା ପରେ ସରକାର ସଫା ସଫା କହିଥିଲେ ଯେ ତୁମକୁ ୨୭ ଏକର ଜମି ଦିଆଯାଇଛି। ତୁମ ପାଖରେ ପର୍ଯ୍ୟାପ୍ତ ଜମି ରହିଛି। ତେଣୁ ତାହା ଉପରେ ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ କର।

ସରକାରଙ୍କଠାରୁ ଜମିର ସୂଚନା ପାଇଲା ପରେ କଲେଜ କର୍ତ୍ତୃପକ୍ଷ ଏବେ ନିଜର ୨୭ ଏକର ଜମି ଚିହ୍ନଟ ପାଇଁ ଲାଗିପଡ଼ିଛନ୍ତି। ପ୍ରଥମେ ଏହି ଜମିରେ କ୍ରିକେଟ ବେପାର ଚାଲିଥିବାର ସୂଚନା ପାଇଥିଲେ। ପ୍ରାୟ ୨ଏକର ଜମିକୁ ମାଡ଼ିବସି କିଛି ବ୍ୟକ୍ତି ପାରାମାଉଣ୍ଟ ସ୍ପୋର୍ଟ୍ସ କ୍ଲବ୍ ଗଠନକରି ସେଠାରେ କ୍ରିକେଟ ତାଲିମ ଦେଉଛନ୍ତି। ଏହି ଜମି ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହା ନିକଟରେ ଥିବା ଆଉ କିଛି ଜମିରେ ବିବାହ ମଣ୍ଡପ ହୋଇଥିବା ନଜରକୁ ଆସିଛି।

ବିଏମ୍‌ସି ସହାୟତାରେ କିଛି ବ୍ୟକ୍ତି ଏହି ଜମି ଉପରେ ପାଚେରୀ ବୁଲାଇ ବିବାହ ମଣ୍ଡପ କରିଦେଇଛନ୍ତି। ଲୋକଙ୍କୁ ଭଡ଼ାରେ ଦେଉଛନ୍ତି। ପୂରା ସିଜନ୍ ବେପାର। ହେଲେ ବିଜେବି କଲେଜର ସରକାରୀ ଜମି ଉପରେ ଚାଲିଥିବା ବିବାହ ମଣ୍ଡପର ଭଡ଼ା କାହା ପକେଟକୁ ଯାଉଛି, ତାହାର ହିସାବ ଖୋଜା ଆରମ୍ଭ ହୋଇଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଏମସି ସହଯୋଗର କିଛି ବ୍ୟକ୍ତି ମିଳିମିଶି ଏହି ➮ପୃଷ୍ଠା-୬









## କାନ ଡେରିଆ

ହାତ ମାରିଦେଲେ
କୋଟିକୋଟି ଟଙ୍କା
ଭିଜିଲାନ୍ସ ପରା ଧରୁଛି
ସରକାରୀ ଚାକିରି ଭାରି
ସୁଆଦିଆ
ଦେଖୁଥିବା ଲୋକ କହୁଛି
ଉପୁରି ପ୍ରବଳ ମିଳୁଛି...
ଦରମା ଟଙ୍କାରେ ହାତ ଯେ
ନ ମାରି
ନୋଟ ବିଡ଼ା ଖାଲି ଖୋଜୁଛି ।

■ ଦେବାଶିଷ

### ସ୍ୱର୍ଣ୍ଣିମ ଭାରତ ଅତିଥି ଭବନକୁ ମାଟିରେ ମିଶାଇଥିଲେ

# କି ଭୟଙ୍କର ଏ ସରୋଜ ସାମଲ ?

● ମଉଳିଯାଇଥିଲା ଝାରସୁଗୁଡ଼ାର ପର୍ଯ୍ୟଟନ ସ୍ୱପ୍ନ

● ଘରୋଇ ହୋଟେଲ ହାତରେ ଟେକିଦେଲେ





**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ପର୍ଯ୍ୟଟନର ବିକାଶ ପାଇଁ ସ୍ୱର୍ଣ୍ଣିମ ଭାରତ ଯୋଜନାରେ ଝାରସୁଗୁଡ଼ାରେ ନିର୍ମିତ ହୋଇଥିବା ପର୍ଯ୍ୟଟକ ଅଭ୍ୟର୍ଥନା ଭବନଟି ଉଦଘାଟନ ହେବା ପୂର୍ବରୁ ମାଟିରେ ମିଶିଯାଇଥିଲା। କଳ ବଳ କୌଶଳ ପ୍ରୟୋଗ କରି ଏହି କୋଠାଟିକୁ ମାଟିରେ ମିଶାଇବା ସହିତ ଜମିକୁ ଘରୋଇ ହୋଟେଲ ହାତରେ ତତ୍କାଳୀନ ଜିଲ୍ଲାପାଳ ଟେକିଦେଇଥିବା ଅଭିଯୋଗ ଆଣିଛନ୍ତି ଆରଟିଆଇ କର୍ମୀ। ଏନେଇ ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ବି ବିଚାରାଧୀନ ରହିଛି।

ଆରଟିଆଇ କର୍ମୀ ସତ୍ୟ ନାରାୟଣ ରାଓ ଅଭିଯୋଗ କରିଛନ୍ତି ଯେ ସ୍ୱର୍ଣ୍ଣିମ ଭାରତ ଯୋଜନାରେ ଝାରସୁଗୁଡ଼ାରେ ପର୍ଯ୍ୟଟନର ବିକାଶ ପାଇଁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହୋଇଥିଲା ପର୍ଯ୍ୟଟନ ଅଭ୍ୟର୍ଥନା ଭବନ। ଉନ୍ନତ ମାନର ନିର୍ମାଣ ସହିତ ଏଥିରେ ଅନେକ ଦାମୀ ଜିନିଷ ଲାଗିଥିଲା। କୋଭିଡ ଆସିଯିବାରୁ କର୍ତ୍ତୃପକ୍ଷ ଏହାକୁ କୋଭିଡ ନିୟନ୍ତ୍ରଣ କେନ୍ଦ୍ର ଭାବେ ବ୍ୟବହାର କରିଥିଲେ। କୋଭିଡ ଚାଲିଯିବା ପରେ ଏହି ଭବ୍ୟ ସୌଧଟି ଉଦଘାଟନ ହୋଇଥାନ୍ତା।

ହେଲେ ପରବର୍ତ୍ତୀ ସମୟରେ ଏହି କୋଠା ସହିତ ଜମିଟିକୁ ମେ ଫେୟାର ହୋଟେଲ ହାତରେ ଟେକିଦେବାକୁ ହୋଇଥିଲା ଷଡ଼ଯନ୍ତ୍ର। ପ୍ରଥମେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହୋଟେଲକୁ ଦିଆଗଲା। ପରେ କୋଠା ଚାରିପଟେ ଜରିପାଲ ଘେରାଇ ମରାମତି ନାଁରେ କୋଠାଟିକୁ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଗଲା। ପରେ ଏହି ଜମି ନିକଟରେ ଥିବା ଆଉ କିଛି ଜମିକୁ ମିଶାଇ ମେ ଫେୟାର ହାତରେ ଟେକି ଦିଆଗଲା। ହୋଟେଲ ➮ପୃଷ୍ଠା-୬

## ବାଲିଯାତ୍ରାକୁ ମିଳିନି ଜାତୀୟ ମାନ୍ୟତା



**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ନେଇ ସୃଷ୍ଟି ହୋଇଛି ଦ୍ୱନ୍ଦ୍ୱ। ଆଜି ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରକୁ ନେଇ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ବିଜେଡି ରାଜ୍ୟସଭା ସାଂସଦଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସଂସ୍କୃତିମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଥିଲେ ଯେ, ବାଲିଯାତ୍ରା ରାଜ୍ୟର ବଳିଷ୍ଠ ଐତିହ୍ୟ ଓ ସାଂସ୍କୃତିକ ଗାରିମାକୁ ବହନ କରୁଛି। କିନ୍ତୁ ସେ କୌଣସି ସ୍ଥାନରେ ଏହି ଯାତ୍ରାକୁ ଜାତୀୟ ମାନ୍ୟତା ମିଳିବା କଥା କହି ନାହାଁନ୍ତି। ସେହିଭଳି କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଜାରି ପ୍ରେସ ବାର୍ତ୍ତାରେ ମଧ ବାଲିଯାତ୍ରାର ଗାରିମାୟ ଗାଥା ଏବଂ ଗତ ତିନି ବର୍ଷ ଧରି ଏଠାରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ କୁହାଯାଇଛି।

# ବେଲପାଳ ସରପଞ୍ଚ ଚୟନକୁ ନେଇ ଉତ୍ତେଜନା

**ରାଜନଗର, ୬।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବେଲପାଳ ପଂଚାୟତର ସରପଞ୍ଚ ଚୟନକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନର ଆଇନ ବିରୋଧୀ କାର୍ଯ୍ୟକୁ ଲୋକେ ବିରୋଧ କରିଛନ୍ତି। ସରପଞ୍ଚ ତିଳୋତମା ବରାଳ ଡିସେମ୍ବର ୧୧ରେ ଆସ୍ଥା ଭୋଟରେ ପଦ ହରାଇବା ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳ ବେଲପାଳ ପଂଚାୟତର ନାଏବ ସରପଞ୍ଚଙ୍କ ସହିତ ୭ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ଜାନୁୟାରୀ ୨୭ ତାରିଖରେ ପଦରୁ ବହିଷ୍କାର କରିବା ପରେ ବେଲପାଳ ପଞ୍ଚାୟତରେ ଏପରି ସ୍ଥିତି ସୃଷ୍ଟି ହୋଇଛି। ଆଜି ବେଲପାଳ ପଞ୍ଚାୟତରେ ୪ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଦାଇତ୍ୱ ଦେବା ପାଇଁ ଅନୁଷ୍ଠିତ ହେବାକୁ ଥିବା ବୈଠକ ହୋଇପାରିନାହିଁ। ନାଏବ ସରପଞ୍ଚ ଓ ୭ ଜଣ ୱାର୍ଡ ସଭ୍ୟ ସଭ୍ୟା ପଂଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିରହିବା ଓ ପଞ୍ଚାୟତ କାର୍ଯ୍ୟାଳୟକୁ କାହାରିକୁ ନଛାଡିବାରୁ ବୈଠକ ହୋଇ ପାରିନାହିଁ। ଶେଷରେ ପ୍ରଶାସନ ବିଫଳ ହୋଇ ଫେରିଛି।




କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକର ବେଲପାଳ ପଂଚାୟତରେ ଡିସେମ୍ବର ୧୧ ତାରିଖ ଦିନ ସରପଞ୍ଚ ତିଳୋତ୍ତମା ବରାଳ ଅନାସ୍ଥା ଭୋଟରେ ପଦ ହରାଇଥିଲେ। ଅନାସ୍ଥା ଭୋଟରେ ସରପଞ୍ଚ ପଦ ହରାଇବା ପରେ ନାଏବ ସରପଞ୍ଚ ନଳିନୀ କାନ୍ତ କୁଣ୍ଡ ସରପଞ୍ଚ ଦାଇତ୍ୱରେ ରହିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଜାନୁୟାରୀ ୨୭ ତାରିଖ ଦିନ ବେଲପାଳ ପଂଚାୟତର ସରପଞ୍ଚ ଦାଇତ୍ୱରେ ଥିବା ନାଏବ ସରପଞ୍ଚ ନଳିନୀ କାନ୍ତ କୁଣ୍ଡଙ୍କ ସମେତ ୱାର୍ଡ ସଭ୍ୟା ମମତା ମଞ୍ଜରୀ ସେଠୀ, ସନ୍ଧ୍ୟାରାଣୀ ସ୍ୱାଇଁ, ରଙ୍ଗଲତା ଜେନା, ମିନତୀ ପ୍ରଧାନ, ୱାର୍ଡ ସଭ୍ୟ ନାରାୟଣ ଜେନା, କଳ୍ପତରୁ ସାହୁ ପ୍ରମୁଖ ୭ ଜଣ ୱାର୍ଡ ସଭ୍ୟ, ସଭ୍ୟାଙ୍କ ସଭ୍ୟ ପଦ ରଦ୍ଦ କରିଥିଲେ। ଚାରି ମାସ ମଧ୍ୟରେ ପଂଚାୟତରେ ଅନୁଷ୍ଠିତ ୩ଟି ବୈଠକରେ ଏହି ୭ ଜଣ ସଭ୍ୟ ସଭ୍ୟା ଅନୁପସ୍ଥିତ ଥିଲେ। ଲାଗତର ଭାବେ ୩ ଟି ପଂଚାୟତ ବୈଠକରେ ଅନୁପସ୍ଥିତ ଥିବାରୁ ୭ ଜଣଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଜିଲ୍ଲାପାଳ ଚଳିତ ମାସ ୪ ତାରିଖ ଦିନ ବେଲପାଳ ପଂଚାୟତରେ ୪ ଜଣ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ନେଇ ବୈଠକ କରିବା ସହ ୪ ଜଣଙ୍କ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଦାଇତ୍ୱ ଦେବାକୁ ଚିଠି କରିଥିଲେ। ଆଜି ବୈଠକ ପାଇଁ ପଂଚାୟତ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ ନାଏବ ସରପଞ୍ଚ ନଳିନୀ କାନ୍ତ କୁଣ୍ଡଙ୍କ ସମେତ ୭ ଜଣ ୱାର୍ଡ ସଭ୍ୟ, ସଭ୍ୟା ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ପଂଚାୟତ ନିର୍ବାହୀ ଅଧିକାରୀ ଚନ୍ଦ୍ରଭାନୁ ବାରିକ ବୈଠକ ପାଇଁ କାର୍ଯ୍ୟାଳୟ ଖୋଲିବାକୁ ଆସିବା ପରେ ଧାରଣାରେ ବସିଥିବା ୭ ଜଣ ୱାର୍ଡ ସଭ୍ୟସଭ୍ୟା ବାଟ ଛାଡିନଥିଲେ କି ଉଠିନଥିଲେ। ଆରମ୍ଭରୁ ଏସଡିପିଓ କ୍ଷମା ସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନା ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ ମଧ୍ୟ ପଂଚାୟତ କାର୍ଯ୍ୟାଳୟ ଖୋଲି ପାରିନଥିଲେ। ଏହି ଖବର ପାଇ ରାଜନଗର ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ପଟ୍ଟାମୁଣ୍ଡାଇ ତହସିଲଦାର ପଂଚାନନ ନାୟକ ବେଲପାଳ ପଂଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଧାରଣାରେ ବସିଥିବା ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟ ସଭ୍ୟାଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ଉଠିନଥିଲେ। ଆମେ କେଉଁ କାରଣରୁ ଅଯୋଗ୍ୟ ହେଲୁ ଜିଲ୍ଲାପାଳ ଆସି ଆମକୁ ବୁଝାଇ ଦିଅନ୍ତୁ, ତାପରେ ଉଠିବୁ ବୋଲି କହିଥିଲେ। ବେଲପାଳରେ ଉତ୍ତେଜନା ପ୍ରକାଶ ପାଇବାରୁ ପ୍ରଶାସନ ବୈଠକ ନକରି ଫେରିଆସିବାକୁ ବାଧ୍ୟ ହୋଇଛି।

## ଅନୁଜଙ୍କୁ ତେରଗାଁରେ ପୁନଃନିଯୁକ୍ତିକୁ ନେଇ ଅସନ୍ତୋଷ

**ମହାକାଳପଡ଼ା, ୬।୨ (ସଂଚାର ବ୍ୟୁରୋ):** ତେର ଗାଁ ପଞ୍ଚାୟତରେ ଯନ୍ତ୍ରୀ ଭାବରେ ଅନୁଜ କୁମାର ଜେନାଙ୍କୁ ଦାୟିତ୍ୱ ମିଳିଛି। ମହାକାଳପଡ଼ା ପଞ୍ଚାୟତ ସମିତି ୨୪ ଜାନୁଆରୀ ରେ କରିଥିବା ଚିଠିର ଅର୍ଡର ନମ୍ବର ୨୯୫ ରେ ଅନୁଜଙ୍କୁ ତେର ଗାଁ ପଞ୍ଚାୟତର ଯନ୍ତ୍ରୀ ନିଯୁକ୍ତ କରାଯାଇଛି। ହେଲେ ଅନୁଜ ଙ୍କ ପୁନଃ ନିଯୁକ୍ତକୁ ସୂଚନା ଅଧିକାର କର୍ମୀ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁବ୍ରତ ସେଠୀ ଦୃଢ଼ ବିରୋଧ କରିଛନ୍ତି। ତାଙ୍କର କହିବା ମୁତାବକ ଏହି ଯନ୍ତ୍ରୀ ଗତ ବିଧାନସଭା ନିର୍ବାଚନ ସମୟ ପୂର୍ବରୁ ଅର୍ଥାତ୍ ଏପ୍ରିଲ ଓ ମଇ ମାସ ଭିତରେ ଯେତେବେଳେ କି ଆଦର୍ଶ ଆଚରଣବିଧି ଲାଗୁ ହୋଇଥିଲା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଡାଟା ଏଣ୍ଟ୍ରି ଅପରେଟର ପଞ୍ଚାୟତରେ ପ୍ରାୟ ୨୫ ଲକ୍ଷ ଟଙ୍କା ବିଲ୍ କରିଥିବା ଓ ଯେଉଁଥିରେ ଅଧିକାଂଶ ମିଥ୍ୟା ବିଲ୍ କରାଇଥିବା ସେ ଜନଶୁଣାଣି ପୋର୍ଟାଲ ଏମାନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ୬ ଜୁଲାଇ ରେ ସୁବ୍ରତ ସେଠୀ କରିଥିବା ଜନଶୁଣାଣୀ ପୋର୍ଟାଲ ରେ ଟୋକନ ନମ୍ବର ଡିଏମ୨୦୨୪୬୦୦୧୭୨ ରେ ସେ ସମ୍ପୃକ୍ତ କର୍ମଚାରୀ ମାନଙ୍କ ବିରୋଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବିଲ୍ କରାଇଥିବା ଟଙ୍କାକୁ ଫେରାଇ ଅନ୍ୟତ୍ର ବଦଳି ପାଇଁ ଅଭିଯୋଗରେ ଲେଖିଥିଲେ। ସୁବ୍ରତଙ୍କ ଅଭିଯୋଗର କିଛି ମାସ ପରେ ତେର ଗାଁ ପଞ୍ଚାୟତରୁ ଅନୁଜ ଙ୍କୁ ବଦଳି କରିଥିଲା ମହାକାଳପଡ଼ା ପ୍ରଶାସନ। ହେଲେ ଏବେ ପୁନର୍ବାର ତେର ଗାଁ ପଞ୍ଚାୟତକୁ ଅନୁଜ କୁମାର ନାୟକଙ୍କୁ ତେର ଗାଁ ପଞ୍ଚାୟତରେ ନିଯୁକ୍ତ କରିବା ଉପରେ ସୁବ୍ରତ ନାପସନ୍ଦ କରିଛନ୍ତି। ତୁରନ୍ତ ପ୍ରଶାସନ ଏହି ବ୍ୟକ୍ତିଙ୍କୁ ତେର ଗାଁ ପଞ୍ଚାୟତରୁ ବଦଳି କରିବାକୁ ସୁବ୍ରତ ଦାବି କରିଛନ୍ତି।

## ବିଜୟନଗର କୃଷି ସମବାୟ ସମିତିକୁ ଜିଲ୍ଲାପାଳଙ୍କ କାରଣ ଦର୍ଶାଅ ନୋଟିସ୍

**ମହାକାଳପଡ଼ା, ୬।୨ (ସଂଚାର ବ୍ୟୁରୋ):** ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକଙ୍କୁ ଜିଲ୍ଲାପାଳଙ୍କ ତରଫରୁ ୪ ଫେବୃଆରୀ ରେ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଚଳିତ ଖରିଫ ଋତୁ ଧାନ ସଂଗ୍ରହ - ୨୦୨୪ ଅନୁଯାୟୀ ପଞ୍ଜିକୃତ ଚାଷୀଙ୍କ ଧାନ କିଣାରେ ବ୍ୟାପକ ଅନିୟମିତତା ଦର୍ଶାଇ ଏହି ନୋଟିସ୍ ଜାରି ହୋଇଛି। ଅଞ୍ଚଳର ପଞ୍ଜିକୃତ ଚାଷୀଙ୍କ ସ୍ୱାର୍ଥ ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପ୍ରସ୍ତୁତ ଖରିଫ ମାର୍କେଟିଂ ସିଷ୍ଟମ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁଯାୟୀ ସମବାୟ ସମିତିରେ ଧାନ ସଂଗ୍ରହ କାର୍ଯ୍ୟରେ ଅନିୟମିତତା କରିଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଛି। ଉପରୋକ୍ତ ତ୍ରୁଟି ଦୃଷ୍ଟିରୁ, ଏହି କ୍ରୟ କାର୍ଯ୍ୟ ସମୟରେ ଚାଷୀଙ୍କ ସ୍ୱାର୍ଥ ଫେରାଇ ଆଣିବା ପାଇଁ ସମବାୟ ସମିତିର ରେଜିଷ୍ଟ୍ରର ନିର୍ଦ୍ଦେଶାବଳୀ ଅନୁଯାୟୀ ଏବଂ ଆଇନ ପରିସର ମଧ୍ୟରେ ଆପଣଙ୍କ ବିରୁଦ୍ଧରେ କାହିଁକି ଯଥାର୍ଥ ଭାବରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ ନାହିଁ ତାହାର କାରଣ ଦର୍ଶାଅ ନିର୍ଦ୍ଦେଶ ଦିଆଯାଇଛି। ଏହି ସମ୍ବନ୍ଧରେ ପ୍ରଶ୍ନର ଉତ୍ତର ସାତ ଦିନ ମଧ୍ୟରେ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ମଦ ଦୋକାନ ବନ୍ଦ ପାଇଁ ଦାବି

**କେନ୍ଦ୍ରାପଡ଼ା, ୬।୨ (ସଂଚାର ବ୍ୟୁରୋ):** କପାଳେଶ୍ୱର ଗ୍ରାମରେ ଥିବା ମଦବାରକୁ ତୁରନ୍ତ ବନ୍ଦ କରାଯିବା ପାଇଁ କପାଳେଶ୍ୱର ଗ୍ରାମପଞ୍ଚାୟତ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗ୍ରାମପଞ୍ଚାୟତର କପାଳେଶ୍ୱର ଗ୍ରାମରେ 'ଭୋଟେଲ ବରାଳ ଠିପି ଖୋଲା ବିଦେଶୀ ମଦ ବାର' ନାମରେ ଏକ ବାର ରହିଛି। ଜନବସତି ନିକଟରେ ଖୋଲାଯାଇଥିବା ଏହି ମଦ ବାର ସନ୍ନିକଟ ଅଞ୍ଚଳରେ ଗରାପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଉଭିଏମ ଗୋଦାମ, ଶିବାନନ୍ଦ ଆଶ୍ରମ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା, ଆମ୍ବେଦକର ଭବନ, ମା' ଦକ୍ଷିଣକାଳୀ ମନ୍ଦିର, ଗୋପାଳଜୀଉ ମନ୍ଦିର ପ୍ରଭୃତି ରହିଛି। ପ୍ରତିଦିନ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗ୍ରାମବାସୀମାନେ ଏହି ରାସ୍ତା ଦେଇ ଯିବା ଆସିବା କରିଥାନ୍ତି। ମଦୁଆମାନେ ନିଶା ଖାଇ ନିଶାଶକ୍ତ ଅବସ୍ଥାରେ ସେହି ରାସ୍ତା ଦେଇ ଯାଉଥିବା ମହିଳା, ବାଳକ ଓ ବାଳିକାମାନଙ୍କୁ ଅସଦବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଏଥିସହିତ ମଦୁଆମାନେ ଅନେକ ସମୟରେ ସେହି ରାସ୍ତାରେ ମଦ ବୋତଲ ଭାଙ୍ଗି ପକାଇବା ଓ ମାରପିଟ କରିବା ଭଳି ଘଟଣା ମାନ ଘଟୁଥିବାରୁ ସେହି ରାସ୍ତା ଦେଇ ଲୋକମାନେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ସେହି ରାସ୍ତାଦେଇ ଯାଉଥିବା କଲେଜ ଛାତ୍ରଛାତ୍ରୀମାନେ ମଧ୍ୟ ମଦୁଆଙ୍କ ପାଇଁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ତେଣୁ ସେହି ମଦ ବାରକୁ ବନ୍ଦ କରି ଦିଆଯିବା ବା ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି।

## ଅକାଳରେ ଝରିଗଲା ଶିକ୍ଷୟିତ୍ରୀଙ୍କ ଜୀବନ

**କେନ୍ଦ୍ରାପଡା, ୬।୨ (ସଂଚାର ବ୍ୟୁରୋ):** ଜଣେ ଗରିବ ଘରର ଝିଅକୁ ବିବାହ କରି ହତ୍ୟା କରାଯାଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ବଡ଼ ପୁଅର ମଙ୍ଗଳ ଦୋଷ କାଟିବାକୁ ଏଭଳି ଷଡ଼ଯନ୍ତ୍ର ରଚାଯାଇଥିଲା। ଏମିତି ଏକ ଅଭାବନୀୟ ଘଟଣା ଗରଦପୁର ବ୍ଲକର କୁଦାନଗରୀ ଥାନା ଅଧୀନ କରିଲୋପାଟଣାର ତଳଗାଁ ଅଞ୍ଚଳରେ ଦେଖିବାକୁ ମିଳିଛି।



ପୁଅର ମଙ୍ଗଳ ଦୋଷ କାଟିବାକୁ ରଚାଯାଇଥିଲା ଷଡ଼ଯନ୍ତ୍ର

ଗରିବ ଝିଅ ବୋଲି ମାରିଦେଲେ

ଉକ୍ତ ଥାନା ଅଧୀନରେ ଥିବା ମାହାଳର ୩୧ ବର୍ଷୀୟ ଶିକ୍ଷୟତ୍ରୀ ସୁ ଭ । ଷି ନ । ନାୟକଙ୍କ ସହିତ ତଳଗାଁ ଅଞ୍ଚଳର ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ଗତବର୍ଷ ମଇ ୧୦ ତାରିଖରେ ବୈଦିକ ପରମ୍ପରା ଅନୁଯାୟୀ ଉଭୟଙ୍କ ବିବାହ ହୋଇଥିଲା । ବିବାହର କିଛିଦିନ ପରେ ତାଙ୍କୁ ଯୌତୁକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି । ବିବାହ ପୂର୍ବରୁ ସେ ହସଖୁସରେ ଜୀବନ ବିତାଉଥିଲେ । ହେଲେ ବିବାହର ୮ ଦିନ ପରେ ତାଙ୍କ ଜୀବନରେ ଦୁଃଖର କୁହୁଡି ମାଡ଼ି ଆସିଲା । ଏହାପରେ ଜ୍ୱାଇଁର ମଙ୍ଗଳ ଦୋଷ ଥିବା ନେଇ ସୁଭାଷିନୀଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ । ସେଥିପାଇଁ ସୁଭାଷିନୀ ଏକଦମ ଚୁପଚାପ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ଏହାପରେ ସୁଭାଷିନୀଙ୍କୁ ନିର୍ଯାତନା ଦେବା ଆରମ୍ଭ ହୋଇଥିଲା । ସେ ଏକଦମ ଭାଙ୍ଗି ପଡ଼ିଲେ । ପୁଅ ଦିବ୍ୟଜ୍ୟୋତିଙ୍କୁ ଦ୍ୱିତୀୟ ବିବାହ କରାଇବାକୁ ଏହା ଏକ ଷଡ଼ଯନ୍ତ୍ର ଥିଲା ବୋଲି ସୁଭାଷିନୀ ଜାଣିବାକୁ ପାଇଥିଲେ ବୋଲି ତାଙ୍କ ଭାଇ ନୀଳାଦ୍ରିନାଥ ନାୟକ କହିଛନ୍ତି ।

ପିଲାଟି ବେଳୁ ସେ ତାଙ୍କ ମାଙ୍କୁ ହରାଇଥିଲେ। ବାପାଙ୍କ କିଛି ରୋଜଗାର ନାହିଁ। ଟ୍ୟୁସନ କରି ଘର ଚଳାଇ ସହ ପାଠ ପଢ଼ିଥିଲା। ଏହାପରେ ଘର ନିକଟରେ ଥିବା ଏକ ଘରୋଇ ବିଦ୍ୟାଳୟରେ କମ ବେତନରେ ଚାକିରୀ କରି ନିଜ ପରିବାର ପ୍ରତିପୋଷଣ କରିବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିଥିଲେ। ଏହି ସମୟରେ ଗରିବୀର ଫାଇଦା ଉଠାଇ ପୁଅର ମଙ୍ଗଳ ଦୋଷ କାଟିବାକୁ ଦିବ୍ୟଜ୍ୟୋତିଙ୍କ ପରିବାର ଷଡ଼ଯନ୍ତ୍ର ରଚିଥିଲେ ବୋଲି ଅଭିଯୋଗ ହୋଇଛି । ଗତ ବୁଧବାର ତାଙ୍କର ମୃତ୍ୟୁ ହୋଇଛି । ଖାଦ୍ୟରେ ବିଷ ଦିଆଯାଇ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ କୁଦାନଗରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବ୍ଲକସ୍ତରୀୟ କିଶୋରୀ ଓ କିଶୋରମାନଙ୍କର ପ୍ରତିଭା ପ୍ରଦର୍ଶନ

**କେନ୍ଦ୍ରାପଡ଼ା, ୬।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ସଦଭାବନା ଗୃହଠାରେ ଗୁରୁବାର କେନ୍ଦ୍ରାପଡ଼ା ବ୍ଲକ ସମନ୍ୱିତ ଶିଶୁବିକାଶ ବିଭାଗ ପକ୍ଷରୁ ବ୍ଲକ ସ୍ତରୀୟ କିଶୋରୀ ଓ କିଶୋର ମାନଙ୍କର ଏକ ପ୍ରତିଭା ପ୍ରଦର୍ଶନ "ଟ୍ୟାଲେଣ୍ଟ ହଣ୍ଟ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକର ୧୧ଟି ସେକ୍ଟରରୁ ପ୍ରାୟ ୬୦ରୁ ଉର୍ଦ୍ଧ, ଦଶ ବର୍ଷରୁ ଉଣେଇଶି ବର୍ଷ ମଧ୍ୟରେ ଉଭୟ ବାଳକ ଓ ବାଳିକାମାନେ ଯୋଗଦେଇ ବକ୍ତୃତା, ରଚନା/ ପ୍ରବନ୍ଧ, ନୃତ୍ୟ, ସଙ୍ଗୀତ ଓ ଝୋଟି ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଝିଅମାନେ ହେଲେ ଅନନ୍ୟ, ସେମାନେ ହେଲେ କନ୍ୟାରତ୍ନ ସେମାନଙ୍କର ବିକାଶ, ସୁରକ୍ଷା ଓ ଦକ୍ଷତା ବୃଦ୍ଧି କରିବା ସହିତ ସେମାନଙ୍କର ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କେନ୍ଦ୍ରାପଡ଼ା ବ୍ଲକ ଅଧକ୍ଷ୍ୟା ରଶ୍ମିତା ସେଠୀ, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ମହିଳା ଏବଂ ଶିଶୁ ବିକାଶ ଅଧିକାରିଣୀ ମନରୋମା ସ୍ୱାଇଁ, ବ୍ଲକ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ଶିଶୁ ବିକାଶ ଅଧିକାରୀଣୀ ସୁଜାତା ତ୍ରିପାଠୀ, ଶିଶୁ ବିକାଶ ଅଫିସର ପ୍ରୋଗ୍ରାମ ଅଧିକାରୀଣୀ ଭାରତୀ ବେହେରା, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା), ମନୋରଂଜନ ଦାସ ଏହି ଅବସରରେ ଯୋଗଦେଇ ମତବ୍ୟକ୍ତ କରିଥିଲେ ।

### ମହାକାଳପଡ଼ା ଯୋଗାଣ ବିଭାଗରେ ଅଡୁଆ ପାଠ

## ଏସଏଚଜି ଆକାଉଣ୍ଟ୍ ବ୍ୟକ୍ତିଗତ ଦର୍ଶାଇ ସୂଚନା ଦେଲେନି

**ମହାକାଳପଡ଼ା, ୬।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ଯୋଗାଣ ବିଭାଗ ପ୍ରଦାନ କରିଥିବା ତଥ୍ୟକୁ ନେଇ ଉଦବେଗ ପ୍ରକାଶ ପାଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଆକାଉଣ୍ଟକୁ ଯାଇଥିବା ଅର୍ଥରାଶିର ସୂଚନା ନଦେଇ ତାହାକୁ ବ୍ୟକ୍ତିଗତ ଦର୍ଶାଇ ସୂଚନା ନଦେବା ପରେ ବ୍ୟାପକ ଅନିୟମିତତା ହୋଇଥିବା ଆଶଙ୍କା କରିଛନ୍ତି ସୂଚନା ଅଧିକାର କର୍ମୀ। ଏହି ଅନିୟମିତତାରେ ବିଭାଗୀୟ କର୍ତ୍ତୃପକ୍ଷ ସାମିଲ୍ ଥିବା ସେ ଗଣମାଧ୍ୟମକୁ କହିଛନ୍ତି। ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ରାମନଗର ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀ ଅମିତାଭ ଚାନ୍ଦ ମହାକାଳପଡ଼ା ବ୍ଲକ ଯୋଗାଣ ବିଭାଗକୁ ଖାଦ୍ୟ ଯୋଗାଣ ଓ ଆର୍ଥିକ ଅନୁଦାନ ସମ୍ପର୍କିତ ତଥ୍ୟ ମାଗିଥିଲେ। ମହାକାଳପଡ଼ା ଯୋଗାଣ ବିଭାଗ ଅଧିନରେ ମୋଟ କେତେ ଗୋଟି ଏସଏଚଜି ରାସନ୍ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଅଛନ୍ତି, ସେମାନଙ୍କ ସଭାପତି ସମ୍ପାଦକଙ୍କ ନାମ, ଏସଏଚଜି ଆକାଉଣ୍ଟ ନମ୍ବର ଓ ସେମାନଙ୍କ ଆକାଉଣ୍ଟ୍‌କୁ କେତେ ଲେଖାଏଁ ଟଙ୍କା ଅନୁଦାନ ଯାଇଛି ତାହାର ସୂଚନା ମାଗିଥିଲେ ଅମିତାଭ। ହେଲେ ଅନ୍ୟ କେତେକଙ୍କ ତଥ୍ୟ ମହାକାଳପଡ଼ା ଯୋଗାଣ ବିଭାଗଙ୍କ ତରଫରୁ ଦିଆଯାଇଛି ହେଲେ ଏସଏଚଜିର ଆକାଉଣ୍ଟକୁ ଟଙ୍କା କେତେ ଲେଖାଏଁ ଯାଇଛି ତାହାକୁ ବ୍ୟକ୍ତିଗତ ଦର୍ଶାଇ ସୂଚନା ଦେଉନାହାଁନ୍ତି। ଯାହାକୁ ନେଇ ଅମିତାଭ ଯୋଗାଣ ଅଧିକାରୀଙ୍କ ଉପରେ ସନ୍ଦେହ କରିଛନ୍ତି। ଏସଏଚଜି ଏକାଉଣ୍ଟକୁ ଯଦି ଟଙ୍କା ବିଭାଗ ତରଫରୁ ଯାଉଛି ତାହା ଜଏଣ୍ଟ ଆକାଉଣ୍ଟକୁ ଯାଇଥିବ, ହେଲେ ତାହା ବ୍ୟକ୍ତିଗତ କିପରି ବୋଲି ପ୍ରଶ୍ନ କରିଛନ୍ତି ଅମିତାଭ। ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଅଧିକାର ଅଭିଯାନର ଆବାହକ ପ୍ରତାପ ମହାନ୍ତି କହିଛନ୍ତି ବିଭାଗୀୟ ଅଧିକାରୀଙ୍କ ଗୁମର ଖୋଲିଯିବା ଭୟରେ ଲୋକସୂଚନା ଅଧିକାରୀ ଚତୁରତା ସହ ସୂଚନା ଦେବାକୁ ଲେଖିଛନ୍ତି। କେଉଁ ଏସଚଜିକୁ କେତେ ଟଙ୍କା ଲେଖାଁଏ କମିଶନ୍ ସରକାରଙ୍କ ତରଫରୁ ଦିଆଯାଉଛି ତାହା ଜାଣିବାର ଅଧିକାର ସମସ୍ତଙ୍କର ରହିଛି। ଏହାକୁ ବ୍ୟକ୍ତିଗତ କହିବା ସୂଚନା ଅଧିକାର ଆଇନର ଅବମାନନା।

## ଅଗ୍ନିକାଣ୍ଡରେ ପରିବାର ସର୍ବସ୍ୱାନ୍ତ

**ମହାକାଳପଡ଼ା, ୬।୨ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଟିକରପଙ୍ଗା ପଞ୍ଚାୟତ ନାରାୟଣପୁର ଗ୍ରାମର ମାତା ମଲ୍ଲିକଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଛି। ଧାନ ଚାଉଳ,ଲୁଗାପଟା, ଦରକାରୀ କାଗଜପତ୍ର ସୁନା ଗହଣା ସମେତ କଂସାବାସନ, ଟଙ୍କା ପଇସା ଓ ନିତ୍ୟ ବ୍ୟବହାର୍ଯ୍ୟ ଆସବାବପତ୍ର ମଧ୍ୟ ଜଳି ଯାଇଛି। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ପରିବାର ଏବେ ଖୋଲା ଆକାଶ ତଳେ ବେସାହାରା



ଜଳିଗଲା ଧାନ, ଚାଉଳ ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ

ସାଂସଦ ବଢାଇଲେ ସହାୟତା

ସହଯୋଗ ଲୋଡ଼ିଲେ ପରିବାର

ହୋଇ ପଡିଛନ୍ତି। ନା ତାଙ୍କ ପାଖରେ ଖାଇବା ପାଇଁ ଖାଦ୍ୟ ଅଛି ନା ପିନ୍ଧିବାକୁ ଲୁଗାପଟା। ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ସାମିଲ ହୋଇନଥିବା ପରିବାର ମାଟି ଘରେ ମାଆ ଝିଅ ଦୁହେଁ ରହୁଥିଲେ। ଗ୍ରାମବାସୀ ଓ ଅଗ୍ନିଶମ ବାହିନୀ ସହାୟତାରେ ନିଆଁ ଲିଭାଯାଇଥିଲା। ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ତଦନ୍ତ କରିବା ସହିତ ପାଲ ଖଣ୍ଡିଏ ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଗଭୀର ସମବେଦନା ଜଣାଇବା ସହିତ କାର୍ଯ୍ୟକର୍ତ୍ତା ମାନଙ୍କ ମାଧ୍ୟମରେ ବୈଜୟନ୍ତଙ୍କ ସହାୟତା ପ୍ରଦାନ କରାଯାଇଛି। ଯଥାଶୀଘ୍ର ସରକାରୀ ସହାୟତା ଓ ଆବାସ ଯୋଜନା ରେ ଘର ଖଣ୍ଡିଏ ଯୋଗାଇ ଦେବାକୁ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ଗ୍ରାମବାସୀ ଦାବି କରିଛନ୍ତି। ବେସାହାରା ପରିବାର ଏବେ ଖୋଲା ଆକାଶ ତଳେ ପାଲ ତଳେ ରହିଛନ୍ତି। ସେମାନଙ୍କୁ ସହୃଦୟ ବ୍ୟକ୍ତି ଓ ସାମାଜିକ ସଙ୍ଗଠନ ମାନଙ୍କ ସହଯୋଗ ପାଇଁ ନିବେଦନ କରିଛନ୍ତି ମାତା।

# କଟନୀ ଛଟନୀକୁ ବିରୋଧ କରି ଜିଲ୍ଲାପାଳ ଅଫିସ୍ ଘେରାଉ

**ଖୋର୍ଦ୍ଧା, ୬।୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି । ଧାନର ଏଫଏକ୍ୟୁ ମାନ ନଥିବା ଦର୍ଶାଇ ମନଇଚ୍ଛା



କଟନୀ ଛଟନୀ କରାଯାଉଛି । ସାଧାରଣ ମାନ ଧାନ ଉପରୁ ବେଆଇନ୍ ଭାବେ ୫ କେଜି ଓ ସ୍ଥଳ ବିଶେଷରେ ୧୦, ୧୨ ଓ ୨୪ କେଜି ଧାନ କାଟ ନେଇ ତାତିଛି ନବନିର୍ମାଣ କୃଷକ ସଂଗଠନ । ଆଜି ବେଆଇନ୍ ଧାନ କାଟକୁ ନେଇ ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିଥିଲା ସଂଗଠନ।

ସିଏସଓଙ୍କ ବଦଳି ଦାବି

ପ୍ରଥମେ ସ୍ଥାନୀୟ ବାଟ ମଙ୍ଗଳା ମନ୍ଦିରରେ ସଂଗଠନର ଯୁବଛାତ୍ର ରାଜ୍ୟ ସଭାପତି ମନୱର ଅଲ୍ଲୀଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚାଷୀମାନେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସରେ ପହଁଚିଥିଲେ। ସେଠାରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ବିକ୍ଷୋଭକାରୀ ଚାଷୀମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ଧାନ ସଂଗ୍ରହ ନାଁରେ ମିଲରଙ୍କ ଅଘୋଷିତ ଲୁଣ୍ଠନ ଚାଲିଛି। ମିଲରମାନେ ମନଇଚ୍ଛା, ପ୍ରଶାସନ ଓ ଏଫଏକ୍ୟୁ ଧାନ ମାନ ନୁହେଁ ବୋଲି କହି ଧାନ କାଟୁଛନ୍ତି। ଯୋଗାଣ ନିୟମର ମାର୍ଗଦର୍ଶିକା ଅନୁଯାୟୀ ଧାନ କିଣା ଯାଉନାହିଁ। ଏଆରସିଏସ୍, ସିଏଫଓ ପ୍ରତି ବ୍ଲକର ନୋଡ଼ାଲ ଅଫିସର ମାନେ ମଣ୍ଡି ପରିଦର୍ଶନରେ ଯାଉନାହାଁନ୍ତି। ଜିଲ୍ଲା ପ୍ରଶାସନ ମଣ୍ଡି ତଦାରଖ ନ କରିଥିବାରୁ ମିଲରମାନେ ଚାଷୀଙ୍କ ରକ୍ତ ଶୋଷୁଛନ୍ତି ।

ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ, ଧାନ ସଂଗ୍ରହ ପ୍ରକ୍ରିୟାକୁ ମିଲରମାନ ନିୟନ୍ତ୍ରଣ କରିବାକୁ ବିରୋଧ କରାଯିବ । ଖୋର୍ଦ୍ଧା ଭଳି ଜିଲ୍ଲାରେ ସମସ୍ତ ଚାଷୀଙ୍କ ଠାରୁ ୫ କେଜି ଧାନ କାଟ ଲଜ୍ୟା ଜନକ । ଯୋଗାଣ ଅଧିକାରୀ ମିଲରମାନଙ୍କ ସହ ମିଶି ମିଲ୍ ଭଗତ ନ୍ୟାୟରେ ଧାନ ଲୁଟି ଚାଲିଛନ୍ତି । ସ୍ଥାନୀୟ ସିଏସଓ ଏହାର ପୃଷ୍ଠ ପୋଷକ ହୋଇଥିବାରୁ ତାଙ୍କୁ ତୁରନ୍ତ ଏଠାରୁ ବଦଳି ଓ ବହିଷ୍କାର କରାଯାଉ ।

ଆନ୍ଦୋଳନ ସ୍ଥଳକୁ ଅତିରିକ୍ତ ଜିଲ୍ଲାପାଳ ଆସି ଚାଷୀ ମାନଙ୍କର ଦାବୀ ବୁଝିବା ସହ ଯେଉଁ ଯେଉଁ ଅଂଚଳରେ ଧାନ କାଟ ହୋଇଛି ସେହି ଅଂଚଳରେ ଚାଷୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ପ୍ରତିଶୃତି ଦେବାରେ ପ୍ରତିବାଦରୁ ଓହରିଥିଲେ ଚାଷୀ । କାର୍ଯ୍ୟାନୁଷ୍ଠାନ କରୁନଥିଲେ ।

### ରାଜକନିକା କପ କ୍ରିକେଟ ତୃତୀୟ ଦିନ

## ଖରାଖାଇ ଆଜି ଫାଇନାଲ୍‌ରେ

**ରାଜକନିକା, ୬।୨ (ସଂଚାର ବ୍ୟୁରୋ):** ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆର. ଏନ. ହାଇସ୍କୁଲ ମିନି ଷ୍ଟାଡିଅମରେ ଚାଲିଥିବା ରାଜକନିକା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖରାଖାଇ କ୍ଲବ ଆଜି ନୃସିଂହନାଥ କ୍ଲବ




ଭାମଣ୍ଡାକୁ ୫ ଉଇକେଟରେ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଭାମଣ୍ଡା ପ୍ରଥମେ ବ୍ୟାଟିଂ କରି ୨୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୫ ରନ କରିଥିବା ବେଳେ ଆଜି ୧୮.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲାଭ କରିଥିଲା।

ଏହି ଖେଳରେ ମୁଖ୍ୟ ଅତିଥି ଭାବେ ରାଜକନିକା ବିଡ଼ିଓ କୈଳାସ ଚନ୍ଦ୍ର ମହାଳିକ, ସ୍ୱତନ୍ତ୍ର ଅତିଥି ଭାବେ ଗୁଗୁଲି କଲେକ୍ସନ ର ପ୍ରୋପାଇଟର ଚିତ୍ତରଞ୍ଜନ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ବିଚିତ୍ର କୁମାର ଦାସ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହେବା ସହ ବିଜେତା ଦଳର ରାଜକିଶୋର ଦଳାଇଙ୍କୁ କଣ୍ଟପଡା ରୁପରଙ୍ଗ ଷ୍ଟୁଡ଼ିଓ ପ୍ରଦତ୍ତ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଆସୋସିଏସନର ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ, କ୍ରିକେଟ ସମ୍ପାଦକ ବିକ୍ରମ କେଶରୀ ପରିଡା, ଯୁଗ୍ମ ସମ୍ପାଦକ ଡ଼. ଫକୀର ଚନ୍ଦ୍ର ପ୍ରଧାନ, , ମିଡ଼ିଆ ସମ୍ପାଦକ ଅଜୟ ରାଉତ,,ଗୋଲକ ୱିହାରୀ ମଲ୍ଲିକ, ବାସୁଦେବ ବେହେରା ମିର୍ଜା ଇବ୍ରାହିମ ବେଗ, ପର୍ଶୁରାମ ସାହୁ,ଅକ୍ଷୟ ନାଥ,ପ୍ରଶାନ୍ତ ସାହୁ, ବେଣୁ ଧର ପରିଡା ସୋମିୟ କାନ୍ତ ନାୟକ, ପ୍ରହ୍ଲାଦ ଜେନା, ପ୍ରଶାନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ବିପ୍ଳବ ବେହେରା ଦିବ୍ୟସିଂ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ।

### ଓଲାଭର କପ କ୍ରିକେଟ ଦ୍ୱିତୀୟ ଦିନ

## ଇଞ୍ଜନପୁର ଟିମ୍ ବିଜୟୀ

**ରାଜକନିକା, ୬।୨ (ସଂଚାର ବ୍ୟୁରୋ):** ଓଲାଭର ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ କାଳୀ ପଡ଼ିଆ ଠାରେ ଚାଲିଥିବା ୨୪ତମ ଓଲାଭର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ୨ୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜାଗୁଲାଇ କ୍ଲବ ଇଞ୍ଜନପୁର ନୃସିଂହ ନାଥ କ୍ଲବ ଭାମଣ୍ଡା କୁ ୬ ଉଇକେଟ ରେ ପରାସ୍ତ କରି



ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ରେ ପ୍ରବେଶ କରିଛି । ଭାମଣ୍ଡା ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ୍ ସଂଗ୍ରହ କରିଥିବା ବେଳେ ଇଞ୍ଜନପୁର ୪ଉଇକେଟ ହରାଇ ୮୧ ରନ କରି ବିଜୟ ଲାଭ କରିଥିଲା । ଏହି ଖେଳରେ ମୁଖ୍ୟ ଅତିଥି ଭାବେ ନହୁଣୀ ପଞ୍ଚାୟତ ର ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ,ସମ୍ମାନିତ ଅତିଥି ଭାବେ ଓଲାଭର ଯୁବକ ସଂଘର ସମ୍ପାଦକ ଶ୍ରୀନିବାସ ଓଝା, ଓଲାଭର ଗ୍ରାମ୍ୟ ବ୍ୟାଙ୍କ ର ଶାଖା ପରିଚାଳକ ସୁନୀଲ କୁମାର ଦାସ, ଓଲାଭର ପଞ୍ଚାୟତର ସମିତି ସଭ୍ୟ ଦେବବ୍ରତ ନାୟକ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କ ସହିତ ପରିଚିତ ହେବା ସହ ବିଜେତା ଦଳର ଯୋଶେବ ବେହେରା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଆସୋସିଏସନର ସଭାପତି ଅରୁଣ କୁମାର ବାରିକ, ପ୍ରାକ୍ତନ ସମ୍ପାଦକ ଅକ୍ଷୟ କୁମାର ନାଥ,ସମ୍ପାଦକ ପ୍ରୟାଗ ନାୟକ, ସହ ସମ୍ପାଦକ ସତ୍ୟ ପ୍ରକାଶ ଜଗତି,ସେକ ହାସୀମ,ସଞ୍ଜୟ ପୃଷ୍ଟି, ରାଖାଲ ଦେ, ମାନସ ନାୟକ ଓ ମିଳନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ । ଉମାକାନ୍ତ ସେଠୀ ଓ ପ୍ରଭାତ ଦାସ ଖେଳ ପରିଚାଳନା କରିଥିବା ବେଳେ ଉମେଶ ଚନ୍ଦ୍ର ଧାରା ବିବରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ପଟ୍ଟାମୁଣ୍ଡାଇ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ

**ପଟ୍ଟାମୁଣ୍ଡାଇ, ୬।୨ (ସଂଚାର ବ୍ୟୁରୋ):** ଗ୍ରାମାଞ୍ଚଳର ବିକାଶ ପାଇଁ ଓଡିଶା ସରକାରଙ୍କ ନୂତନ ପରିକଳ୍ପନା ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ମନୋଜ୍ଞ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ସାଂସଦ ପ୍ରତିନିଧି ସୁନାକାର ବେହେରା, ବିଡ଼ିଓ ଶୁଭ୍ରାଂଶୁ ସାହୁ, ଅତିରିକ୍ତ ବିଡ଼ିଓ ସନ୍ତୋଷ ମନ୍ତ୍ରୀ, ଜିଲ୍ଲା କର୍ମନିଯୁକ୍ତି ଅଧିକାରୀ ଘନଶ୍ୟାମ ସା,ବ୍ଲକ ସହନିର୍ବାହୀଯନ୍ତ୍ରୀ ରୋଜାଲିନ ମହାଳିକ, ବ୍ଲକ ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର, କତୃଶେଷ ବ୍ରହ୍ମା,ସି ଡି ପି ଓ ଲକ୍ଷ୍ମୀପ୍ମଣି ସିଂ,ଜି ପି ଡି ଓ ପିତାମ୍ବର ଜେନା, ଏସ ଏସ ଓ ସୁଧାଂଶୁ ପ୍ରଧାନ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ,ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଂଚାୟତର ସରପଞ୍ଚ ସମିତି ସଭ୍ୟ, ପି ଇ ଓ, ଜି ଆର ଏସ, ଅଙ୍ଗନବାଡି କର୍ମୀ ଓ ସହସ୍ରାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

ଏକ ପ୍ରୋଜେକ୍ଟର ମାଧ୍ୟମରେ ନୂତନ ଯୋଜନାର ଲୋକାର୍ପଣ ପାଇଁ ଖୋର୍ଦ୍ଧା ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପଂଚାୟତରାଜ ଓ ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକଙ୍କ ସମେତ ଉପସ୍ଥିତ ବିଧାୟକ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ରାଜ୍ୟ ସରକାରଙ୍କ ନୂତନ ପରିକଳ୍ପନା ବିକଶିତ ଗାଁ ବିକଶିତ ଓଡିଶା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଯୋଜନାରେ ୫ବର୍ଷ ପାଇଁ ୫ହଜାର କୋଟି ବ୍ୟୟବରାଦ କରାଯାଇ ପ୍ରତ୍ୟେକ ଗାଁର ଶିକ୍ଷା, ଗମନାଗମନ, କ୍ରୀଡା, ପର୍ଯ୍ୟଟନ ସମେତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ ଯୋଜନା କରାଯାଇଥିବା ଓ ଏହା ଦ୍ୱାରା ଯଥେଷ୍ଟ କର୍ମନିଯୁକ୍ତି ସହ ଜନସାଧାରଣଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆସିପାରିବ ବୋଲି ପ୍ରକାଶ କରିଥିଲେ। ଶେଷରେ ପି ଇ ଓ ପ୍ରଭାତ ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

## ରୋଗ ଯନ୍ତ୍ରଣା ଅସହ୍ୟ, ଛାତରୁ ଡ଼େଇଁ ପଡିଲେ ରୋଗୀ




**ଆନନ୍ଦପୁର,୬।୨(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡାଇଲେସିସ କଷ୍ଟ ସହି ନ ପାରି ଜଣେ ରୋଗୀ ମେଡିକାଲ ଛାତ ଉପରୁ ଡେଇଁ ଜୀବନ ହାରିଛନ୍ତି। ମିଳିଥିବା ସୂଚନା ମୁତାବକ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ ହେଲା କଣ୍ଟିପାଳ ମଠସାହି ଗାଁର ବିଜୟ ବେହେରା କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଡାଇଲେସିସ ହେଉଥିଲେ। ହେଲେ ଦିନକୁ ଦିନ ପରିବାର ପରିସ୍ଥିତି ସହିତ ରୋଗ କଷ୍ଟ ଅସହନୀୟ ହୋଇପଡିଥିଲା। ଗୁରୁବାର ବିଜୟ ମେଡିକାଲକୁ ଡାଇଲେସିସ ହେବା ପାଇଁ ଆସିଥିଲେ। ହେଲେ ମେଡିକାଲର କୌଣସି କର୍ମଚାରୀ ଆସି ନ ଥିଲେ। ଏହାର ସୁଯୋଗ ନେଇ ବିଜୟ ତାଙ୍କ ସ୍ତ୍ରୀଙ୍କୁ ଜଳଖିଆ ଆଣିବାକୁ ପଠାଇ ଥିଲେ। ପରେ ସେ ଛାତ ଉପରୁ ଯାଇ ତଳକୁ ଡେଇଁ ପଡିଥିଲେ। ବିଜୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଚିକିତ୍ସା କରାଯାଉଥିଲା। ସେତିକିବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଗଙ୍ଗୁଆ, ଦୟା ଓ ଚିଲିକା ସୁରକ୍ଷା ପାଇଁ ଗଣସମ୍ମିଳନୀ

# ଦୟାକୁ ଛଡ଼ାଯିବନି ଗଙ୍ଗୁଆ ବିଷାକ୍ତ ପାଣି

- ଆବଶ୍ୟକ ପଡ଼ିଲେ ଲୋକେ ବାନ୍ଧିବେ ବନ୍ଧ
- ଦୟା ଓ ଚିଲିକାକୁ ପ୍ରଦୂଷଣମୁକ୍ତ ପାଇଁ ନ୍ୟାୟିକ ଲଢ଼େଇ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଦୟା କୂଳରେ ଥିବା କଣାସ ଅଞ୍ଚଳରେ ୬ ଜଣଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହେବା ସହ ଉକ୍ତ ଅଞ୍ଚଳରେ କଲେରା ବ୍ୟାପିବା ପରି ସମ୍ବେଦନଶୀଳ ସ୍ଥିତି ମଧ୍ୟ ଉପୁଜିଛି। ଏହା ଜଳ ପ୍ରଦୂଷଣଜନିତ ସମସ୍ୟା ହୋଇଥିବାରୁ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ସକାଶେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଯଦି ଏହା ସତ୍ତ୍ୱେ ବି ନ୍ୟାୟ ନ ମିଳେ, ତା'ହେଲେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣସତ୍ୟାଗ୍ରହ କରିବା ସକାଶେ ଚେତାବନୀ ଦେଇଛି ଗଙ୍ଗୁଆ, ଦୟା ଓ ଚିଲିକା ବଞ୍ଚାଅ ସମ୍ମିଳନୀ। ଆଜି ଏଠାରେ ଆୟୋଜିତ ଏକ ଗଣସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଚିଲିକା ବଞ୍ଚାଅ ଅଭିଯାନ, ଦୟା ସୁରକ୍ଷା ଅଭିଯାନ ତଥା ଗଙ୍ଗୁଆ ବଞ୍ଚାଅ ଆନ୍ଦୋଳନର ସଦସ୍ୟମାନେ ଯୋଗଦେଇଥିଲେ। ଏହାଛଡ଼ା ଦୟା ନଦୀ ଓ ଚିଲିକା ତଟର ପ୍ରଭାବିତ ଅଞ୍ଚଳର ବାସିନ୍ଦା, ବୁଦ୍ଧିଜୀବୀ, ବିଶେଷଜ୍ଞ ତଥା ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ସମ୍ପ୍ରତି ଗଙ୍ଗୁଆ, ଦୟା ଓ ଚିଲିକାର ମାତ୍ରାଧିକ ପ୍ରଦୂଷଣକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ସଭା ୬ ଜଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମହାନଦୀ ବଞ୍ଚାଅ ଆନ୍ଦୋଳନ ର ଆବାହକ ଭିତ୍ତିପତ୍ର ଉପସ୍ଥାପନ କରିବା ପରେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ ବିନାୟକ ରଥ, ବିଶିଷ୍ଟ ପରିବେଶବିତ ଡ ଜୟକୃଷ୍ଣ ପାଣିଗ୍ରାହୀ, କଂଗ୍ରେସ ନେତା ଶିବାନନ୍ଦ ରାୟ, ସିପିଆଇଏମଏଲ ନେତା ଯୁଧିଷ୍ଠିର ମହାପାତ୍ର, ସିପିଏମ ନେତା ପ୍ରଦୀପ୍ତ ନାୟକ, ପ୍ରୟାସ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଜଗଦେବ, ଚିଲିକା ମତ୍ସ୍ୟଜୀବୀ ମହାସଂଘର ଆଦିକନ୍ଦ ଶ୍ରୀଚନ୍ଦନ, ଅନାଦି ବେହେରା, ଦୟା ସୁରକ୍ଷା ଅଭିଯାନର ଅଶୋକ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ, ଡ ପ୍ରଦୀପ ତରାଇ, ବିଜୟ ପ୍ରଧାନ, ବାନାମ୍ବର ଦାସ, ପ୍ରସନ୍ନ ବିଶୋଇ, କିଶନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସମ୍ପ୍ରତି ଦୟା, ଗଙ୍ଗୁଆ ଓ ଚିଲିକାର ପ୍ରଦୂଷଣକୁ ନେଇ ଘୋର ଉଦବେଗ ପ୍ରକାଶ କରିବା ସହ ଏହାର ସମାଧାନ ପାଇଁ କଡ଼ା ଆଭିମୁଖ୍ୟ ଗ୍ରହଣ ପାଇଁ ଦାବି କରିଛନ୍ତି। ଏହି ଅବସରରେ ଦୟା, ଗଙ୍ଗୁଆ ଓ ଚିଲିକାର ସୁରକ୍ଷା ପାଇଁ ବ୍ୟାପକ ଜନଆନ୍ଦୋଳନ ସହ ନ୍ୟାୟିକ ଲଢେଇ ପାଇଁ ଡାକରା ଦିଆଯାଇଛି। ଗଙ୍ଗୁଆ ନାଳ ପାଣିକୁ ଦୟା ନଦୀରେ ମିଶିବାକୁ ଦିଆଯିବ ନାହିଁ। ତୁରନ୍ତ ସରକାର ଏ ଦିଗରେ ପଦକ୍ଷେପ ନେବା ଉଚିତ। ଯଦି ସରକାର ପଦକ୍ଷେପ ନ ନିଅନ୍ତି, ତା'ହେଲେ ଆବଶ୍ୟକ ପଡ଼ିଲେ ଦୟା ନଦୀକୂଳିଆ ଲୋକେ ବାଧ୍ୟ ହୋଇ କଣ୍ଟି ନିକଟରେ ଗଙ୍ଗୁଆରେ ବନ୍ଧ ବାନ୍ଧିବେ ବୋଲି ଏଥିରେ କୁହାଯାଇଛି। ଗଣସମ୍ମିଳନୀରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ସଂଯୋଜକ ବିଜୟ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଭାସିନୀ ରାଉତ ଗୀତ ମାଧ୍ୟମରେ ନଦୀ ଆନ୍ଦୋଳନରେ ସାଧାରଣ ଲୋକଙ୍କ ସହଯୋଗ କାମନା କରିଥିଲେ। ଏହି ସମ୍ମିଳନୀରେ ୬ ମୃତକଙ୍କ ପରିବାର ଲୋକେ ମଧ୍ୟ ଯୋଗଦେଇଥିଲେ। ଏହି ଗଣସମ୍ମିଳନୀରେ ସର୍ବସମ୍ମତି କ୍ରମେ କେତେକ ସହମତି ପ୍ରକାଶ ପାଇଥିଲା। ସେଥି ମଧ୍ୟରେ ଗଙ୍ଗୁଆକୁ ନଦୀର ମାନ୍ୟତା, ଏହାର ପୁନରୁଦ୍ଧାର ଯୋଜନାରେ ଜଳସମ୍ପଦ ବିଭାଗ ସହ ନାଗରିକ ସମାଜ, ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନଙ୍କୁ ସାମିଲ୍ କରିବା, ଗଙ୍ଗୁଆକୁ ପ୍ରଦୂଷିତ କରୁଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ପ୍ରଦୂଷଣମୁକ୍ତ କରିବା ସକାଶେ ଅସମ୍ପୂର୍ଣ୍ଣ ଏସ୍‌ଟିପିଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ଦୟା ନଦୀର ପ୍ରଦୂଷଣ ମାତ୍ରା ନିୟମିତ ପରୀକ୍ଷା ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ଦାୟିତ୍ୱ ଦିଆଯିବା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ପୁନର୍ଗଠନ ସହ ଏଥିରେ ନାଗରିକ ସମାଜ, ମତ୍ସ୍ୟଜୀବୀ ସଂଗଠନ ଓ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କୁ ସାମିଲ କରାଯିବା ପ୍ରମୁଖ।




## ଚାଲେଞ୍ଜିଂ ଷ୍ଟାର୍ ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଚାଲେଞ୍ଜିଂ ଷ୍ଟାର ପବ୍ଲିକ ସ୍କୁଲର ସପ୍ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ସ୍କୁଲର ଅଧ୍ୟକ୍ଷା ଜୋଛନାରାଣୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାମାନଙ୍କର ବୌଦ୍ଧିକ ଶକ୍ତିର ପ୍ରଦର୍ଶନ ଅତି ଉଚ୍ଚକୋଟିର ଥିଲା। ଏହି ଉତ୍ସବରେ ଓଡ଼ିଶାର ପୂର୍ବତନ ବିଧାନସଭା ସଚିବ ଦାଶରଥୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସଂସ୍କୃତି ବିଶ୍ୱବିଦ୍ୟାଳୟ ସାରଳା ଦାସ ଚେୟାର୍ ଡ. ପ୍ରେମାନନ୍ଦ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସେମାନଙ୍କର ବକ୍ତବ୍ୟରେ ପିଲାମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସ୍କୁଲର ଅଭିବୃଦ୍ଧି ଦିଗରେ ମାର୍ଗଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ଓ ଗୀତିକାର ତ୍ରିଭୁବନ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଶେଷରେ ସମାଜେସବୀ ହରିହର ଦାଶ ଧନ୍ୟବାଦ ଦେଇଥିଲେ।

## ଡ୍ରାଫ୍ଟ ୟୁଜିସି ନିୟମାବଳୀ ସଂକ୍ରାନ୍ତ ବିଜେଡିର ଅଭିଯୋଗ ଭିତ୍ତିହୀନ

- ଶିକ୍ଷାନୁଷ୍ଠାନର ସ୍ୱାୟତତାକୁ ନଷ୍ଟ କରିବା ପାଇଁ ଷଡଯନ୍ତ୍ର କରିଥିବା
- ବିଜେଡି ଔଷଧ ବିକଳରେ ତାଟିଆ କାମୁଡୁଛି : ସତ୍ୟବ୍ରତ ପଣ୍ଡା



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ରାଜ୍ୟରେ ପୂର୍ବ ବିଜେଡି ସରକାର ୨୦୨୦ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଆଇନ ପ୍ରଣୟନ କରି ଶିକ୍ଷାନୁଷ୍ଠାନର ସ୍ୱାୟତତାକୁ ନଷ୍ଟ କରିବା ପାଇଁ ବଡ଼ ଷଡଯନ୍ତ୍ର କରିଥିଲେ, ଯାହାକୁ ଶିକ୍ଷା ଜଗତ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ତେବେ ଆଜି ୟୁଜିସି ଡ୍ରାଫ୍ଟ -୨୦୨୫ ଉପରେ ବିଜେଡି ପ୍ରସଙ୍ଗବିହୀନ ଭାବେ କେନ୍ଦ୍ରକୁ ସମାଲୋଚନା କରି ରାଜନୈତିକ ଫାଇଦା ଉଠାଇବା ପାଇଁ ଯେଉଁ ଅମୂଳକ ଯୁକ୍ତି ବାଢୁଛି ତାହା ନିନ୍ଦନୀୟ ବୋଲି କହିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା। ରାଜ୍ୟ କାର୍ଯ୍ୟାଳୟରେ ଏକ ପ୍ରେସମିଟ କରି ଶ୍ରୀ ପଣ୍ଡା କହିଛନ୍ତି ଯେ ବିଜେଡି ଦଳ ୟୁଜିସି ଗ୍ରାଣ୍ଟ କମିଶନର ଅଧକ୍ଷଙ୍କୁ ଚିଠି ଲେଖି ୟୁଜିସି (ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ ଓ ଏକାଡେମିକ୍ କର୍ମଚାରୀଙ୍କ ନିଯୁକ୍ତି ଓ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା ଏବଂ ଉଚ୍ଚଶିକ୍ଷାରେ ମାନକ ରକ୍ଷଣାବେକ୍ଷଣ ପାଇଁ ପଦକ୍ଷେପ) ନିୟମାବଳୀ, ୨୦୨୫ ଉପରେ ଯେଉଁ ବିଷୟ ସବୁ ରଖିଛନ୍ତି, ଲାଗୁଛି ସେ ଉକ୍ତ ଡ୍ରାଫ୍ଟ ୟୁଜିସିର ନିୟମାବଳୀକୁ ପଢିନାହାନ୍ତି। କେବଳ ନାମକୁ ମାତ୍ର ବିରୋଧ କରିବା ପାଇଁ ଏହି ଚିଠିଟି ଲେଖିଛନ୍ତି। ବିଜେଡି ଯେଉଁଭଳି ଭାବେ ଡ୍ରାଫ୍ଟ ୟୁଜିସିର ନିୟମାବଳୀ ଉପରେ ରାଜ୍ୟ ସଂଘୀୟ ବ୍ୟବସ୍ଥାର ବିରୋଧ ଭଳି ଅଭିଯୋଗ ଆଣିଛି ତାହା ଭିତ୍ତିହୀନ।

● ସମବାୟ ସଂସ୍ଥାରେ ଦୁର୍ନୀତିଖୋର ନେତାଙ୍କ ଉପରେ ପଡିଲା ଛାଟ

## ବିଦାହେଲେ ବିଶ୍ୱରଞ୍ଜନ, ଦାୟିତ୍ୱ ନେଲେ ବିଜୟଲକ୍ଷ୍ମୀ



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ସମବାୟ ସଂସ୍ଥାରେ ଦୁର୍ନୀତିଗ୍ରସ୍ତ ନେତାଙ୍କ ଉପରେ ପଡିଛି ଛାଟ। ରାଜ୍ୟ ସମବାୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ତଥା କ୍ୟାପିଟାଲ କୋଅପରେଟିଭ ଲିମିଟେଡ, ବାପୁଜିନଗରର ସଭାପତି ବିଶ୍ୱରଂଜନ ମହାନ୍ତିଙ୍କୁ ବହିଷ୍କାର କରିଛନ୍ତି ରାଜ୍ୟ ସରକାର। ମିଛ ସତ୍ୟପାଠ ଆଧାରରେ ସେ ଉଭୟ ସଂସ୍ଥାରେ ନିଜର ଆଧିପତ୍ୟ ଜହିର କରି ରଖିଥିଲେ। ହାଇକୋର୍ଟଙ୍କ ରାୟ ମଧ୍ୟ ରାଜ୍ୟ ସରକାରଙ୍କ ସପକ୍ଷରେ ଯାଇଛି। ତେଣୁ ସମବାୟ ଆଇନ ଅନୁଯାୟୀ ଉପସଭାପତି ବିଜୟଲକ୍ଷ୍ମୀ ମହାପାତ୍ର ଉଭୟ ସଂସ୍ଥାର ସଭାପତି ଓ ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ନେଇଛନ୍ତି। ବିଶ୍ୱରଂଜନ ଓରଫ ପିଣ୍ଟୁ ମହାନ୍ତି ମିଛ ସତ୍ୟପାଠ ଜରିଆରେ କ୍ୟାପିଟାଲ କୋଅପରେଟିଭ ଲିମିଟେଡ, ବାପୁଜିନଗରର ସଭାପତି ହେବା ସହ ରାଜ୍ୟ ସମବାୟ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ଥିଲେ। ତାଙ୍କ ବିରୋଧରେ ଆସିଥିବା ମିଛ ସତ୍ୟପାଠ ମାମଲାକୁ ଆଧାର କରି ନୂଆ ସରକାର ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିଥିଲେ। ଖୋର୍ଦ୍ଧା ସମବାୟ ମହାନିବନ୍ଧକଙ୍କ ଏହି ଆଦେଶକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କିନ୍ତୁ ହାଇକୋର୍ଟ ନିକଟରେ ଦେଇଥିବା ରାୟ ରାଜ୍ୟ ସରକାରଙ୍କ ସପକ୍ଷରେ ଯିବାରୁ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ଉଭୟ ପଦରୁ ହଟେଇଦିଆଯାଇଛି। ସେହିଭଳି ସମବାୟ ଆଇନ ଅନୁଯାୟୀ ଉଭୟ ସଂସ୍ଥାର ଉପସଭାପତି ଥିବା ବିଜୟଲକ୍ଷ୍ମୀ ମହାପାତ୍ର ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଜୟଲକ୍ଷ୍ମୀ ଅଭିଯୋଗ କରିଛନ୍ତି ଯେ, ବିଶ୍ୱରଂଜନ ନିଜ କ୍ଷମତାର ବ୍ୟାପକ ଦୁରୁପଯୋଗ କରୁଥିଲେ। ତାଙ୍କର ମେରି ରାୟ ଶାସନ ବିରୋଧରେ କେହି ସ୍ୱର ଉତ୍ତୋଳନ କଲେ ତାଙ୍କୁ ନିଲମ୍ବନ କରିଦେଉଥିଲେ। ଏହି ଘଟଣାକୁ ନେଇ ସମବାୟବିତଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି।

## ୧୬ରେ ଭୁବନେଶ୍ୱର ସତସଙ୍ଗ ମହୋତ୍ସବ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ଜନତା ମଇଦାନରେ ଆସନ୍ତା ୧୬ ତାରିଖରେ ସତସଙ୍ଗ ମହୋତ୍ସବ ଆୟୋଜିତ ହେବ। ଏଥିରେ ବହୁ ସଂଖ୍ୟାରେ ଯୋଗଦେବା ସକାଶେ ଭୁବନେଶ୍ୱର ସତସଙ୍ଗ ବିହାର ଉତ୍ସବ କମିଟି ପକ୍ଷରୁ ନିଆଳି, ଭିଙ୍ଗାରପୁର, ବନମାଳୀପୁର, ଗୋପ, ନିମାପଡ଼ା, ପିପିଲି, ଜଟଣୀ, ଖୋର୍ଦ୍ଧା, କଟକ, ଧାନଘରପଡ଼ା, କେନ୍ଦ୍ରାପଡ଼ା, ଜଗତସିଂହପୁର, ବଡମ୍ବା, ଖଣ୍ଡପଡ଼ା, ନୟାଗଡ଼ ଆଦି ଅଞ୍ଚଳରେ ଯୁବ କର୍ମୀ ସତସଙ୍ଗ କେନ୍ଦ୍ରରେ ପହଞ୍ଚି ନିମନ୍ତ୍ରଣ କରିଛନ୍ତି। ସମସ୍ତ ଅଞ୍ଚଳରୁ ବହୁ ସଂଖ୍ୟାରେ ଗୁରୁଭାଇମାନେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ଉତ୍ସବରେ ଯୋଗଦେବେ। ଉତ୍ସବରେ ବହୁ କର୍ମୀ ସ୍ୱାସ୍ଥ୍ୟ ଶିବିର, ନଗର କୀର୍ତ୍ତନ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଦେଓଘରରୁ ଆଗତ ହ୍ୱାଇଟ୍ ବ୍ୟାଣ୍ଡ୍ ଓ ଓଡ଼ିଶାର ଲୋକକଳା, ଭଜନ, ନଗର କୀର୍ତ୍ତନ, ସ୍ୱାସ୍ଥ୍ୟସେବା ଓ ସାଧାରଣ ସଭା ଅନୁଷ୍ଠିତ ହେବ। ଭୁବନେଶ୍ୱରର ମା'ମାନେ ଓ ଯୁବକଗଣ ପ୍ରସାଦ ସେବନ ଦାୟିତ୍ୱ ନେଇଛନ୍ତି।



## ଜାମକାନି କୋଇଲା ଖଣିର ସହଯୋଗକୁ ସବୁ ସ୍ତରରେ ପ୍ରଶଂସା

## ମେଧାବୃତ୍ତି ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ବେଦାନ୍ତର ସମ୍ବର୍ଦ୍ଧନା





**ସୁନ୍ଦରଗଡ଼,୬।୨(ସଂଚାର ବ୍ୟୁରୋ):** ଜାମକାନି କୋଇଲା ଖଣି ପକ୍ଷରୁ ହେମଗିରି ବ୍ଲକ୍ , ଗିରିସୀମା ବିଦ୍ୟାଳୟର ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୩ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଦାନ୍ତର ବରିଷ୍ଠ ଅଧିକାରୀ ପ୍ରଣୟ ଶତପଥୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ସ୍କୁଲ ବ୍ୟାଗ୍ ଓ ପଠନ ସାମଗ୍ରୀ ବଣ୍ଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଜିଆର ଇନ୍‌ଫ୍ରାର ଜାମକାନି ପ୍ରକଳ୍ପ ମୁଖ୍ୟ ଏମ୍‌ଭିଏସ୍‌ଏସ୍ ବର୍ମା ଯୋଗଦେଇ ବିଦ୍ୟାଳୟର ଉନ୍ନତିରେ ଜାମକାନି କୋଇଲା ଖଣିର ସହଯୋଗ ସମ୍ପର୍କରେ ସୂଚନା ଦେବା ସହ ଅତିରିକ୍ତ ଶିକ୍ଷକଙ୍କ ସହାୟତା ଦ୍ୱାରା ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ପାଇଥିବା ସଫଳତାକୁ ପ୍ରଶଂସା କରିଥିଲେ। ଗ୍ରାମବାସୀ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଅନୁମୋଦିତ କମିଟି ସଭ୍ୟ ପ୍ରଦୀପ ପଧାନ, ସନକ ବାରିକ , ବିଦ୍ୟାଳୟ ପରିଚାଳନା କମିଟି ମୁଖ୍ୟ ଜଳ ପଧାନ ପ୍ରମୁଖ କମ୍ପାନୀର ଏଭଳି ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ପ୍ରଧାନଶିକ୍ଷକ ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀ ସୁଶ୍ରୀ ଶ୍ରୀ ପଧାନ, ନମିତା କିସାନ ଓ ସ୍ୱାଧୀନ ସା'ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଦ୍ଧାର୍ଥ ବେହେରା, ସନ୍ତୋଷ ବେହେରା, ମଦନ ପଧାନ, ଗିରିସୀମା ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଙ୍ଗନବାଡି ଦିଦି ଏବଂ ସହାୟକାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କମ୍ପାନି ପକ୍ଷରୁ ଉକ୍ତ ଅଞ୍ଚଳରେ ଶିକ୍ଷାର ଉନ୍ନତି ନିମନ୍ତେ ବିଦ୍ୟାଳୟରେ ସ୍କୁଲ ଡେସ୍କ ଓ ବେଞ୍ଚ , ଜଳ ବିଶୁଦ୍ଧକରଣ ମେସିନ୍, ପରିବେଶ ଅନୁକୂଳ ଶୌଚାଳୟ ଆଦି ଯୋଗାଇ ଦିଆଯାଇଛି।

## ରାସ୍ତାରେ ଜଳିଗଲା କାର୍

**ବରଗଡ଼,୬।୨(ସଂଚାର ବ୍ୟୁରୋ):** ଘରୋଇ ବସ୍‌ଷ୍ଟାଣ୍ଡ କେନାଲ କଡ଼ ରାସ୍ତାରେ ଗୁରୁବାର ଏକ କାରରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡିଥିଲେ। ଶଟସର୍କିଟ ଯୋଗୁ କାରରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ପାଖ ଦୋକାନରୁ ଅଗ୍ନି ନିର୍ବାପକ ଯନ୍ତ୍ର ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ କାର୍‌ର ସମ୍ମୁଖ ଭାଗ ଜଳିଯାଇ କ୍ଷତିଗ୍ରସ୍ତ ହୋଇଛି।

## ୧୦ରୁ ଲିମ୍ଫାଟିକ ଫାଇଲେରିଆ ଦୂରୀକରଣ କାର୍ଯ୍ୟକ୍ରମ

- ୬ଟି ଜିଲ୍ଲାର ୩୭ ଲକ୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ଔଷଧ ସେବନ ବ୍ୟବସ୍ଥା
- ୧୫ ହଜାର ୩୧ ଜଣ କର୍ମଚାରୀଙ୍କୁ ସେବନ ଦାୟିତ୍ୱ
- ତଦାରଖ କରିବେ ୧୫୦୩ ଜଣ ସୁପର୍‌ଭାଇଜର୍



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟର ୬ଟି ଫାଇଲେରିଆପ୍ରବଣ ଜିଲ୍ଲାରେ ଲିମ୍ଫାଟିକ ଫାଇଲେରିଆ (ଏଲଏଫ) ଦୂରୀକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମଡିଏ) ଆସନ୍ତା ୧୦ରୁ ଆରମ୍ଭ ହେବ। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୋଟ ୩୭ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସାମୂହିକ ଔଷଧ ସେବନର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଗ୍ଲୋବାଲ ହେଲଥ ଷ୍ଟ୍ରାଟେଜିସ ସଂସ୍ଥା ପକ୍ଷରୁ ମିଳିତ ଭାବେ ଏହି ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏକ ରାଜ୍ୟସ୍ତରୀୟ ଗଣମାଧ୍ୟମ ସଚେତନତା କର୍ମଶାଳା ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷଠାରେ ଆଜି ଅପରାହ୍ନରେ ଆୟୋଜିତ ହୋଇଛି । କର୍ମଶାଳାରେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଡା. ବିଜୟ ମହାପାତ୍ର କହିଛନ୍ତି ଯେ ୬ଟି ଜିଲ୍ଲା ବଲାଙ୍ଗୀର, କଟକ, କଳାହାଣ୍ଡି, କନ୍ଧମାଳ, ନୟାଗଡ ଓ ରାୟଗଡାର ଯୋଗ୍ୟ ହିତାଧିକାରୀମାନେ ଯେଭଳି ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରୋଧୀ ଔଷଧ ନିଶ୍ଚିତ ରୂପେ ଖାଇବେ, ସେନେଇ ସରକାର ସୁଚିନ୍ତିତ ପଦକ୍ଷେପ ନେଇଛନ୍ତି। ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ଔଷଧ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଖାଇବେ। ସେହିପରି ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଡା. ଜିତେନ୍ଦ୍ର କୁମାର ବେବର୍ତ୍ତା କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଅଧୀନରେ ଜନସାଧାରଣଙ୍କ ସ୍ୱେଚ୍ଛାକୃତ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଫାଇଲେରିଆ ଦୂରୀକରଣ ଦିଗରେ ଜନ-ପ୍ରତିନିଧି, ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରତିବଦ୍ଧତା ଆବଶ୍ୟକ। ଫାଇଲେରିଆ ଦୂରୀକରଣ କାର୍ଯ୍ୟକ୍ରମକୁ ଏକ ଗଣଆନ୍ଦୋଳନରେ ପରିଣତ କରିପାରିଲେ ସରକାରଙ୍କ ମହତ୍ୱାକାଂକ୍ଷା ସାଧିତ ହୋଇପାରିବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ଫାଇଲେରିଆ ଏକ ସାମୂହିକ ଜନସ୍ୱାସ୍ଥ୍ୟ ସମସ୍ୟା, ଯାହା ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ବିଶ୍ୱବ୍ୟାପୀ ଦୀର୍ଘକାଳୀନ ଶାରୀରିକ ଅକ୍ଷମତାର ଅନ୍ୟତମ ମୁଖ୍ୟ କାରଣ ହେଉଛି ଫାଇଲେରିଆସିସ୍।ସା ଫାଇଲେରିଆସିସରେ ଆକ୍ରାନ୍ତ ଲୋକମାନେ ଅନେକ ସମୟରେ ହାଇଡ୍ରୋସିଲ, ଲିମ୍ଫୋଡେମା ଓ କାଇଲୁରିଆ ଭଳି ଅନେକ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।



## ଖଣ୍ଡଗିରିରେ ପ୍ରିୟଦର୍ଶିନୀ ଭାଣ୍ଡୁରା, ତଡ଼ିଦେଲେ ନାଗାସାଧୁ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଖଣ୍ଡଗିରି ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। ଗୁରୁବାର ତୃତୀୟ ଦିନରେ ସାଧୁସନ୍ଥଙ୍କ ମନ୍ତ୍ରଧ୍ୱନି ସହ ପୂଜାର୍ଚ୍ଚନାରେ ପୂରା ଅଞ୍ଚଳ ପ୍ରକମ୍ପିତ ହୋଇଉଠିବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ଏପରିକି ମାଘ ସପ୍ତମୀରେ ଚନ୍ଦ୍ରଭାଗାରେ ବୁଡ଼ ପକାଇ ସାଧୁସନ୍ଥମାନେ ମେଳାରେ ଯୋଗ ଦେଉଛନ୍ତି। ଅନ୍ୟପକ୍ଷେ ଆଜିଠାରୁ ଖଣ୍ଡଗିରି ଯାତ୍ରା ଆରମ୍ଭ ହୋଇଯିବ। ଖଣ୍ଡଗିରି ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ନେଇ ବିଏମ୍‌ସି କମିଶନର ଚେତାବନୀ ଦେଇଛନ୍ତି। ପରମ୍ପରା ଓ ମର୍ଯ୍ୟାଦା ଭିତରେ ଯାତ୍ରା ପରିବେଷଣ ପାଇଁ ସେ କହିଛନ୍ତି। ସବୁ ଯାତ୍ରା କମିଟି ଏନେଇ ଅବଗତ କରାଯାଇଛି। ଗାଇଡଲାଇନ ଅନୁସାରେ ଯାତ୍ରା ହେବ ବୋଲି ବିଏମ୍‌ସି କମିଶନର କହିଛନ୍ତି।ଏଭଳିସ୍ଥିତିରେ ଆଇଟମ୍ ଗର୍ଲ ତଥା ଅଭିନେତ୍ରୀ ରାଣୀ ପ୍ରିୟଦର୍ଶିନୀ ଗୁରୁବାର ଡମ୍ବରୁ ବଜାଇ ଦୟା ନଦୀରେ ପହଞ୍ଚି ତାଣ୍ଡବ କରିଥିଲେ। ପରେ ନଦୀ ଘାଟରେ ପୂଜାର୍ଚ୍ଚନା କରି ବୁଡ଼ ପକାଇଥିଲେ। ବୁଡ ପକାଇବା ବେଳେ ହରହର ମହାଦେବ ନାରା ଦେଇଥିଲେ। ଏପରକି ଖଣ୍ଡଗିରିରେ ପ୍ରବେଶ ପାଇଁ ଗୁରୁଙ୍କ ଆଶୀର୍ବାଦ ନେବାକୁ ଦୟା ନଦୀରେ ବୁଡ଼ ପକାଇବା ପାଇ ଆସିଥିବା ଅଭିନେତ୍ରୀ ରାଣୀ ପ୍ରିୟଦର୍ଶିନୀ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏପରିକି ସେମାନେ ଠେଙ୍ଗା ଧରିଲେ ମୁଁ ଡମ୍ବରୁ ଧରି ପେଣ୍ଡାଲରେ ବୁଲିବି ବୋଲି କହିଛନ୍ତି।



## ନର୍ଦ୍ଦମା ପାଣିରେ ଭାସୁଛି କେନ୍ଦ୍ରୀୟ ଡାକ୍ତରଖାନା

# ବିଏମ୍‌ସି ଅଧିକାରୀଙ୍କ ନାକରେ ବାଜୁନି ଦୁର୍ଗନ୍ଧ

**ଭୁବନେଶ୍ୱର,୬।୨:** କେନ୍ଦ୍ର ସରକାରୀ ଡାକ୍ତରଖାନା ଆଗରେ ଦୀର୍ଘଦିନ ଧରି ବହୁଛି ରାଜ୍ୟ ସରକାରଙ୍କ କ୍ୱାଟର୍ସରୁ ନିର୍ଗତ ହେଉଥିବା ନର୍ଦ୍ଦମା ପାଣିର ବନ୍ୟା। ଏଥିଯୋଗୁଁ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ଏବଂ ଡାକ୍ତରଙ୍କ ସମେତ ଅନ୍ୟ କର୍ମଚାରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ଚିତ୍ର ହେଉଛି ରାଜଧାନୀ ଭୁବନେଶ୍ୱରର। ରାଜ୍ୟ ବିଧାନସଭା ଠାରୁ ୫ଶହ ମିଟରରୁ କମ୍ ଦୂରତା ଭିତରେ ତିନି ନମ୍ବର ୟୁନିଟ୍ ଅଞ୍ଚଳରେ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟସେବା ଯୋଜନାରେ ରହିଛି ଏକ ଡାକ୍ତରଖାନା । ଏହା ସମ୍ମୁଖରେ ଅଛି ରାଜ୍ୟ ସରକାରଙ୍କ ତିନିଟି ଦୁଇ ମହଲା ବିଶିଷ୍ଟ ଟାଇପ୍-୮ କ୍ୱାଟର୍ସ । ଏହି କ୍ୱାର୍ଟରରୁ ବାହାରୁଥିବା ପାଇଖାନା ଜଳ ସିଧାସଳଖ ଡାକ୍ତରଖାନା ରାସ୍ତା ଉପରେ ଦିନ ରାତି ବୋହୁଛି । ଏଥି ସହ ଏହାର ଦୁର୍ଗନ୍ଧ ବି ତିନି ନମ୍ବର ୟୁନିଟ୍ ଅଞ୍ଚଳର ଆଖପାଖ ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି । ଯେଉଁ ସ୍ଥାନରେ ଏଭଳି ନର୍ଦ୍ଦମା ପାଣିର ସୁଅ ଛୁଟୁଛି ସେଠାରୁ ଖୁବ୍ କମ୍ ଦୂରତାରେ ରହିଛି ଭୁବନେଶ୍ୱର ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଏବଂ ନଗର ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦପ୍ତର । ରାଜ୍ୟ ସରକାରଙ୍କ ଏକ ପୁରୁଣା କୋଠାରେ ଦୀର୍ଘବର୍ଷ ଧରି ଏହି କେନ୍ଦ୍ର ସରକାରୀ ଡାକ୍ତରଖାନା ଚାଲିଛି । ସେଠି ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କ ବସିବାପାଇଁ ପର୍ଯ୍ୟାପ୍ତ ସ୍ଥାନ ନଥିବାରୁ ଅନେକ ରାସ୍ତାକଡରେ ଅପେକ୍ଷା କରିବାକୁ ବାଧ୍ୟ ହୋଇଥାନ୍ତି । ଏବେ ସେମାନଙ୍କୁ ନର୍ଦ୍ଦମା ପାଣିର ନର୍କ ଯନ୍ତ୍ରଣା ଭୋଗିବାକୁ ପଡୁଛି । ବହୁ ସମୟରେ ଏହି ସିଜିଏଚଏସ୍ ଡାକ୍ତରଖାନାର କମ୍ପ୍ୟୁଟର ଲିଙ୍କ୍ ଗଣ୍ଡଗୋଳ ହେଉଥିବାରୁ ରୋଗୀଙ୍କ ପଞ୍ଜିକରଣ ଓ ଡାକ୍ତରଙ୍କ ନିଦାନ ତଥା ଫର୍ମାସିଷ୍ଟଙ୍କ ଔଷଧ ଯୋଗାଣ କାର୍ଯ୍ୟ ମଧ୍ୟ ବ୍ୟାହତ ହେଉଛି। ଏହି ପରିସରରେ ରୋଗୀ ଓ ତାଙ୍କ ସହକାରୀମାନଙ୍କ ଲାଗି ଶୌଚାଳୟର ପର୍ଯ୍ୟାପ୍ତ ସୁବିଧା ନଥିବାରୁ ସ୍ୱଚ୍ଛ ଭାରତର ବିକଳ ଚିତ୍ର ଏଠି ରାସ୍ତାକଡରେ ଦେଖିବାକୁ ମିଳିଥାଏ । ସାଧାରଣତଃ ସିଜିଏଚଏସ୍ କାର୍ଡ ପାଇଥିବା କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀମାନେ ଏହି ଡାକ୍ତରଖାନାକୁ ଚିକିତ୍ସାପାଇଁ ଆସିଥାନ୍ତି । ଯେଉଁମାନଙ୍କୁ ଅଧିକ ଚିକିତ୍ସା କିମ୍ବା ଅସ୍ତ୍ରୋପଚାର ଲାଗି ଅନୁବନ୍ଧିତ ଅନ୍ୟ ଡାକ୍ତରଖାନାକୁ ପଠାଯାଏ ସେମାନଙ୍କ ପାଇଁ ବି ଏଠାରେ କାଗଜପତ୍ର କାମ ହୋଇଥାଏ । ଏହାଛଡା ବାହାରୁ କିଣା ଯାଉଥିବା ଔଷଦ ପାଇଁ କାର୍ଡଧାରୀ ରୋଗୀ ଓ ତାଙ୍କ ପରିବାରବର୍ଗଙ୍କୁ ମଧ୍ୟ ପରେ ଏହି ସଂସ୍ଥା ମାଧ୍ୟମରେ ଔଷଧ ଓ ଚିକିତ୍ସା ବାବଦ ଅର୍ଥ ପଇଠ କରାଯାଇଥାଏ । ପ୍ରାୟ ୭୦ବର୍ଷ ତଳର ଏକ ପୁରୁଣା ଦପ୍ତର କୋଠାରେ ଏହି ସିଜିଏସ୍ ଡାକ୍ତରଖାନା ଚାଲୁଛି। ଏହା ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍, ପିଏମଜି ଭଳି ଅନେକ କେନ୍ଦ୍ର ସରକାରୀ ଦପ୍ତର ମଧ୍ୟ ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହି ସ୍ଥାନରେ ଡାକ୍ତରଖାନା ଅନୁକୂଳ ଏକ ଗୃହ ନିର୍ମାଣ କରିବା ସହିତ ଏଠଶରେ ରୋଗୀଙ୍କ ପାଇଁ ଶଯ୍ୟା, ଅପରେସନ ଗୃହ, ଆଉଟଡୋର, ଜରୁରୀକାଳୀନ ସେବା ଆଦିର ବ୍ୟବସ୍ଥା କରିବାପାଇଁ ଦାବି ହେଉଛି । (ତଥ୍ୟ)

## ଗଛରେ ପିଟି ହେଲା କାର: ଚାଳକ ମୃତ, ୪ ଗୁରୁତର

**ବୌଦ୍ଧ,୬।୨(ସଂଚାର ବ୍ୟୁରୋ):** ପୁରୁଣାକଟକ ଥାନା ଅଞ୍ଚଳରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଛି। କାର୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛ ସହ ପିଟି ହେବା ଫଳରେ ଏପରି ଅଘଟଣ ଘଟିଛି। ଏଥିରେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁରୁଣା କଟକ ଥାନା ଝାଡ୍ରାଜିଙ୍ଗ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ଗୁରୁତର ଭାବେ ଆହତ ହୋଇଥିବା ୪ ଜଣଙ୍କୁ ପୁରୁଣାକଟକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ସ୍ଥଳରେ ପୁରୁଣାକଟକ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଗୁରୁତରଙ୍କ ପରିଚୟ ମିଳିପାରିନଥିବା ବେଳେ ମୃତକ ଜଣଙ୍କ କନ୍ଧମାଳ ଜିଲ୍ଲା ରାଣୀପଥର ଗାଁର ଗଙ୍ଗା ମଲ୍ଲିକ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଚାରିଛକ ପଟୁ ଫୁଲବାଣୀ ପଟକୁ ଏକ କାର ଦ୍ରୁତ ଗତିରେ ଆସୁଥିବା ସମୟରେ ପୁରୁଣାକଟକ ଥାନା ଝାଡ୍ରାଜିଙ୍ଗ ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା।



ଜୀବନ ଅମୃତ ଅନୁଚିନ୍ତା

ଭକ୍ତିର ଶ୍ରେଷ୍ଠତା-ଭକ୍ତ ଯେତେବେଳେ ଇଶ୍ୱରଙ୍କ ଶ୍ରୀପଦରେ ନିଜକୁ ପୂର୍ଣ୍ଣ ସମର୍ପିତ କରିଦିଏ, ସେତେବେଳେ ସରା ଜଗତ ତା' ପଦରେ ସମର୍ପିତ ହୋଇଯାଏ।

SANCHAR
ସଂଚାର




# କଂଗ୍ରେସକୁ ଦୋଷାରୋପ

ଗତ ଲୋକସଭା ନିର୍ବାଚନରେ ବିଜେପିକୁ କ୍ଷମତା ଦଖଲରୁ ରୋକିବାରେ ବିରୋଧୀ ବିଫଳ ହେବା ଏବଂ ପରେ ମହାରାଷ୍ଟ୍ର, ହରିୟାନା ବିଧାନସଭା ନିର୍ବାଚନରେ ବିଜେପିର ବିଜୟ ବିରୋଧୀ ଦଳମାନଙ୍କୁ ହତାଶ କରିଛି। ୟୁପି ଉପନିର୍ବାଚନରେ ମଧ ବିଜେପିର ବିଜୟ ବିରୋଧୀ ଦଳକୁ ଶକ୍ତ ଧକ୍କା ହୋଇଛି। ଏହି ପରାଜୟ ନିମନ୍ତେ ଇଣ୍ଡିଆ ବ୍ଲକର ଅଧିକାଂଶ ଅଂଶୀଦାର ଦଳ କଂଗ୍ରେସକୁ ଦୋଷ ଦେଉଛନ୍ତି। ଯେଉଁସବୁ ରାଜ୍ୟରେ କଂଗ୍ରେସ ଶାସନ କ୍ଷମତାରେ ଅଛି ବା ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଉଛି, ସେଠାରେ ବିଜେପିକୁ ରୋକିବାରେ କଂଗ୍ରେସ ବିଫଳ ହେବା ଦ୍ୱାରା ଏନଡିଏ କ୍ରମାଗତ ତୃତୀୟ ଥର ନିମନ୍ତେ କେନ୍ଦ୍ରରେ କ୍ଷମତା ଦଖଲ କରିବାରେ ସଫଳ ହେଲା। କଂଗ୍ରେସର ଦୁର୍ବଳ ନେତୃତ୍ୱକୁ ଏଥିପାଇଁ ଦାୟୀ କରାଯାଉଛି। ଏଥିଲାଗି ଇଣ୍ଡିଆ ବ୍ଲକର ନେତୃତ୍ୱ ପରିବର୍ତ୍ତନ ଲାଗି ଦାବି ଉଠିଲାଣି। ମମତା ଏହାର ନେତୃତ୍ୱ ନେଇଛନ୍ତି। ନିକଟରେ ସମାଜବାଦୀ ପାର୍ଟି ନେତା ରାମକୋଗାଳ ଯାଦବ କହିଛନ୍ତି ଯେ, କଂଗ୍ରେସ ପାଇଁ ମୋଦି ପ୍ରଧାନମନ୍ତ୍ରୀ ପଦ ବଜାୟ ରଖିଛନ୍ତି। କଂଗ୍ରେସର ଦୁର୍ବଳତାରୁ ବିଜେପି ଫାଇଦା ଉଠାଉଛି। ତାଙ୍କ ବକ୍ତବ୍ୟରୁ ସମାଜବାଦୀ ପାର୍ଟିର ଆଭିମୁଖ୍ୟ ସ୍ପଷ୍ଟ ହେଉଛି। ସେ କହିଛନ୍ତି ଯେ, ୨୦୨୦ରେ ବିହାରେ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ହେବା ସୁନିଶ୍ଚିତ ଥିଲା। କିନ୍ତୁ କଂଗ୍ରେସ ଅନେକ ଆସନରେ ପରାଜିତ ହେବାରୁ ଏହା ସମ୍ଭବ ହେଲା ନାହିଁ। ଆରଜେଡି ବିଧାନସଭାରେ ସର୍ବାଧିକ ଆସନ ପାଇବା ସତ୍ତ୍ୱେ ସରକାର ଗଠନରେ ବିଫଳ ହେଲା। ବିହାରରେ କଂଗ୍ରେସ ୨୦ ବର୍ଷ କାଳ ସଂଘର୍ଷ କରିବା ପରେ ମାତ୍ର ୧୯ଟି ଆସନ ପାଇଲା। ନିକଟରେ ହରିୟାନା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ଫଳାଫଳ ଜାତୀୟ ରାଜନୀତିରେ ଏହାକୁ ନେଇ ମାନସ ମନ୍ଥନ ଚାଲିଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ମହାୟୁତି ବିପୁଳ ବିଜୟ ହାସଲ କରି କ୍ଷମତା ଦଖଲ କରିଥିବା ବେଳେ କଂଗ୍ରେସ ନେତୃତ୍ୱାଧିନ ମହାବିକାଶ ଅଘାଡ଼ି (ଏମଭିଏ) ଲୋକଙ୍କ ଦ୍ୱାରା ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାତ ହୋଇଛି। ଏଥିରେ ଏନଡିଏ ବା ବିଜେପି ଉଲ୍ଲସିତ ହୋଇଥିବା ବେଳେ ବିରୋଧୀ ମେଣ୍ଟ ନୈରାଶ୍ୟରେ ବୁଡି ଯାଇଛି। କାରଣ ମହାରାଷ୍ଟ୍ରରେ ଏଥର କ୍ଷମତାକୁ ପ୍ରତ୍ୟାବର୍ତ୍ତନ ପାଇଁ କଂଗ୍ରେସ ଦୃଢ଼ ଆଶା ବାନ୍ଧିଥିଲା। ଲୋକସଭା ନିର୍ବାଚନରେ ଏହା ଭଲ ପ୍ରଦର୍ଶନ କରିଥିଲା। କିନ୍ତୁ ହରିୟାନା ଭଳି ମହାରାଷ୍ଟ୍ରରେ ମଧ ଜନମତ ମାତ୍ର ୫ ମାସରେ ଓଲଟିଗଲା। ଏଥିରେ କଂଗ୍ରେସ ହତବାକ ହୋଇଯାଇଛି। ଏତେ ଶୋଚନୀୟ ଭାବେ କଂଗ୍ରେସ ମହାରାଷ୍ଟ୍ରରେ ହାରିବ ବୋଲି କେବେ ଆଶା କରିନଥିଲା। ୧୦ ବର୍ଷ ପରେ ଲୋକେ ବିଜେପିକୁ ନିଶ୍ଚିତ ପ୍ରତ୍ୟାଖ୍ୟାତ କରିବେ ଏବଂ ଏକମାତ୍ର ବିକଳ୍ପ ଭାବେ କଂଗ୍ରେସ ରାଜ୍ୟରେ ସୁନିଶ୍ଚିତ ବିଜୟ ହାସଲ କରିବ ବୋଲି ଭାବି ନେଇଥିଲା। ଏବେ ପରାଜୟ ପରେ କଂଗ୍ରେସ ଇଭିଏମ ଟାମ୍ପରିଂ ଅଭିଯୋଗ କରୁଛି। ଇଭିଏମ ଟାମ୍ପରିଂ କରି ବିଜେପି ଜିତିଛି ବୋଲି କଂଗ୍ରେସ ଅଭିଯୋଗ କରିଛି। କିନ୍ତୁ ଝାଡ଼ଖଣ୍ଡରେ ଇଣ୍ଡିମେଣ୍ଟ ବିଜୟ ହାସଲ କରିଥିବା ବେଳେ ସେଠାରେ ଇଭିଏମ ବିରୋଧରେ କଂଗ୍ରେସ ପାଟି ଖୋଲୁନି। ଏହା କଂଗ୍ରେସର ଦୋମୁହାଁ ନୀତିକୁ ପ୍ରମାଣିତ କରୁଛି। ତେବେ କଂଗ୍ରେସ ଯାହା ବି ଅଭିଯୋଗ କରୁନା କାହିଁକି ଏହାର ସହଯୋଗୀ ଦଳମାନେ କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି। କଂଗ୍ରେସର ମାତ୍ରାଧିକ ଆତ୍ମବିଶ୍ୱାସ ହିଁ ଏମଭିଏ ପାଇଁ ମହଙ୍ଗା ପଡ଼ିଲା ବୋଲି ଶିବସେନା କହିଛି। ଏନସିପି ମଧ କଂଗ୍ରେସକୁ ଦୋଷ ଦେଇଛି। ଅନ୍ୟ ପକ୍ଷରେ ଇଣ୍ଡିମେଣ୍ଟର ଅନେକ ସହଯୋଗୀ ଦଳ ଲଗାତର ନିର୍ବାଚନୀ ବିଫଳତା ନିମନ୍ତେ ମେଣ୍ଟର ନେତୃତ୍ୱକୁ ଦାୟୀ କରିଛନ୍ତି। ପ୍ରଥମେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଣ୍ଡି ମେଣ୍ଟର ବିଫଳତା ନେଇ ନିଜର ଅସନ୍ତୋଷ ଜାହିର କରିବା ସହ ଏହାର ନେତୃତ୍ୱ ପରିବର୍ତ୍ତନ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି। ଦୁର୍ବଳ ନେତୃତ୍ୱ ଯୋଗୁ ଇଣ୍ଡିମେଣ୍ଟ ବାରମ୍ବାର ପରାଜିତ ହେଉଛି, ବିଭିନ୍ନ ରାଜ୍ୟରେ ମେଣ୍ଟରେ ଉପଯୁକ୍ତ ସମନ୍ୱୟ ନାହିଁ। ପରୋକ୍ଷରେ ସେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଦାୟୀ କରିଛନ୍ତି। ରାହୁଲ ହେଉଛନ୍ତି କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ। କିନ୍ତୁ ତାଙ୍କର ଦୁର୍ବଳ ବ୍ୟକ୍ତିତ୍ୱ ଏବଂ ବିଚାରଧାରାକୁ ଲେଶକେ ପସନ୍ଦ କରୁନାହାଁନ୍ତି। ମୋଦିଙ୍କୁ ବିରୋଧ କରିବାକୁ ଯାଇ ସେ ବିଦେଶରେ ଭାରତର ଛବି ମଳିନ ପକାଉଛନ୍ତି। ଭାରତବାସୀ ଏହାକୁ ପସନ୍ଦ କରୁନାହାଁନ୍ତି। ଯଦି ଇଣ୍ଡିମେଣ୍ଟର ସବୁ ଅଂଶୀଦାର ଦଳ ଚାହିଁବେ ତେବେ ସେ ନିଜେ ମେଣ୍ଟର ଦାୟିତ୍ୱ ନେବାକୁ ପ୍ରସ୍ତୁତ ବୋଲି ମମତା କହିଛନ୍ତି। ତାଙ୍କୁ ସମାଜବାଦୀ ପାର୍ଟୀ ସମର୍ଥନ କରିଥିବା ବେଳେ ଏବେ ଏନସିପି ନେତା ଶରଦ ପାୱାର ମଧ ମମତାଙ୍କୁ ସମର୍ଥନ କରିଛନ୍ତି। ଏଥିରେ କଂଗ୍ରେସ ବିଚଳିତ ହୋଇପଡ଼ିଛି। କିନ୍ତୁ ମମତାଙ୍କୁ ସମାଲୋଚନା କରିବାକୁ କଂଗ୍ରେସର ସତସାହସ ନାହିଁ। ବାସ୍ତବରେ ଯଦି କଂଗ୍ରେସକୁ ବାଦ ଦେଇ ସବୁ ଅଣ ବିଜେପି ଦଳ ଏକାଠି ହୋଇପାରନ୍ତେ ତେବେ ଉଭୟ କଂଗ୍ରେସ ଓ ବିଜେପି କ୍ଷମତାରୁ ବିତାଡ଼ିତ ହୋଇଯିବେ। କିନ୍ତୁ ଏହି ପରିକଳ୍ପନା ଆଜି ପର୍ଯ୍ୟନ୍ତ ସଫଳ ହୋଇପାରୁନି। ଏହାର ଏକମାତ୍ର କାରଣ ହେଲା ଉପଯୁକ୍ତ ନେତୃତ୍ୱର ଅଭାବ। ସମ୍ଭାବ୍ୟ ତୃତୀୟ ମେଣ୍ଟରେ ଯୋଗ୍ୟ ନେତା ଅଛନ୍ତି। ସେମାନଙ୍କ ମଧରେ ଉପଯୁକ୍ତ ସମନ୍ୱୟ ରହୁନଥିବାରୁ ଏହା ସମ୍ଭବ ହୋଇପାରୁନି। ନୀତିଶ କୁମାର ଏଥିପାଇଁ ଆଗ୍ରହୀ ଥିଲେ। କିନ୍ତୁ ଅନ୍ୟଦଳମାନେ କଂଗ୍ରେସକୁ ନେତୃତ୍ୱ ଦେବାରୁ ସେ ଓହରିଗଲେ। ଯଦି ନୀତିଶ କୁମାର, ଚନ୍ଦ୍ରବାବୁ ନାଇଡୁ, ଅଖିଲେ ଯାଦବ, ନବୀନ ପଟ୍ଟନାୟକ, ମମତା ଏବଂ ଶରଦ ପାୱାର ଗୋଟିଏ ଛାତ ତଳେ ରହିବେ ତେବେ ତୃତୀୟ ମେଣ୍ଟ ପରିକଳ୍ପନା ସମ୍ଭବ ହୋଇପାରିବ। ଏବେ ସମୟ ଆସିଛି ମମତାଙ୍କ ଭଳି ଜଣେ ନେତ୍ରୀଙ୍କୁ ଇଣ୍ଡିମେଣ୍ଟ ଗୁରୁତ୍ୱ ଦେବା ଉଚିତ। ଏବେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ସରିଛି। ଏକଜିଟ ପୋଲ ରିପୋର୍ଟ ଅନୁଯାୟୀ ଦିଲ୍ଲୀରେ ବିଜେପି ୨୭ ବର୍ଷ ପରେ କ୍ଷମତାକୁ ଫେରୁଛି। ଆପ ଏହି ନିର୍ବାଚନରେ ପରାଜିତ ହେବ। କଂଗ୍ରେସ ଦିଲ୍ଲୀରେ ପୁନର୍ବାର ମୂଳପୋଛ ହେବାକୁ ଯାଉଥିବା ଅଧିକାଂଶ ଏକଜିଟ ପୋଲ ରିପୋର୍ଟରେ କୁହାଯାଇଛି। ଏହା ଯଦି ବାସ୍ତବତାରେ ପରିଣତ ହୁଏ ତେବେ ଏହାର ପ୍ରଭାବ ଇଣ୍ଡିଆ ବ୍ଲକ ଉପରେ ପଡ଼ିବ। ଦିଲ୍ଲୀରେ ଇଣ୍ଡିଆ ବ୍ଲକର ଦୁଇ ଅଂଶୀଦାର ଦଳ କଂଗ୍ରେସ ଓ ଆପ ପରସ୍ପର ବିରୋଧରେ ଲଢୁଥିଲେ। କିନ୍ତୁ ମେଣ୍ଟର ପ୍ରାୟ ସବୁ ପ୍ରମୁଖ ଅଂଶୀଦାର ଦଳ ଆପକୁ ସମର୍ଥନ କରୁଥିଲେ। କଂଗ୍ରେସ ସେଠାରେ ଏକଗରିକିଆ ହୋଇ ପଡ଼ିଥିଲା। ନିର୍ବାଚନ ପ୍ରଚାର ବେଳେ କଂଗ୍ରେସ ବିଜେପି ପରିବର୍ତ୍ତେ ଦିଲ୍ଲୀରେ କ୍ଷମତାସୀନ ଆପକୁ ଟାର୍ଗେଟ କରିଥିଲା। ନିର୍ବାଚନୀ ସଭାରେ ଆପ ଉପରେ କଂଗ୍ରେସ ନେତାମାନେ ବର୍ଷିଥିଲେ ଏବଂ ଗୁରୁତର ଦୁର୍ନୀତି ଅଭିଯୋଗ ଆଣିଥିଲେ। ନିର୍ବାଚନ ସମୟରେ ପ୍ରତିପକ୍ଷ ଦଳକୁ ସମାଲେଶଚନା କରିବା ସ୍ୱାଭାବିକ। କିନ୍ତୁ କଂଗ୍ରେସ ଏହି ନିର୍ବାଚନରେ ଯେପରି ଭାବେ ଆପ ବିରୋଧରେ ଅତି କଟୁ ବାକ୍ୟ ପ୍ରୟୋଗ କରିଛି ତାହା ଅତି ଅସ୍ୱାଭାବିକ ଥିଲା। ରାଜନୀତିରେ ସବୁ ସମ୍ଭବ। ନିର୍ବାଚନ ପରେ ସରକାର ଗଠନ ପାଇଁ ଦୁଇ ଦଳ ଏକାଠି ହେବାରେ କିଛି ବିସ୍ମିତ ହେବାର ନାହିଁ। କିନ୍ତୁ ଯଦି ଏକଜିଟ ପୋଲ ରିପୋର୍ଟ ସତ ହୁଏ ଏବଂ ଏବ ବିଜେପି କ୍ଷମତାକୁ ଫେରେ ତେବେ ବିରୋଧୀ ଦଳମାନେ ସବୁ ଦୋଷ କଂଗ୍ରେସ ଉପରେ ଲଦିବେ। ଏହାର ପ୍ରତିକ୍ରିୟା ମଧ ପଡ଼ିବ। ଭବିଷ୍ୟତରେ ଆପ ଓ କଂଗ୍ରେସ ଆଉ କେବେ ଏକାଠି ହେବା ସମ୍ଭବ ନହୋଇପାରେ। ଆଉ ଆଗକୁ ହେବାକୁ ଥିବା ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ହ ଅନ୍ୟ କେହି ହାତ ମିଳାଇବାକୁ ଇଚ୍ଛା କରିବେ ନାହିଁ।

# କର୍କଟମୁକ୍ତ ସମାଜର ସ୍ୱପ୍ନ



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

ବିଶ୍ୱ କର୍କଟ ଦିବସ ପ୍ରତବର୍ଷ ଫେବୃଆରୀ ୪ରେ ପାଳିତ ହୋଇ ଆସୁଛି। ୨୦୨୫ର ଅଭିଯାନ "ସ୍ୱତନ୍ତ୍ରତାରେ ଏକତ୍ର" କୁ ନେଇ ରହିଛି। ଏହାର ଅର୍ଥ ନିଜର ଲକ୍ଷ୍ୟ ହାସଲ କରିବାରେ ଏକାଠି ହେବା ଓ ଆବଶ୍ୟକତା ପୂରଣରେ ସ୍‌ବତନ୍ତ୍ରତା ବଜାୟ ରଖିବା। ସବୁ କର୍କଟ ରୋଗୀଙ୍କୁ ଉତ୍କୃଷ୍ଟ ସେବା ଯୋଗାଇ ଦେବା ଏହି ଅଭିଯାନର ମୂଳ ଲକ୍ଷ୍ୟ।ପରିସଂଖ୍ୟାନରୁ ଜଣା ଯାଏ ପ୍ରତିବର୍ଷ କ୍ୟାନ୍ସର ରୋଗ ବଢ଼ିବାକୁ ଲାଗିଚି। ଆନ୍ତର୍ଜାତିକ କର୍କଟ ଗବେଷଣା କେନ୍ଦ୍ରର ହିସାବ ଅନୁସାରେ ୨୦୫୦ ବେଳକୁ ଏହା ୭୭% ବୃଦ୍ଧି ପାଇ ସାରିଥିବ।

ଆମ ନିଜ ଚାରିପାଖରେ, ପରିବାର ଓ ବନ୍ଧୁ ମହଲରେ ଅନେ ଅନେକ କ୍ୟାନ୍ସର ପୀଡ଼ିତଙ୍କୁ ଭେଟୁଚେ। କେହି ପ୍ରଥମ ସୋପାନରେ ଚିହ୍ନିତ ହୋଇ ଆପେକ୍ଷିକ ଭାବରେ ସୁସ୍ଥ ହେଇ ଯାଉଛି ତ କେହି ଚତୁର୍ଥ ବା ଶେଷ ପର୍ଯ୍ୟାୟ ରେ ଚିହ୍ନିତ ହୋଇ ଅଳ୍ପ ଦିନରେ ପ୍ରାଣ ହରାଉଛି।

୨୦୨୪ ମସିହାରେ ବିଶ୍ୱରେ ସବୁଠାରୁ ସାଧାରଣ କର୍କଟ ହେଉଛି ସ୍ତନ କର୍କଟ, ଫୁସଫୁସ କର୍କଟ ଏବଂ ପ୍ରୋଷ୍ଟେଟ କର୍କଟ। ଭାରତ ସମେତ ପୃଥିବୀର ଅଧିକାଂଶ ଦେଶରେ ମହିଳାମାନଙ୍କଠାରେ ସବୁଠାରୁ ସାଧାରଣ ହେଉଛି ସ୍ତନ୍ୟ କର୍କଟ ଜ୍ଞ ଆମେରିକାରେ ୨୦୨୪ ରେ ଆନୁମାନିକ ୩୧୩,୫୧୦ ନୂତନ ସ୍ତନ୍ୟ କର୍କଟ ରୋଗୀ ଚିହ୍ନିତ ହୋଇଛନ୍ତି ଜ୍ଞ ଭାରତରେ ଏହା ବିଗତ ବର୍ଷ ମାନଙ୍କରୁ ୩୦% ବୃଦ୍ଧି ପାଇଛି। ଏଥିପାଇଁ ଜଳବାୟୁ ପରିବର୍ତ୍ତନ ଓ ଅଳ୍ପ ବୟସରୁ କନ୍ୟା ମାନେ ପାଉଥିବା ପରିପକ୍‌ବତା ଦାୟୀ। ମାତ୍ର ଏହା ଚିହ୍ନିତ ନ ହୋଇ ପାରିବାର ମୂଳ କାରଣ ସଚେତନତା ର ଅଭାବ ଓ ସଙ୍କୋଚ। ମହିଳା ମାନେ ସାଧାରଣତଃ ନିଜର ଶରୀରକୁ ନେଇ ସଙ୍କୁଚିତ ଥାଆନ୍ତି ଏବଂ କ୍ୟାନ୍ସର ଜନିତ ଲକ୍ଷଣ ଗୁଡ଼ିକୁ ଅଣଦେଖା କରି ଥାଆନ୍ତି। ଫଳରେ ରୋଗ ଚିହ୍ନିତ ହେବା ବେଳକୁ ଅନେକ ଡେରି ହୋଇ ଯାଇଥାଏ। ଦ୍ୱିତୀୟ ବହୁଳ ଭାବରେ ଦେଖା ଦେଉଥିବା କର୍କଟ ହେଉଛି ଫୁସଫୁସ କର୍କଟ। ଏହି କର୍କଟ ବିଶ୍ୱ ବ୍ୟାପୀ ପୁରୁଷମାନଙ୍କରେ କର୍କଟ ମୃତ୍ୟୁର ମୁଖ୍ୟ କାରଣ ଜ୍ଞ ପଶ୍ଚିମ ଦେଶରେ ଧୂମପାନ ଏହି ରୋଗର କାରଣ ହୋଇ ଥିବା ବେଳେ ଏସିଆରେ କ୍ରମାଗତ ତମାଖୁ ସେବନ ଫୁସଫୁସ କର୍କଟର ହେତୁ ଜ୍ଞ ଭାରତରେ ୨୮.୬% ୧୫ ବର୍ଷ ରୁ ଉର୍ଦ୍ଧ ବୟସ୍କ ତମାଖୁ ଓ ସିଗାରେଟ୍ ସେବନ କରୁଛନ୍ତି। ଏଥିରୁ ୪୨.୪% ପୁରୁଷ ଓ ୧୪.୨% ମହିଳା ମଧ ଅଛନ୍ତି।

ଆଜିକାଲି ସହର ବଜାର ଛାଡ଼, ଗାଆଁ ଗହଳିରେ ମଧ ଛୋଟ ପିଲା ମାନେ ନିଶା ସେବନ କରିବାରେ ଲାଗିଛନ୍ତି। ଥରେ ଆମ ଅନୁଷ୍ଠାନରେ କାର୍ଯ୍ୟରତ ଜଣେ ଚତୁର୍ଥ ଶ୍ରେଣୀ ମହିଳା କର୍ମଚାରୀଙ୍କ ୧୨ବର୍ଷର ନାତି ଅଫିସ୍ କୁ ଆସି ଖୁବ୍ କଟାଳ କରୁଥାଏ। ପଚାରିବାରୁ ମହିଳା ମତେ କହିଲେ ଯେ ତାର ବହି ଖାତା ପାଇଁ ପଇସା ନାହିଁ। ତେଣୁ ତାକୁ ଦୁଇ ଶହ ଟଙ୍କା ମୁଁ ଦେଲି। ଖୁସିରେ ଦଉଡ଼ି ଚାଲିଗଲା। ଏପରି ଦୁଇ ଥର ହେଲା। ତୃତୀୟ ଥର ସେ ବାହାରେ ତାର ଆଈ କୁ ଟଣାଟଣି କରୁଥିବାର ଦେଖି ମୋର ସନ୍ଦେହ ହେଲା। ଟଙ୍କା ପାଇଁ ବାରମ୍ବାର ଏପରି କଟାଳ କାହିଁକି? ସେତେବେଳକୁ ତାର ଗୋରା ଦେହ ନାଲି ପଡ଼ି ହାତ ମୁଠା ମୁଠା ହେଲାଣି। ଏହା ତ ନିଶା ସେବନର ଲକ୍ଷଣ ବୋଲି କହିବାରୁ ମହିଳା କହିଲେ କି ହଁ ସେଇଥିରୁ ଟିକେ ପାଇଲେ ସେ ଶାନ୍ତ ପଡ଼ି ଯିବ। ମୋର ଆଶ୍ଚର୍ଯ୍ୟର ସୀମା ରହିଲାନି। ଏହା କେଉଁ ପ୍ରକାର ମାନସିକତା। ଆଈ ପରୋକ୍ଷରେ ନିଶା ସେବନ ପାଇଁ ପ୍ରେରିତ କରୁଚି। ଏହାର ଭୟାବହତା ବିଷୟରେ ଯେତେ ବୁଝାଇଲେ ମଧ ପରବର୍ତ୍ତୀ ସମୟରେ ସେ ପିଲାଟି ପଇସା ପାଇଁ ଆସେ। ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତଙ୍କ କଥା ଛାଡ, ଶିକ୍ଷିତ ଯୁବକ ମାନେ ମଧ ବିଳାସ ମନେ କରି ତମାଖୁ ଓ ନିଶା ସେବନ କରୁଛନ୍ତି। କ୍ରମଶଃ ଏହା ଆଭିଜାତ୍ୟର ଚିହ୍ନ ହୋଇ ସାରିଲାଣି। ମାତ୍ର ପ୍ରତିବର୍ଷ ଏଥିରେ ଆକ୍ରାନ୍ତ ନୂଆ କ୍ୟାନ୍ସର ପୀଡ଼ିତଙ୍କ କଥା କେହି ଜାଣୁ ନାହାନ୍ତି। ପୁରୁଷମାନଙ୍କ ମଧରେ ଦ୍ୱିତୀୟ ସାଧାରଣ କର୍କଟ ହେଉଛି ପ୍ରୋଷ୍ଟେଟ କର୍କଟ ଜ୍ଞ ୨୦୨୪ ରେ ପ୍ରାୟ ୩୫,୨୫୦ ପୁରୁଷ ପ୍ରୋଷ୍ଟେଟ କର୍କଟରେ ମୃତ୍ୟୁ ବରଣ କରିବାର ଆକଳନ କରା ଯାଇଛି। କର୍କଟ ଶରୀରର ଯେ କୌଣସି ଅଙ୍ଗରେ ହୋଇ ପାରେ। କିଛି ବର୍ଷ ତଳେ ଆମର ଜଣେ ସହକର୍ମୀ ମୁଖ କର୍କଟରେ ପୀଡ଼ିତ ହେଲେ। ସେ ତମାଖୁ ତ ଦୂରର କଥା ସାଧା ପାନଟିଏ ମଧ ଖାଆନ୍ତି ନାହିଁ। ତାଙ୍କର ଦନ୍ତବିନ୍ଧା ହେଉଥିଲା ଓ ସେ ଆଣ୍ଟିବାୟୋଟିକ୍ ଖାଇ ଏହାକୁ ଦବାଇ ଦେଉଥିଲେ। ସେଠି ବଢ଼ିଥିବା ଏକ ଛୋଟ ମାଂସ ଶେଷରେ କ୍ୟାନ୍ସରରେ ପରିଣତ ହୋଇ ପ୍ରାଣ ଘାତକ ସାବ୍ୟସ୍ତ ହୋଇଥିଲା। ଏଠାରେ ସଚେତନତାର ଅଭାବ ପାଇଁ ହିଁ ଏପରି ହେଲା। ବର୍ତ୍ତମାନର ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଆମ ଖଦ୍ୟ ପେୟରେ ଅନିୟମିତତା, ବାହ୍ୟ ଖାଦ୍ୟରେ ବିଷାକ୍ତ ମିଶ୍ରଣ ଇତ୍ୟାଦି କ୍ୟାନ୍ସର ରୋଗକୁ ବଢ଼ାଉଛି। ଖାଦ୍ୟରେ ଖାଦ୍ୟସାର ଅଭାବ, ମେଦବୃଦ୍ଧି, ମଦ୍ୟପାନ ମଧ ଅନ୍ୟାନ୍ୟ କାରଣ। ମହିଳା ମାନଙ୍କର ମାସିକ ଋତୁରେ ଅନିୟମିତତା, ପରିଷ୍କାର ପରିଚ୍ଛନ୍ନତା ପ୍ରତି ସଚେତନ ବୋଧ ମଧ ନାହିଁ। ବିଶେଷ ଭାବେ ଭାରତର ମହିଳା ମାନେ ଆଦୌ ସ୍ୱାସ୍ଥ୍ୟ ସଚେତନ ନୁହନ୍ତି। ଶେଷରେ କ୍ୟାନ୍ସର ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଏ। ରିପୋର୍ଟ୍ କହେ ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ ହେଉଥିବା କ୍ୟାନ୍ସର ୨୦ରୁ ୩୦% ଚିକିତ୍ସାସାଧ୍ୟ। ମାତ୍ର ସଚେତନତା ହିଁ ମୂଳ ମନ୍ତ୍ର। ଆମର ଶୃଙ୍ଖଳିତ ଜୀବନଶୈଳୀରେ ଆମେ କ୍ୟାନ୍ସର ଠାରୁ ଦୂରରେ ରହି ପରିବା। ରୋଗୀ ଚିହ୍ନଟ ହେଲେ ତାର ମନୋବଳ ଦୃଢ଼ କରି ତାର ଜୀବନୀ ଶକ୍ତି ଫେରାଇ ଆଣିବା। କାରଣ, ରୋଗ ଠାରୁ ରୋଗର ଭୟ ମଣିଷକୁ ମୃତ୍ୟୁ ଆଡ଼କୁ ନେଇ ଯାଇ ଥାଏ। ପ୍ରତି ମୁହୂର୍ତ୍ତରେ ରୋଗୀ ମୃତ୍ୟୁ କଥା ଭାବି ଭାବି ଅଧା ମରି ଯାଏ। ପ୍ରତ୍ୟେକ ରୋଗୀର ଶରୀର ଭିନ୍ନ ଭାବେ ଲଢ଼ିବାର ଶକ୍ତି ରଖେ। ଆମେ ଚେଷ୍ଟା କଲେ ରୋଗୀର ଇଚ୍ଛାଶକ୍ତି ବଳରେ ମୃତ୍ୟୁ ଉପରେ ବିଜୟ ଲାଭ କରି ଏକ କ୍ୟାନ୍ସର ମୁକ୍ତ ପରିବେଶ ତିଆରି କରି ହେବ।




**ବ୍ୟାସନଗର, ମୋବାଇଲ୍: ୯୪୩୮୦୬୪୪୬୪**


# ସ୍ମୃତିରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ

ଡାକ୍ତର ଜୀବନେନ୍ଦୁ ଆଚାର୍ଯ୍ୟ

ଆମ କଟକ ବଡ଼ମେଡ଼ିକାଲ ଭାବେ ସମସ୍ତେ ଏହାକୁ ବୁଝୁଥିବାବେଳେ ଏହାର ମୂଳ ନାମଟି ହେଉଛି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ। କଟକରେ ଅବସ୍ଥିତ ହୋଇଥିବା ଏହି ଡାକ୍ତରଖାନାଟି ଏବେ ବିଶ୍ୱସ୍ତରୀୟ ଏବଂ ଏହା କେବଳ ଓଡ଼ିଶାବାସୀଙ୍କ ଆଶା ଭରସାର କେନ୍ଦ୍ର ନୁହେଁ ବରଂ ପୂର୍ବ ଭାରତ ରାଜ୍ୟ ସମୂହର ପୀଡ଼ିତ ଅସୁସ୍ଥବର୍ଗଙ୍କ ପାଇଁ ଆଶା ଓ ଆଶ୍ୱାସନାର କେନ୍ଦ୍ର ପାଲଟିଛି। ଓଡ଼ିଶା ସରକାର ପର୍ଯ୍ୟାପ୍ତ ଅନୁଦାନ ପ୍ରଦାନ କରି ଏହାକୁ ବିଶ୍ୱସ୍ତରୀୟ କରିପାରିଛନ୍ତି। ଆଜିର ସମୟରେ ମନେପଡ଼ିଯାଉଛି ଆମ ୧୯୭୫ରୁ ୧୯୮୦ ମସିହାର ପାଠପଢ଼ା ଓ କର୍ମମୟ ଜୀବନର ଆରମ୍ଭର ମୁହୂର୍ତ୍ତ ଗୁଡ଼ିକ। ହଜିଲା ଅତୀତକୁ ଅଭୁଲା ସ୍ମୃତି ଭିତରେ ସାଉଁଟିଲା ବେଳକୁ ଅନେକ କଥା ମନେପଡ଼େ। ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ମରହଟ୍ଟା ରାଜତ୍ୱର ସମୟ। ସେ ସମୟରେ ଆମ ଉତ୍କଳର ପରମ ଆରାଧ ଦେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଭାରତ ବର୍ଷର ଚାରିଆଡ଼ୁ ଶ୍ରଦ୍ଧାଳୁମାନେ ପୁରୀ ଆଗମନ କରୁଥିଲେ। ତେବେ ଭକ୍ତ ଓ ପରିବ୍ରାଜକଙ୍କ ପୁରୀ ସହିତ ଯୋଗସୂତ୍ରର ମୁଖ୍ୟ ବାଟଟି ଥିଲା ଜଗନ୍ନାଥ ସଡ଼କ ଯାହା କଟକ ସହର ଦେଇ ଯାଇଥିଲା। ତେବେ ଦିନ ଦିନ ଧରି ଯାତ୍ରୀମାନେ ପଥଶ୍ରାନ୍ତ ହୋଇ ପୁରୀ ଅଭିମୁଖେ ଯାଉଥିବାବେଳେ ବାଟରେ ବିଶୁଦ୍ଧ ପାନୀୟ ଜଳ ଓ ଅସ୍ୱସ୍ତିକର ପରିବେଶକୁ ସାମ୍ନା କରି ଝାଡ଼ା ବାନ୍ତି ଠାରୁ ମହାମାରୀ ମ୍ୟାଲେରିଆ ଓ ଫାଇଲେରିଆକୁ ସାମ୍ନା କରୁଥିଲେ। ଏହିପରି ସମୟରେ ମରହଟ୍ଟା ରାଜାମାନେ ସଡ଼କର ଆଖପାଖରେ ଛୋଟ ଛୋଟ ଚିକିତ୍ସାଳୟ ଗଠନ କରିଥିଲେ। ସେହିପରି ଏକ ସନ୍ଧୀକ୍ଷଣ ସମୟରେ ଆଜିର ଶ୍ରୀରାମଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟ ପରିସର ଭିତରେ ଏକ ଡିସପେନସାରୀ ଖୋଲା ଯାଇଥିଲା। ଅନେକ ବର୍ଷ ତଳେ ସେହି ଡିସପେନସାରୀଟି ଆଜି ସର୍ବବୃହତ୍ତ ବିଶ୍ୱ ସ୍ତରୀୟ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ।

୧୮୦୩ରେ ଇଂରେଜମାନେ ଓଡ଼ିଶାକୁ ଅଧିକାର କଲାପରେ ଏଲୋପାଥିକ ଚିକିତ୍ସାକୁ ହୃଦୟଙ୍ଗମ କରି ଏହି କ୍ଷୁଦ୍ର ଡିସପେନସାରୀକୁ ହସ୍ପିଟାଲରେ ପରିଣତ କଲେ। ପରବର୍ତ୍ତୀ ସମୟରେ ଆଉଟଡୋର ଓ ଇନଡୋରର ବ୍ୟବସ୍ଥା ହେଲା। ଇଂରେଜମାନେ ଏହି ହସ୍ପିଟାଲ ତିଆରି ପାଇଁ ଯଥେଷ୍ଟ ଅନୁଦାନ ପ୍ରଦାନ କଲେ। କିନ୍ତୁ ୧୮୬୫-୬୬ର ନ'ଅଙ୍କ ଦୁର୍ଭିକ୍ଷରେ ଓଡ଼ିଶାର ଆର୍ଥିକ ମାନଦଣ୍ଡ ଦୋହଲିଗଲା। ତେବେ ୧୮୭୫ ମସିହାଟି ଥିଲା ଏହି ଅନୁଷ୍ଠାନର ଯାତ୍ରା ପଥରେ ଏକ ସ୍ମରଣୀୟ ବର୍ଷ। ସେ ସମୟରେ ତତ୍କାଳୀନ ସଭିଲ ସର୍ଜନ ଗୋରା ସାହେବ ଡକ୍ଟର ଷ୍ଟିୱାର୍ଟ ଏହି ହସ୍ପିଟାଲକୁ କେନ୍ଦ୍ର କରି ଏକ ମେଡ଼ିକାଲ ସ୍କୁଲ ତିଆରି ପାଇଁ ସ୍ୱପ୍ନ ଦେଖିଥିଲେ। ତତ୍କାଳୀନ ଲେଫଟ୍ଟନାଣ୍ଟ ଗଭର୍ଣ୍ଣର ସାର ରଚିର୍ଡ଼ ଟେମ୍ପୁଲ ଓ ଡିଭିଜିନାଲ କମିସନର ଟିଇ ରେଭେନ୍ସାଙ୍କ ଆର୍ଥିକ ସହାୟତା ଫଳରେ ମେଡ଼ିକାଲ ସ୍କୁଲ ସ୍ଥାପନ କଲେ ସେହିବର୍ଷ। ଏହି ସ୍କୁଲରୁ ଏଲଏମପି ଡିପ୍ଲୋମା ପ୍ରାପ୍ତ ଲାଇସେନସିଏଟ ମେଡ଼ିକାଲ ପ୍ରାଟିସନରମାନେ ବାହାରିଲେ ଯେଉଁମାନେ ସାରା ଓଡ଼ିଶାରେ ଚିକିତ୍ସକ ଭାବେ ନୂଆ ଅଧ୍ୟାୟ ସୃଷ୍ଟି କରି ଚିକିତ୍ସା ସେବାରେ ନୂଆ ଯୁଗ ଆରମ୍ଭ କଲେ। ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ପାଇବା ପରେ ସେ ସମୟରେ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ ନଥିଲା। ମାତ୍ର ପାଞ୍ଚଟି ସାଧାରଣ କଲେଜ ଥିଲା। ଏହାକୁ ହୃଦୟଙ୍ଗମ କରି ତତ୍କାଳୀନ ପ୍ରଧାନ ମନ୍ତ୍ରୀ ବିଶ୍ୱନାଥ ଦାସ ଓଡ଼ିଶାରେ ଏକ ୟୁନିଭର୍ସିଟି ବସାଇବା କଥା ଚିନ୍ତା କରିଥିଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ କାରଣରୁ ଏହି ଯୋଜନା ସ୍ଥଗିତ ରହିଗଲା।

୧୯୪୩ରେ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଦେବ ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟ ତିଆରି ପାଇଁ ସ୍ୱପ୍ନ ଦେଖିଥିଲେ। ଯାହାଫଳରେ ନଭେମ୍ବର ୨୭, ୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହାସହ ଆଉ ସାତଟି କଲେଜ ମଧ ପ୍ରତିଷ୍ଠା ହେଲା। ଯେଉଁଥିରେ ଛଅଟି ସାଧାରଣ କଲେଜ ଓ ଗୋଟିଏ ମେଡ଼ିକାଲ କଲେଜ। ସେ ସମୟରେ ଓଡ଼ିଶାରେ ସମୁଦାୟ କଲେଜ ସଂଖ୍ୟା ଥିଲା ବାର। ଓଡ଼ିଶା ମେଡ଼ିକାଲ ସ୍କୁଲ ପରିବର୍ତ୍ତିତ ହେଲା ନୂଆ ନାମରେ ଯାହାର ନାମ ରହିଲା ଓଡ଼ିଶା ମେଡ଼ିକାଲ କଲେଜ। ଓଡ଼ିଶା ମେଡ଼ିକାଲ ସ୍କୁଲର ଅଧକ୍ଷ ମେଜର ଏ.ଟି. ଆଣ୍ଡର୍ସନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କର୍ଣ୍ଣେଲ ଏମ୍. ଚୋପ୍ରାଙ୍କୁ ପ୍ରବର୍ତ୍ତାଇ ଏହି ମେଡ଼ିକାଲ ସ୍କୁଲକୁ ମେଡ଼ିକାଲ କଲେଜ ଭାବେ ଉନ୍ନିତ କରାଇବାରେ ପ୍ରମୁଖ ସେନାପତି ସାଜିଥିଲେ। ତତ୍କାଳୀନ ଓଡ଼ିଶା ସରକାରଙ୍କ ତରଫରୁ ମହାରାଜ କୃଷ୍ଣଚନ୍ଦ୍ର ଗଜପତିନାରାୟଣ ଦେବଙ୍କ ମନ୍ତ୍ରୀ ମଣ୍ଡଳର ବିଶିଷ୍ଟ ନେତା ଓ ତତ୍କାଳୀନ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ଏହି ମେଡ଼ିକାଲ କଲେଜ ପ୍ରତିଷ୍ଠା ଦିଗରେ ପ୍ରମୁଖ ଓ ମୁଖ୍ୟ ଭୂମିକା ନେଇଥିଲେ। ୧୯୪୪ ଜୁନ ୧ ତାରିଖରେ ଓଡ଼ିଶା ମେଡ଼ିକାଲ କଲେଜ ଆରମ୍ଭ ହୋଇଥିଲା ଏବଂ ସେହି ମେଡ଼ିକାଲ ସ୍କୁଲ ପରିବେଶରେ ପ୍ରଥମ ବର୍ଷ ୨୨ଜଣ ଛାତ୍ର ଏହି କଲେଜରେ ନାମ ଲେଖାଇ ଥିଲେ ଯେଉଁମାନେ ୧୯୪୪ରେ ଡାକ୍ତର ଭାବେ ସେମାନଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୫୨ ମସିହାରେ ଏହି କଲେଜ ମେଡ଼ିକାଲ କାଉନସିଲର ଅନୁମୋଦନ ପାଇବା ପରେ ଅନ୍ୟ ମେଡ଼ିକାଲ କଲେଜ ସହ ସମକକ୍ଷ ହେବାକୁ ଆବଶ୍ୟକ ପଡ଼ିଥିବା ଅର୍ଥ କିଛି ପରିମାଣରେ ତତ୍କାଳୀନ ମୟୂରଭଞ୍ଜ ମହାରାଜଙ୍କ ଠାରୁ ପ୍ରାପ୍ତ ହୋଇଥିଲା। ଯାହାର କୃତଜ୍ଞତା ସ୍ୱରୂପ ପରବର୍ତ୍ତୀ ସମୟରେ ଏହାର ନାମ ରହିଲା ଜନପ୍ରିୟ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ନାମରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ। ଏଠାରେ ସ୍ମରଣ କରିଦିଆଯାଇପାରେ କି ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ତଥା ସ୍ୱତନ୍ତ୍ର ସ୍ୱାଧୀନ ଉତ୍କଳର ଚିନ୍ତାନାୟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ ଓଡ଼ିଶାର ଲକ୍ଷ ଲକ୍ଷ ରୋଗାକ୍ରାନ୍ତ ଗରିବ ଅଭାବୀ ଜନସାଧାରଣଙ୍କ ପାଇଁ ତାଙ୍କ ଜୀବଦ୍ଦଶାରେ ବହୁ ପ୍ରଗତିମୂଳକ କାର୍ଯ୍ୟ କରିଥିଲେ। ୧୯୫୧ରେ ତାଙ୍କରି ନାମରେ ମେଡ଼ିକାଲ କଲେଜ ନାମିତ ହୋଇଥିଲା। ୨୨ଜଣ ଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଛୋଟିଆ ବୃକ୍ଷଟି ଆଜି ବିରାଟ ବଡ଼ ବଟବୃକ୍ଷରେ ପରିଣତ ହୋଇଛି। ୧୯୬୦ରୁ ସ୍ନାତୋକତ୍ତର ଶିକ୍ଷା କାର୍ଯ୍ୟକ୍ରମ, ୧୯୮୧ରେ ପୋଷ୍ଟ ଡକ୍ଟରାଲ ତାଲିମ ଓ ଶିକ୍ଷା ଓ ପରବର୍ତ୍ତୀ ସମୟରେ ୨୧ଟିରୁ ଉର୍ଦ୍ଧ୍ୱ ବିଷୟରେ ସୁପର ସ୍ପେସିଆଲ ବା ପୋଷ୍ଟ ଡକ୍ଟରାଲ ଡିଗ୍ରୀ ତାଲିମ ଦିଆଯାଉଛି। ସମଗ୍ର ଭାରତ ବର୍ଷରେ ଆଜି ସ୍ୱାସ୍ଥ୍ୟସେବା, ଚିକିତ୍ସା, ତାଲିମ ଓ ଗବେଷଣା କ୍ଷେତ୍ରରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ନିଜ ସୁନାମ ଯଥେଷ୍ଟ ବଢ଼ାଇବା ସହ ଅସହାୟ ପୀଡ଼ିତଙ୍କ ଆଶା ଭରସାର କେନ୍ଦ୍ର ପାଲଟିଛି। ଆମ ସମୟର ଅନେକ କୃତବିଦ୍ୟ ଆଜି ସମୟର ଗହଣରେ ନାହାଁନ୍ତି। କଟକର ଦୁଇପଟେ ଥିବା ମହାନଦୀ ଓ କାଠଯୋଡ଼ିରେ ଅନେକ ପାଣି ବୋହି ଯିବା ପରି ସ୍ମୃତି ଭିତରେ ଅନେକ ଅକୁହା ସ୍ମୃତି ଓ କଥା ସବୁ ରହିଯାଇଛି। ଆଜି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଅନେକ ଯଶସ୍ୱୀ ଓ କୃତବିଦ୍ୟ ଡାକ୍ତରମାନେ ଧନ୍ୱନ୍ତରୀଙ୍କ ସ୍ଥାନ ନେଇଛନ୍ତି। ସେମାନେ ନିଜ ଶିକ୍ଷା ଗୁରୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ପୀଡ଼ିତମାନଙ୍କ ବିଶ୍ୱାସ ଭାଜନ ହୋଇପାରି ଦ୍ୱିତୀୟ ଭଗବାନଙ୍କ ସ୍ଥାନରେ ଆସୀନ ହୋଇପାରିଛନ୍ତି। ସମୟର ଉହାଡ଼ରେ ଅନେକ କଥା ରହି ଯାଇଥିବାବେଳେ ପୂଜ୍ୟପୂଜା ସମ୍ମାନ ପାଇଁ ପୁରାତନ ସମୟର ଗୁରୁ ମାନଙ୍କୁ ସମ୍ମାନିତ କରି ନିଜକୁ ସମ୍ମାନିତ କରିବାର ପରମ୍ପରା ଯେଉଁ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କୁ ସାଧୁବାଦ ଓ ଅଭିନନ୍ଦନ।




**ନିଦାନ ବିଶେଷଜ୍ଞ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋବାଇଲ୍: ୯୪୩୭୩୬୬୨୦୯**


# ଗଡଜାତ ଆନ୍ଦୋଳନର ଜନନାୟକ ପବିତ୍ର ମୋହନ ପ୍ରଧାନ



ଅବିରତ ପ୍ରଧାନ

ଓଡ଼ିଶାର ଯେଉଁ କେତେଜଣ ସ୍‌ବନାମଧନ୍ୟ ସଂଗ୍ରାମୀ ତଥା ତ୍ୟାଗପୂତ ଉତ୍ସର୍ଗୀକୃତ ବିପ୍ଳବୀ ଜନ୍ମ ଲାଭ କରିଥିଲେ, ସେମାନଙ୍କ ମଧରେ ସ୍ୱାଧୀନଚେତା, ସ୍ପଷ୍ଟବାଦୀ, ରାଜନୀତିଜ୍ଞ ଓ ସାହିତ୍ୟିକ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଅନ୍ୟତମ। ଏହି ମହିମାନ୍ୱିତ ବ୍ୟକ୍ତି ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ତାଳଚେର ସବଡିଭିଜନ, କଣିହାଁ ବ୍ଲକର ପୋଇପାଳ ଗ୍ରାମରେ ୧୯୦୮ ମସିହା ଫେବୃଆରୀ ମାସ ୮ତାରିଖ ବୁଧବାର ଦିନ ଉତ୍ତରାଫାଲଗୁନୀ କନ୍ୟା ରାଶି ଏବଂ ତୁଳାଲଗ୍ନରେ ଜନ୍ମଲାଭ କରିଥିଲେ। ତାଙ୍କ ପିତାଙ୍କ ନାମ ଭରତ ପ୍ରଧାନ ଏବଂ ମାତାଙ୍କ ନାମ ଶାନ୍ତିଦେବୀ। ଜନ୍ମର ୩ମାସ ୧୫ଦିନ ପରେ ହଇଜାରେ ପିତାଙ୍କର ଏବଂ ବାଲ୍ୟ ଅବସ୍ଥାରେ ମାତାଙ୍କର ମୃତ୍ୟୁ ହେଲା। ବାଲ୍ୟକାଳରୁ ସେ ପିତୃମାତୃହୀନ, ଅଯତ୍ନ-ପାଳିତ ଓ ବର୍ଦ୍ଧିତ। ତାଙ୍କର ଥିଲେ ଦୁଇ ଭାଇ ଏବଂ ଦୁଇ ଭଉଣୀ। ତାଙ୍କ ବଡଭାଇ ମାଗାତା ପ୍ରଧାନ ତାଙ୍କ ଠାରୁ ୧୧ବର୍ଷ ବଡ଼।ସେ ଅତ୍ୟନ୍ତ ସାହାସୀ ଏବଂ ସ୍ପଷ୍ଟବାଦୀ ଥିଲେ। ଘରେ ଜମିବାଡ଼ି ଥିଲେ ମଧ ରାଜ୍ୟ ସରକାରଙ୍କ ଖଜଣା, ମାଗଣ, ରସଦ ଓ ଅନ୍ୟାନ୍ୟ ପାଉଣା ଦେଇପାରୁ ନଥିଲେ। ଫଳରେ ତାଙ୍କୁ କର୍ମଚାରୀମାନଙ୍କର ନାନାବିଧ ନିର୍ଯାତନା ଶିକାର ହେବାକୁ ପଡୁଥିଲା। ଜମି ବିକ୍ରିର ଉଦ୍ୟମ କଲେ ମଧ କେହି ତାକୁ କ୍ରୟ କରି ପାରୁନଥିଲେ। କାରଣ ସେ ସମୟରେ ରାଜାଙ୍କର ପ୍ରଜା ହୋଇ ବେଠୀ ଓ ବେଗାରୀ ଖଟିବାକୁ ଏବଂ ମାଗଣ, ରସଦ ଓ ରାଜସ୍ୱ ଦେବାକୁ ସମସ୍ତେ ବାଧ ହେଉଥିଲେ। ଜମି ସରକାରଙ୍କୁ ଦେବା ପାଇଁ ଇଚ୍ଛା ଥିଲେ ସୁଦ୍ଧା ତାକୁ ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ ନଥାନ୍ତି। ତାଙ୍କର ପୈତୃକ ଘର ପୋଇପାଳ ଠାରୁ ଦୁଇମାଇଲି ଦୂରରେ ତାଳପଦା ଗ୍ରାମରେ ଥିଲା। ବଡ଼ ପରିବାର ଥିବାରୁ ତାଙ୍କ ଜେଜେବାପାଙ୍କ ବାପା ରଘୁ ପ୍ରଧାନ ପୋଇପାଳକୁ ଉଠି ଆସିଥିଲେ। ପର୍ବତ ପାଦଦେଶରେ ଦୁଇଶତ ଏକରରୁ ଅଧିକ ଜମି ଆବାଦ କରି ସେଠାରେ ବନ୍ଧ ବାନ୍ଧିଲେ ଓ ତୋଟା ତିଆରି କଲେ। ଶତ ଶତ ଗୋରୁ ମହିଷ ପାଳନ କରି ଅତି ଆଡ଼ମ୍ବରରେ ଜୀବନଯାପନ କଲେ। ରଘୁଙ୍କର ଥିଲେ ପାଞ୍ଚ ପୁଅ। ସେମାନେ ଥିଲେ ଏକାନ୍ନବର୍ତ୍ତୀ ପରିବାର। ତାଙ୍କ ଜେଜେ ବାପାଙ୍କ ବାର ପୁଅ। ଆର୍ଥୀକ ସ୍ୱଚ୍ଛଳତା ଥିଲେ ମଧ ଘରର ପ୍ରତେକ ବ୍ୟକ୍ତି କାୟିକ ପରିଶ୍ରମ କରିବାକୁ ବାଧ ହେଉଥିଲେ। ହିନ୍ଦୁ ସଂସ୍କୃତିର ସେମାନେ ଦାୟଦ ଥିଲେ। ଏହି କାରଣରୁ ଠାକୁର ପୂଜାର ବ୍ୟବସ୍ଥା ନିଜ ଘରେ ଭିତରେ କରାଇଥିଲେ। ମୋଗଲବନ୍ଦୀରୁ ଜଣେ ଅବଧାନ ଅଣାଇ ଘରେ ଗୃହ ଶିକ୍ଷକ ରଖି ପୁରୁଷ ପିଲାମାନଙ୍କୁ ଲିଖନ, ପଠନ ଏବଂ ଗଣନ ଇତ୍ୟାଦି ବିଷୟରେ ଶିକ୍ଷା ଦେଉଥିଲେ। ନିୟମିତ ଭାବରେ ପୋଥି ପୁରାଣ ବସେଇ ତାହା ଚର୍ଚ୍ଚା କରାଯାଉଥିଲା।

ଏହିପରି ଏକ ପରିବାରର ପବିତ୍ର ମୋହନଙ୍କ ଜନ୍ମ।

ମାତ୍ର ପିତାମାତାଙ୍କ ନିଧନ ପରେ ପରିବାରର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିଲା। ଏହା ଫଳରେ ପୂର୍ବର ପରମ୍ପରା ଓ ଆଦର୍ଶ କ୍ରମଶଃ ଭୁଶୁଡ଼ି ପଡ଼ିଲା। ଏହିଭଳି ବିଭିନ୍ନ ଘାତ ପ୍ରତିଘାତ ପରେ ସମକାଳୀନ ଗଡ଼ଜାତ ଆନ୍ଦୋଳନର ଜନନାୟକ ଥିଲେ ପବିତ୍ର ମୋହନ ପ୍ରଧାନ। ଆଜି ତାଙ୍କ ପୂଣ୍ୟ ତିଥିରେ ଜନନାୟକ ପବିତ୍ର ମୋହନ ପ୍ରଧାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି।



# ଦୁର୍ଘଟଣା ପରେ ଜଳିଗଲା ବାୟୁସେନା ବିମାନ

**ଭୋପାଳ, ୬।୨:** ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାରେ ବାୟୁସେନାର ଯୁଦ୍ଧ ବିମାନ 'ମିରାଜ-୨୦୦୦' କ୍ରାସ୍ ହୋଇଛି। ଦୁର୍ଘଟଣା ପୂର୍ବରୁ ଦୁଇ ପାଇଲଟ୍ ସୁରକ୍ଷିତ ଭାବରେ ବାହାରି ଆସିଥିଲେ। ଏଥିରେ ସେମାନେ ସାମାନ୍ୟ ଆହତ ହୋଇଛନ୍ତି। ଜଣେ ପାଇଲଟ୍ ନିଜେ କଲ୍ କରି ସାଥୀମାନଙ୍କୁ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଦୁର୍ଘଟଣା ବିଷୟରେ ଖବର ମିଳିବା ପରେ ସ୍ଥାନୀୟ ପ୍ରଶାସନ ତୁରନ୍ତ ଏକ ଟିମକୁ ଘଟଣାସ୍ଥଳକୁ ପଠାଇଛି। ବିମାନ ଦୁର୍ଘଟଣାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଶିବପୁରୀର ବହରେଟା ସାନୀ ଗାଁ ନିକଟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରତିରକ୍ଷା ଅଧିକାରୀଙ୍କ ମୁତାବକ, ଟ୍ୱିନ୍-ସିଟର୍ ମିରାଜ ୨୦୦୦ ନିୟମିତ ପ୍ରଶିକ୍ଷଣ ଉଡ଼ାଣ ବେଳେ ଦୁର୍ଘଟଣାର ଶିକାର ହୋଇଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ କୋର୍ଟ ଅଫ୍ ଇନକ୍ୱାରୀର ଆଦେଶ ଦିଆଯାଇଛି। ବିମାନରେ ଟେକ୍ନିକାଲ୍ ତ୍ରୁଟି ହେତୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଅଧିକାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି। ଗୁରୁବାର ଅପରାହ୍ନ ପ୍ରାୟ ୨ଟା



୨୦ରେ ବିମାନଟି କ୍ରାସ୍ ହୋଇଥିଲା। ଦୁର୍ଘଟଣାରେ ଉଭୟ ପାଇଲଟ୍ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଯୁଦ୍ଧ ବିମାନ ସମ୍ପୂର୍ଣ୍ଣ ଭାବେ ଜଳୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ସେପଟେ ଆମେରିକାରେ ପୁଣି ୨ଟି ବିମାନ ମୁହାଁମୁହିଁ ଧକ୍କା ହୋଇଛି। ହେଲେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ସିଆଟେଲ୍- ଟାକୋମା ଏୟାରପୋର୍ଟ ରନଓ୍ୱେରେ ଏହି ଦୁର୍ଘଟଣା ଘଟିଛି। ବିମାନରେ ଥିବା ୧୪୨ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଜାପାନ ଏୟାର ଲାଇନ୍ସର ଜେଟ୍ ଓ ଡେଲ୍ଟା ଏୟାର ଲାଇନ୍ସ ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣା ଯୋଗୁ କିଛି ସମୟ ପାଇଁ ଉଡ଼ାଣ ବାତିଲ କରାଯାଇଥିଲା।

ଏହିପରି କିଛି ଦିନ ତଳେ ମଧ ମଝି ଆକାଶରେ ଦୁଇ ବିମାନ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା। ଆମେରିକାର ଓ୍ୱାଶିଂଟନ ଡିସି ନିକଟରେ ରେଗାନ ନ୍ୟାସନାଲ ଏୟାରପୋର୍ଟ ନିକଟରେ ଅବତରଣ ପୂର୍ବରୁ ଏକ ବିମାନକୁ ଆର୍ମି ହେଲିକପ୍ଟର ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବିମାନଟି ପୋଟମାକ୍ ନଦୀକୁ ଖସିପଡ଼ିଥିଲା। ଏଥିରେ ସମସ୍ତ ୬୪ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

## ବ୍ୟାଡମିଣ୍ଟନ ଖେଳୁଥିବା ସମୟରେ ଟଳିପଡ଼ିଲେ ବ୍ୟବସାୟୀ

**ଇନ୍ଦୋର, ୬।୨:** ମଧ୍ୟପ୍ରଦେଶର ଇନ୍ଦୋରରେ ଜଣେ ବ୍ୟବସାୟୀଙ୍କ ହୃଦଘାତରେ ମୃତ୍ୟୁ ହୋଇଥିବାର ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମୃତ ବ୍ୟବସାୟୀଙ୍କ ନାମ ଅମିତ ଚେଲାଓ୍ୱତ ଓ ବୟସ ୪୫ବର୍ଷ ଥିବା ଜଣାପଡ଼ିଛି।

ମୃତ ପରେ ବ୍ୟବସାୟୀଙ୍କ ପରିବାରଲୋକ ଅମିତଙ୍କ ଆଖି ଏବଂ ଚର୍ମ ଦାନ କରି ଦେଇଛନ୍ତି। କୁହାଯାଏ ଯେ ଜୈନ ଧର୍ମରେ ସକାଳ ୮ ପୂର୍ବରୁ କିଛି ଖିଆ ଯାଇ ନଥାଏ। ଅମିତ ଜଣେ ଜୈନଧର୍ମୀ ଥିଲେ। ଖେଳୁଥିବା ସମୟରେ ଅସୁସ୍ଥତା ଅନୁଭବ କରିବା ସତ୍ତ୍ୱେ ଅମିତ ଔଷଧ ଖାଇ ନଥିଲେ।

ପ୍ରାପ୍ତ ସୂଚନା ଅନୁଯାୟୀ, ଅମିତ ଚେଲାଓ୍ୱତ ଜୈନ ଧର୍ମର ଜଣେ ଅନୁଗାମୀ ଥିଲେ ଏବଂ ନବକାର୍ଷି ପରମ୍ପରା ପାଳନ କରୁଥିଲେ। ଅସୁସ୍ଥ ଅନୁଭବ କରିବା ସମୟରେ ଯେତେବେଳେ ତାଙ୍କ ବନ୍ଧୁମାନେ ତାଙ୍କୁ ଔଷଧ ଦେବାକୁ ଚେଷ୍ଟା କରିଥିଲେ, ସେ ୮ ପୂର୍ବରୁ କିଛି ଖାଇ ପାରିବେ ନାହିଁ କହି ମନା କରିଦେଇଥିଲେ। ଏହି ସମୟ ମଧ୍ୟରେ ତାଙ୍କର ଦ୍ୱିତୀୟ ହୃଦଘାତ ହୋଇଥିଲା ଏବଂ ସେ ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ।

ସାଥୀମାନେ ତାଙ୍କୁ ତୁରନ୍ତ ନିକଟସ୍ଥ ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ, ହେଲେ ଦୁଃଖର ବିଷୟ ଡାକ୍ତର ଅମିତ ଚେଲାଓ୍ୱତଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଅମିତଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ଝିଅ ଅଛନ୍ତି। ବଡ଼ ଝିଅ ଆଚମି ଆମେରିକାରେ ପାଠପଢୁଛନ୍ତି। ସାନ ଝିଅ ମାନ୍ୟା ଏକାଦଶ ଶ୍ରେଣୀର ଛାତ୍ରୀ।


## ଫଳାଫଳ ପୂର୍ବରୁ ପରାଜୟ ସ୍ୱୀକାର କରିଛି କଂଗ୍ରେସ!

**ନୂଆଦିଲ୍ଲୀ, ୬।୨:** ୭୦ ଆସନ ବିଶିଷ୍ଟ ଦିଲ୍ଲୀ ବିଧାନସଭା ପାଇଁ ଗତକାଲି ଭୋଟ୍ ଗ୍ରହଣ ଶେଷ ହୋଇଛି ଏବଂ ଆଗାମୀ ୮ତାରିଖରେ ଭୋଟ୍ ଗଣତି ହେବ। ଏହି ନିର୍ବାଚନରେ ଶାସକ ଆମ୍ ଆଦ୍ମୀ ପାର୍ଟି (ଆପ୍), ବିଜେପି ଓ କଂଗ୍ରେସ ମଧ୍ୟରେ ତ୍ରିକୋଣୀୟ ମୁକାବିଲା ଦେଖିବାକୁ ମିଳିଥିବା ବେଳେ ମତଦାନ ସରିବା ପରେ ବିଭିନ୍ନ ଏଜେନ୍ସି ପକ୍ଷରୁ ଏକ୍‌ଜିଟ୍ ପୋଲ୍ (ବୁଥ୍ ବାହୁଡ଼ା ମତ) ପ୍ରକାଶ ପାଇଥିଲା । ୨୭ ବର୍ଷ ପରେ ବିଜେପି ପୁଣି ଥରେ କ୍ଷମତାକୁ ଫେରିବ ବୋଲି ଅନେକ ସଂସ୍ଥା ସେମାନଙ୍କ ଏକଜିଟ୍ ପୋଲରେ ପୂର୍ବାନୁମାନ କରିଥିଲେ । ୬ଟି ସଂସ୍ଥା ବିଜେପି ସହଜରେ ମ୍ୟାଜିକ୍ ନମ୍ବର(୩୬) ହାସଲ କରିବାରେ ସକ୍ଷମ ହେବ ବୋଲି ଦର୍ଶାଇଥିଲେ। କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିବ ବୋଲି ସମସ୍ତ ସଂସ୍ଥା ଦର୍ଶାଇଥିଲେ । ଯଦିଓ ଦିଲ୍ଲୀ ନିର୍ବାଚନର ଫଳାଫଳ ଫେବୃଆରୀ ୮ ତାରିଖରେ ଜଣାପଡିବ, କିନ୍ତୁ ଫଳାଫଳ ଘୋଷଣା ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ସନ୍ଦୀପ ଦୀକ୍ଷିତଙ୍କ ପକ୍ଷରୁ ଏପରି ଏକ ବୟାନ ଆସିଛି, ଯେଉଁଥିରେ ଜଣାପଡିଛି ଯେ ପ୍ରକୃତ ନିର୍ବାଚନ ଫଳାଫଳ ଘୋଷଣା ହେବା ପୂର୍ବରୁ କଂଗ୍ରେସ ଦିଲ୍ଲୀରେ ନିଜର ପରାଜୟକୁ ସ୍ୱୀକାର କରିସାରିଛି! କେବଳ ଏତିକି ନୁହେଁ, ସେ ଆମ ଆଦମୀ ପାର୍ଟି ପାଇଁ ଏକ ବଡ଼ ବୟାନ ଦେଇଛନ୍ତି। ଆପଣଙ୍କୁ କହି ରଖୁଛୁ ଯେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶୀଲା ଦୀକ୍ଷିତଙ୍କ ପୁଅ ସନ୍ଦୀପ ଦୀକ୍ଷିତ ନୂଆଦିଲ୍ଲୀ ଆସନରୁ ଆପ୍ ମୁଖ୍ୟ ଅରବିନ୍ଦ କେଜରିଓ୍ୱାଲ ଏବଂ ବିଜେପି ପ୍ରାର୍ଥୀ ପ୍ରବେଶ ବର୍ମାଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିଛନ୍ତି। ନିର୍ବାଚନ ପ୍ରଚାର ସମୟରେ, ସନ୍ଦୀପ ଦୀକ୍ଷିତ ବିଜେପି ଅପେକ୍ଷା ଆମ ଆଦମୀ ପାର୍ଟି ଏବଂ କେଜରିଓ୍ୱାଲଙ୍କୁ ଅଧିକ ତୀବ୍ର ଆକ୍ରମଣ କରିଥିଲେ। ଏକଜିଟ୍ ପୋଲ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ କହିଛନ୍ତି, "ଯଦି ଆପଣ ଏକଜିଟ୍ ପୋଲକୁ ବିଶ୍ୱାସ କରନ୍ତି, ତେବେ ବିଜେପି ସରକାର ଗଠନ କରୁଛି ତାହା ଠିକ୍ ଅଛି, କିନ୍ତୁ ମୁଁ ଅନୁଭବ କରୁଛି ଯେ ଏକଜିଟ୍ ପୋଲ ଆମ ଆଦମୀ ପାର୍ଟିକୁ କମ୍ ଆକଳନ କରୁଛି। ମୁଁ ଭାବୁନାହିଁ ଯେ ନିର୍ବାଚନ ଫଳାଫଳରେ ସେମାନଙ୍କର ସ୍ଥିତି ଏତେ ଖରାପ ହେବ। ସନ୍ଦୀପ ଦୀକ୍ଷିତ କହିଛନ୍ତି, "ଏକଜିଟ୍ ପୋଲ ଫଳାଫଳ ଦେଖି ମୁଁ ନିରାଶ ହୋଇଛି, କିନ୍ତୁ ମୁଁ ଭାବୁଥିଲି ଯେ କଂଗ୍ରେସ ଦିଲ୍ଲୀରେ ସହଜରେ ୧୭ ରୁ ୧୮ ପ୍ରତିଶତ ଭୋଟ ପାଇବ, ଯାହା ଲୋକଙ୍କ ମଧ୍ୟରେ ଟ୍ରେଣ୍ଡ ଥିଲା। ଆମେ ସେହି ଭୋଟ୍ କାହିଁକି ପାଇପାରିଲୁ ନାହିଁ ତାହା ଦେଖିବାର ଆବଶ୍ୟକତା ରହିଛି |

● କାରକୁ ଧକ୍କା ଦେଲା ବସ୍

## ଜୟପୁରରୁ ମହାକୁମ୍ଭ ଯାଉଥିବା ୮ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

**ଜୟପୁର, ୬।୨:** ରାଜସ୍ଥାନର ଜୟପୁରରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଛି। ଏମାନେ ସମସ୍ତେ ଜୟପୁରରୁ ପ୍ରୟାଗରାଜ ମହାକୁମ୍ଭକୁ ବୁଡ଼ ପକାଇବାକୁ ଯାଉଥିଲେ। ଜୟପୁରର ଡୁଡୁ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଏଠାରେ ବସ୍ ଓ କାର୍ ମଧ୍ୟରେ ଧକ୍କା ହୋଇଛି। ବସର ଚକ ଫାଟିଯିବାରୁ ଏହା ଅନିୟନ୍ତ୍ରିତ ହୋଇ ଡିଭାଇଡର ଅପରପାଶ୍ୱର୍କୁ ଚାଲିଯାଇଥିଲା ଏବଂ ଏକ କାରକୁ ଜୋରରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୮ ଜଣଙ୍କ ଜୀବନ ଚାଲିଯାଇଛି।



ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହଗୁଡ଼ିକୁ ଚିହ୍ନଟ କରିଛି ଏବଂ ସେମାନଙ୍କ ପରିବାର ଲୋକଙ୍କୁ ଖବର ଦେଇଛି। ସେପଟେ ଦୁର୍ଘଟଣା ଯୋଗୁ ରାସ୍ତାରେ ଦୀର୍ଘ ସମୟ ଯାଏ ରାସ୍ତା ଜାମ୍ ରହିଥିଲା। ପୋଲିସ କ୍ରେନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ବସ୍ ଓ କାରକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍ ସହ ଧକ୍କା ହେବା ପରେ କାରଟି ଭାଙ୍ଗି ଚୁରମାର୍ ହୋଇଯାଇଛି। ଦୁର୍ଘଟଣାରେ ୧୪ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ପୋଲିସ କହିଛି ଯେ ଯୋଧପୁର ରୋଡଓ୍ୱେଜ୍ ଡିପୋର ବସ୍ ଜୟପୁରରୁ ଅଜମେର୍ ଯାଉଥିଲା। ଏହି ସମୟରେ ହଠାତ୍ ବସର ଚକ ଫାଟି ଯାଇଥିଲା। ଫଳରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଏହା ରୋଡ୍ ଡିଭାଇଡର୍ ଭାଙ୍ଗି ଅପରପାଶ୍ୱର୍କୁ ଚାଲିଯାଇଥିଲା। ବସଟି ଅଜମେର୍ ଆଡୁ ଜୟପୁର ଆସୁଥିବା ଏକ କାରକୁ ଧକ୍କା ଦେଇଥିଲା। ଏଥିରେ କାରରେ ଥିବା ୮ ଜଣଙ୍କର ଘଟଣାସ୍ଥଳରେ ହିଁ ପ୍ରାଣବାୟୁ ଉଡ଼ିଯାଇଥିଲା। ସମସ୍ତ ମୃତକ ପୁରୁଷ। ଏମାନେ ସମସ୍ତେ ପ୍ରୟାଗରାଜ ମହାକୁମ୍ଭକୁ ସ୍ନାନ ପାଇଁ ଯାଉଥିଲେ। ହେଲେ ଏହା ପୂର୍ବରୁ ହିଁ ଦୁର୍ଘଟଣାର ଶିକାର ହୋଇଥିଲେ। ଆହତମାନଙ୍କର ହସ୍ପିଟାଲରେ ଚିକିତ୍ସା ଚାଲିଛି।

### ଏକ୍‌ଜିଟ୍ ପୋଲ୍‌କୁ ଆପ୍‌ର ଅସ୍ୱୀକାର

## ଦିଲ୍ଲୀରେ ପୁଣି କେଜ୍ରିଓ୍ୱାଲ୍ ମୁଖ୍ୟମନ୍ତ୍ରୀ ହେବେ

**ନୂଆଦିଲ୍ଲୀ,୬।୨:** ଦିଲ୍ଲୀରେ ଗତକାଲି ବିଧାନସଭା ନିର୍ବାଚନ ଶେଷ ହୋଇଯାଇଛି। ନିର୍ବାଚନ ସରିବା ପରେ ଏକଜିଟ୍ ପୋଲ ବା ବୁଥ୍ ବାହୁଡ଼ା ମତକୁ ଆପ ଖାରଜ କରିଛି। ଏକ୍‌ଜିଟ୍ ପୋଲ୍‌ରୁ ଜଣାପଡ଼ିଛି ଯେ ୨୭ ବର୍ଷ ପରେ ଦିଲ୍ଲୀରେ ବିଜେପି ସରକାର ଗଠନ କରିବ। ମାତ୍ର ଆପ୍ ତାହାକୁ ଅସ୍ୱୀକାର କରିଛି। ଦଳ କହିଛି ଯେ ରାଜଧାନୀ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ୪ର୍ଥ ଥର ପାଇଁ ସରକାର ଗଠନ କରିବ।

ଆପର ଜାତୀୟ ମୁଖପାତ୍ର ରୀନା ଗୁପ୍ତା କହିଛନ୍ତି ଯେ ପୂର୍ବ ଏକଜିଟ୍ ପୋଲଗୁଡ଼ିକ ମଧ ଦଳକୁ "ଅସମ୍ମାନ" କରିଥିଲା, କିନ୍ତୁ ୨୦୧୫ ଏବଂ ୨୦୨୦ ନିର୍ବାଚନରେ ଦଳ ବିଜୟୀ ହୋଇଛି। "ଆପଣ ଯେକୌଣସି ଏକଜିଟ୍ ପୋଲକୁ ଦେଖନ୍ତୁ, ୨୦୧୩, ୨୦୧୫ କିମ୍ବା ୨୦୨୦ରେ ହେଉ, ଆପକୁ ସର୍ବଦା କମ୍ ସଂଖ୍ୟକ ଆସନ ମିଳିବ ବୋଲି ଏକ୍‌ଜିଟ୍ ପୋଲ୍‌ରେ ଦେଖାଯାଇଥିଲା। କିନ୍ତୁ ପ୍ରକୃତ ଫଳାଫଳରେ ଅନୁମାନଠାରୁ ଅଧିକ ସଂଖ୍ୟକ ଆସନ ପାଇଛି," ବୋଲି ଗୁପ୍ତା ପିଟିଆଇକୁ କହିଛନ୍ତି।

ରୀନା ଗୁପ୍ତା ଆହୁରି ବି କହିଛନ୍ତି ଯେ "ଦିଲ୍ଲୀର ଲୋକମାନେ ନିର୍ଣ୍ଣାୟକ ଭାବରେ ଦଳକୁ ଭୋଟ ଦେଇଛନ୍ତି। ଆପ ଏକ ଐତିହାସିକ ବିଜୟ ହାସଲ କରିବ, ଏବଂ ଅରବିନ୍ଦ କେଜରିଓ୍ୱାଲ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ,"।

## ବଦଳିଲା ରାମମନ୍ଦିରର ଆଳତୀ ଓ ଦର୍ଶନ ସମୟ

**ନୂଆଦିଲ୍ଲୀ, ୬।୨:** ଉତ୍ତରପ୍ରଦେଶର ଅଯୋଧ୍ୟାର ରାମ ମନ୍ଦିର ଟ୍ରଷ୍ଟ ରାମ ମନ୍ଦିର ଦର୍ଶନ ଏବଂ ଆଳତୀର ସମୟ ପରିବର୍ତ୍ତନ କରିଛି। ସୂଚନା ଅନୁଯାୟୀ, ଅଯୋଧ୍ୟାରେ ଭକ୍ତଙ୍କ ପ୍ରବଳ ଭିଡ଼ ଲାଗି ରହିଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରୟାଗରାଜର ମହାକୁମ୍ଭକୁ ଆସୁଥିବା ଅନେକ ଶ୍ରଦ୍ଧାଳୁ ରାମ ମନ୍ଦିରକୁ ପ୍ରଭୁ ରାମଲଲ୍ଲାଙ୍କ ଦର୍ଶନ ପାଇଁ ଆସୁଛନ୍ତି। ଏପରି ପରିସ୍ଥିତିରେ ରାମ ମନ୍ଦିରରେ ଦର୍ଶନ ଏବଂ ଆଳତୀର ସମୟ ପରିବର୍ତ୍ତନ କରାଯାଇଛି। ଏହାସହିତ ପ୍ରଭୁଙ୍କୁ ଭୋଗ ଲାଗି ହେଉଥିବା ସମୟରେ ମଧ ଭକ୍ତମାନେ ଦର୍ଶନ କରିବାର ସୁଯୋଗ ପାଇ ପାରିବେ। ରାମ ମନ୍ଦିରର ନୂତନ କାର୍ଯ୍ୟସୂଚୀ ଏବଂ ସମୟ ବିଷୟରେ ଆସନ୍ତୁ ଜାଣିବା।

ପ୍ରକାଶିତ ସୂଚନା ଅନୁଯାୟୀ, ଅଯୋଧ୍ୟାର ରାମ ମନ୍ଦିରରେ ରାମଲାଲାଙ୍କ ଦର୍ଶନ ଏବେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ସକାଳ ୪ଟାରେ ମଙ୍ଗଳ ଆଳତୀ କରାଯିବ। ମଙ୍ଗଳ ଆରତୀ ପରେ, ମନ୍ଦିରର ଦ୍ୱାର ବନ୍ଦ ହୋଇଯିବ। ଏହାପରେ ସକାଳ ୬ଟାରେ ଶୃଙ୍ଗାର ଆଳତୀ ଅନୁଷ୍ଠିତ ହେବ ଏବଂ ଏହା



ସହିତ ରାମଲାଲା ମନ୍ଦିର ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ। ପରେ ମଧ୍ୟାହ୍ନ ୧୨ଟାରେ ରାମଲାଲାଙ୍କୁ ରାଜଭୋଗ ଅର୍ପଣ କରାଯିବ। ଭୋଗପରେ ଭକ୍ତମାନେ ପୁଣି ଥରେ ରାମଲାଲାଙ୍କ ନିରନ୍ତର ଦର୍ଶନ କରିପାରିବେ। ଏହି ନୂତନ ସମୟ ଫେବୃଆରି ୬ ତାରିଖରୁ ଲାଗୁ ହେବ। ଅଯୋଧ୍ୟାର ରାମ ମନ୍ଦିରରେ ସନ୍ଧ୍ୟା ୭ଟାରେ ସନ୍ଧ୍ୟା ଆରତୀ ଅନୁଷ୍ଠିତ ହେବ। ସନ୍ଧ୍ୟା ଆଳତୀ ସମୟରେ ମନ୍ଦିରର ଦ୍ୱାର ୧୫ ମିନିଟ୍ ପାଇଁ ବନ୍ଦ ରହିବ। ଏହାପରେ ପୁନର୍ବାର ଦର୍ଶନ ଜାରି ରହିବ। ରାତି ୧୦ଟାରେ ଶୟନ ଆରତୀ ହେବ। ଶୟନ ଆରତୀ ପରେ ପ୍ରଭୁଙ୍କ ମନ୍ଦିରର ଦ୍ୱାର ବନ୍ଦ ହୋଇଯିବ।

ସୂଚନା ଅନୁଯାୟୀ, ଭକ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି, ରାମ ମନ୍ଦିର ଟ୍ରଷ୍ଟ ଦର୍ଶନ ଏବଂ ଆରତୀର ସମୟ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି। ସର୍ବାଧିକ ସଂଖ୍ୟକ ଭକ୍ତ କିପରି ସହଜରେ ଦର୍ଶନ କରିପାରିବେ ସେଥିପାଇଁ ଦର୍ଶନ ଅବଧି ବୃଦ୍ଧି କରାଯାଇଛି।

## ଘର ଭାଙ୍ଗିଦେଲେ ଇତିହାସ ବଦଳିଯିବନି: ହସିନା

**ଢାକା, ୬।୨:** ବାଂଲାଦେଶର ଢାକାରେ ଥିବା ବାପାଙ୍କ ଘରକୁ ପ୍ରତିବାଦକାରୀମାନେ ଜାଳି ଦେବା ପରେ ଭାବପ୍ରବଣ ହୋଇ ପଡ଼ଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା। ଢାକାରେ ତାଙ୍କ ପିତା ଶେଖ୍ ମୁଜିବୁର ରହମାନଙ୍କ ବାସଭବନରେ ଶହ ଶହ ପ୍ରଦର୍ଶନକାରୀ ନିଆଁ ଲଗାଇ ଦେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ "ଏକ ନିର୍ମାଣକୁ ଲିଭାଇ ଦିଆଯାଇପାରିବ, କିନ୍ତୁ ଇତିହାସକୁ ଲିଭାଇ ଦିଆଯାଇପାରିବ ନାହିଁ"। ହସିନା ୨୦୨୪ ମସିହା ଅଗଷ୍ଟ ମାସରେ ତାଙ୍କ ଆଓ୍ୱାମୀ ଲିଗର ୧୬ ବର୍ଷର ଶାସନକୁ ପତନ କରି ଛାତ୍ର ନେତୃତ୍ୱାଧୀନ ଏକ ବିଶାଳ ପ୍ରତିବାଦ ପରେ ବାଂଲାଦେଶ ଛାଡି ଆସି ଭାରତରେ ରହୁଛନ୍ତି।

ବାଂଲାଦେଶର ସ୍ୱାଧୀନତା ସଂଗ୍ରାମରେ ଐତିହାସିକ ଗୁରୁତ୍ୱ ବହନ କରୁଥିବା ୩୨ ଧାନମୋଣ୍ଡି ବାସଭବନ ଉପରେ ଆକ୍ରମଣ ପଛରେ କ'ଣ ଉଦ୍ଦେଶ୍ୟ ଥିଲା ବୋଲି ପଦଚ୍ୟୁତ ପ୍ରଧାନମନ୍ତ୍ରୀ ପ୍ରଶ୍ନ ଉଠାଇଛନ୍ତି। ସେ ଭାବପ୍ରବଣ




ଭାବରେ ଆହୁରି ବି କହିଛନ୍ତି, "ଘରକୁ କାହିଁକି ଭୟ? ମୁଁ ବାଂଲାଦେଶର ଲୋକଙ୍କଠାରୁ ନ୍ୟାୟ ଚାହୁଁଛି। ମୁଁ କ'ଣ ମୋ ଦେଶ ପାଇଁ କିଛି କରିନାହିଁ? ତେବେ ଏତେ ଅସମ୍ମାନ କାହିଁକି? ମୋ ଭଉଣୀ ଏବଂ ମୁଁ ଉଭୟ ଯେଉଁ ସ୍ମୃତିକୁ ଧରି ରହିଛୁ ତାହା ପୋଛି ଦିଆଯାଉଛି। ଏକ ନିର୍ମାଣକୁ ପୋଛି ଦିଆଯାଇପାରିବ, କିନ୍ତୁ ଇତିହାସକୁ ପୋଛି ଦିଆଯାଇପାରିବ ନାହିଁ,"।

"ସେମାନଙ୍କୁ ଏହା ମଧ ମନେ ରଖିବାକୁ ପଡିବ ଯେ ଇତିହାସ ଏହାର ପ୍ରତିଶୋଧ ନେଇଥାଏ," ବୋଲି ସେ ଚେତାବନୀ ମଧ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପୁଣି ଅଶାନ୍ତ ବାଂଲାଦେଶ। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପୈତୃକ ଘର ଜାଳିଦେଲେ ଉପଦ୍ରବକାରୀ। ଏକ ଅନଲାଇନ୍ ଭାଷଣ ଦେଉଥିବା ବେଳେ ଢାକା ସ୍ଥିତ ତାଙ୍କ ପୈତୃକ ବାସଭବନରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଛନ୍ତି। ହସିନା ରାତି ୯ଟାରେ ଭାଷଣ ଦେବା ମାତ୍ରେ ଯୋଜନାବଦ୍ଧ ହିଂସା ଆରମ୍ଭ ହୋଇଯାଇଥିଲା। ହଜାର ହଜାର ଲୋକ ସୋସିଆଲ ମିଡିଆରେ ବୁଲଡୋଜର ଶୋଭାଯାତ୍ରା ଡାକରା ଦେଇ ମୁଜିବୁର ଭବନକୁ ଘେରିଯାଇଥିଲେ।

## ପ୍ରତ୍ୟର୍ପଣ ଏକ ସ୍ୱାଭାବିକ ପ୍ରକ୍ରିୟା: ଜୟଶଙ୍କର

**ନୂଆଦିଲ୍ଲୀ, ୬।୨:** ସଂସଦର ବଜେଟ ଅଧିବେଶନ ଚାଲିଛି। ଗୁରୁବାର ଦିନ ବିରୋଧୀ ସାଂସଦମାନେ ଆମେରିକାରୁ କଥିତ ଅବୈଧ ଭାରତୀୟ ପ୍ରବାସୀଙ୍କୁ ପ୍ରତ୍ୟରପଣ ପ୍ରସଙ୍ଗରେ ହଙ୍ଗାମା କରିଥିଲେ, ଯାହା ଫଳରେ ଗୃହର କାର୍ଯ୍ୟକୁ ଦୁଇଥର ମୁଲତବୀ ରଖିବାକୁ ପଡିଥିଲା। ଏବେ ଏହି ପ୍ରସଙ୍ଗରେ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ରାଜ୍ୟସଭାରେ ନିଜର ପକ୍ଷ ଉପସ୍ଥାପନ କରିଛନ୍ତି। ବିରୋଧୀ ନେତାମାନେ ଅଭିଯୋଗ କରିଛନ୍ତି ଯେ ଆମେରିକାରୁ ଫେରାଇ ପଠାଯିବା ସମୟରେ ଭାରତୀୟ ନାଗରିକଙ୍କ ସହ ଅମାନବୀୟ ବ୍ୟବହାର କରାଯାଇଥିଲା। ଯାହା ଉପରେ ଏବେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର



ସଂସଦରେ ନିଜର ମତ ରଖିଛନ୍ତି। ରାଜ୍ୟସଭାରେ ବୈଦେଶିକ ମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟରପଣ କିଛି ନୂଆ କଥା ନୁହେଁ, ଆମେରିକା ନିୟମ ଅନୁଯାୟୀ ଭାରତୀୟମାନଙ୍କୁ ପଠାଇଛି। ଆମେରିକାରୁ ନିର୍ବାସିତ ଭାରତୀୟ ନାଗରିକଙ୍କ ଉପରେ ରାଜ୍ୟସଭାରେ ଉତ୍ତର ରଖି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, "ଯଦି କୌଣସି ନାଗରିକ ବିଦେଶରେ ଅବୈଧ ଭାବରେ ରହୁଛନ୍ତି, ତେବେ ସେମାନଙ୍କୁ ଫେରାଇ ଆଣିବା ସମସ୍ତ ଦେଶର ଦାୟିତ୍ୱ।" ସେ କହିଛନ୍ତି ଯେ ଫେରି ଆସୁଥିବା ନିର୍ବାସିତମାନଙ୍କ ସହିତ ଯେପରି କୌଣସି ଦୁର୍ବ୍ୟବହାର ନ ହୁଏ ତାହା ନିଶ୍ଚିତ କରିବା ପାଇଁ ଆମେ ଆମେରିକୀୟ ସରକାରଙ୍କ ସହିତ ଆଲୋଚନା କରୁଛୁ।

ଆମେରିକାରୁ ନିର୍ବାସିତ ଭାରତୀୟ ନାଗରିକଙ୍କ ସମ୍ପର୍କରେ ରାଜ୍ୟସଭାରେ କଂଗ୍ରେସ ସାଂସଦ ରଣଦୀପ ସିଂହ ସୁରଜେଓ୍ୱାଲାଙ୍କ ଦ୍ୱାରା ଉଠାଯାଇଥିବା ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର କହିଛନ୍ତି, "ଆମେ ଜାଣୁ ଯେ ଗତକାଲି (ଫେବୃଆରୀ ୦୫) ୧୦୪ ଜଣ ଲୋକ ଭାରତ ଫେରିଛନ୍ତି। ଆମେ ସେମାନଙ୍କର ଜାତୀୟତା ନିଶ୍ଚିତ କରିଛୁ। ଆମେ ଭାବିବା ଉଚିତ୍ ନୁହେଁ ଯେ ଏହା ଏକ ନୂତନ ପ୍ରସଙ୍ଗ। ଏହା ପୂର୍ବରୁ ମଧ ଘଟିଆସିଛି।"

ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, "ଆମେରିକା ଦ୍ୱାରା ଦେଶାନ୍ତର ଇମିଗ୍ରେସନ କଷ୍ଟମ୍ସ ଏନଫୋର୍ସମେଣ୍ଟ (ICE) କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଏ। ଆଇସିଇ ଦ୍ୱାରା ଆମକୁ କୁହାଯାଇଛି ଯେ ମହିଳା ଏବଂ ଶିଶୁମାନଙ୍କ ଉପରେ କୌଣସି ପ୍ରତିବନ୍ଧକ ନାହିଁ।" ରାଜ୍ୟସଭାରେ ଭାଷଣ ଦେଇ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର କହିଛନ୍ତି, "ଫେରି ଆସୁଥିବା ପ୍ରତ୍ୟେକ ବ୍ୟକ୍ତି (ଆମେରିକାରୁ ନିର୍ବାସିତ ଭାରତୀୟ)ଙ୍କ ସହିତ ବସି ସେମାନେ ଆମେରିକା କିପରି ପହଞ୍ଚିଲେ, ଏଜେଣ୍ଟ କିଏ ଥିଲା ଏବଂ ଏହା ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ଆମେ କିପରି ସତର୍କତା ଅବଲମ୍ବନ କରିପାରିବା ତାହା ଜାଣିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।"

## ଦେଶରେ ଜାତିବାଦର ଜହର ବାଣ୍ଟୁଛି କଂଗ୍ରେସ: ମୋଦି

**ନୂଆଦିଲ୍ଲୀ, ୬।୨:** ରାଜ୍ୟସଭାରେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ଜବାବ ରଖିଛନ୍ତି । ଏହି ଅବସରରେ ସେ କଂଗ୍ରେସକୁ ପୁଣି ଥରେ ଟାର୍ଗେଟ୍ କରିଥିଲେ । ରାଜ୍ୟସଭାରେ ଆମ୍ବେଦକର ପ୍ରସଙ୍ଗକୁ ନେଇ କଂଗ୍ରେସକୁ ଟାର୍ଗେଟ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ । ସେ କହିଥିଲେ, ଆମ୍ବେଦକରଙ୍କ ନାମକୁ ନେଇ କଂଗ୍ରେସ ପୂର୍ବରୁ ବିରକ୍ତ ହେଉଥିଲା। ଆଜି କଂଗ୍ରେସ ବାଧ୍ୟ ହୋଇ ଜୟ ଭୀମ କହିବାକୁ ବାଧ୍ୟ ହୋଇଛି। କଂଗ୍ରେସ ଆମ୍ବେଦକରଙ୍କୁ ଭାରତ ରତ୍ନ ପାଇବାକୁ ଯୋଗ୍ୟ ମନେ କରିନଥିଲା। କଂଗ୍ରେସ ଦ୍ରୁତ ଗତିରେ ମୁଖା ବଦଳାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, କଂଗ୍ରେସ ନିର୍ବାଚନ



ସମୟରେ ଭୋଟ୍ ଚାଷ କରେ। କଂଗ୍ରେସ ଲୋକଙ୍କ ଆଖିରେ ପଟି ବାନ୍ଧି ଦେଇଥିଲା। ଏବେବି ଦେଶରେ ଜାତିବାଦର ବିଷ ବିସ୍ତାର କରିବାକୁ ପ୍ରୟାସ କରାଯାଉଛି। ଅନ୍ୟପଟେ ଆମେ 'ସବକା ସାଥ, ସବକା ବିକାଶ'ର ନୀତିକୁ ବାସ୍ତବରେ କାର୍ଯ୍ୟକାରୀ କରିଛୁ। କଂଗ୍ରେସକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଲୋକସଭା ନିର୍ବାଚନରେ ଯେଉଁମାନେ କଂଗ୍ରେସ ସହ ଥିଲେ ସେମାନେ ମଧ୍ୟ ଚାଲିଯାଉଛନ୍ତି। କଂଗ୍ରେସର ମୂଳ ମନ୍ତ୍ର ହେଉଛି ଅନ୍ୟର ପ୍ରତିଷ୍ଠାକୁ ହ୍ରାସ କରିବା । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଜରୁରୀକାଳୀନ ପରିସ୍ଥିତି ସମୟରେ କଂଗ୍ରେସ ସମ୍ବିଧାନକୁ ଦମନ କରିଥିଲା। କଂଗ୍ରେସ ସମ୍ବିଧାନକୁ ଦମନ କରିଥିଲା। ଯେତେବେଳେ କିଶୋର କୁମାର କଂଗ୍ରେସ ପାଇଁ ଗୀତ ଗାଇବାକୁ ମନା କଲେ, ସେତେବେଳେ କିଶୋର କୁମାରଙ୍କ ସମସ୍ତ ଗୀତକୁ ଆକାଶବାଣୀରେ ବ୍ୟାନ୍ କରାଯାଇଥିଲା।

# ୧୦ରେ ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'

**ନୂଆଦିଲ୍ଲୀ,୬।୨:** ଆସନ୍ତା ୧୦ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁପ୍ରତୀକ୍ଷିତ 'ପରୀକ୍ଷା ପେ ଚର୍ଚ୍ଚା' (ପିପିସି) ୨୦୨୫ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ପରୀକ୍ଷା ପ୍ରସ୍ତୁତି, ଚାପ ପରିଚାଳନା ଓ ବ୍ୟକ୍ତିଗତ ଅଭିବୃଦ୍ଧି ବିଷୟରେ ମାର୍ଗଦର୍ଶନ ଦେବେ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ୩୬ ଜଣ ଛାତ୍ର ରାଜ୍ୟ/ୟୁଟି ବୋର୍ଡ ସରକାରୀ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ବିଦ୍ୟାଳୟ, ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ, ସିବିଏସ୍‌ଇ ଓ ନବୋଦୟ ବିଦ୍ୟାଳୟରୁ ମନୋନୀତ ହୋଇଛନ୍ତି। ଏହି ଛାତ୍ରମାନଙ୍କ ସହ ପ୍ରଧାନମନ୍ତ୍ରୀ ସିଧାସଳଖ ଆଲୋଚନା କରିବେ।

ପିପିସି-୨୦୨୫ ୮ଟି ଏପିସୋଡ୍ ଆଧାରିତ ହୋଇଥିବା ବେଳେ ଏହା ଏକ ରୋମାଞ୍ଚକର ନୂତନ ଫର୍ମାଟରେ ଖୋଲିବ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟମ୍, ସ୍ୱୟମ୍ ପ୍ରଭା, ପିଏମଓ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଶିକ୍ଷା ମନ୍ତ୍ରଣାଳୟ ଏବଂ ଆଇଆଣ୍ଡବି ମନ୍ତ୍ରଣାଳୟର ସୋସିଆଲ୍ ମିଡିଆ ଚ୍ୟାନେଲରେ ପ୍ରସାରିତ ହେବ। ପିପିସି ଜନ ଆନ୍ଦୋଳନ ହେବା ସହ



ଆମ ପିଲାମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତାକୁ ସମ୍ପ୍ରଦାୟର ଯୋଗଦାନ ମାଧ୍ୟମରେ ସମାଧାନ କରାଯାଉଛି। ସେହି ଅନୁଯାୟୀ, ପିପିସିର ୭ଟି ସଂସ୍କରଣ ଭଳି ଅଷ୍ଟମ ସଂସ୍କରଣ, ଯଥା, ପିପିସି ୨୦୨୫ ବିଭିନ୍ନ କ୍ଷେତ୍ରର ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କୁ ସାମିଲ କରିବ, ଯେଉଁମାନେ ସେମାନଙ୍କର

- ୩୬ ଛାତ୍ରଙ୍କ ସହ ମୋଦିଙ୍କ ସିଧାସଳଖ ଆଲୋଚନା
- ମାର୍ଗଦର୍ଶନ ଦେବେ ବିଭିନ୍ନ କ୍ଷେତ୍ରର ଶ୍ରେଷ୍ଠ ବିଶେଷଜ୍ଞ
- ରେକର୍ଡ ୫ କୋଟି ଅଂଶଗ୍ରହଣକାରୀ

ଅଭିଜ୍ଞତା ଏବଂ ଜ୍ଞାନ ବାଣ୍ଟିବେ, ଛାତ୍ରମାନଙ୍କୁ ଜୀବନ ଏବଂ ଶିକ୍ଷାର ପ୍ରମୁଖ ଦିଗ ଉପରେ ମାର୍ଗଦର୍ଶନ କରିବେ। ଏହି ଅଧିବେଶନରେ ଅଂଶଗ୍ରହଣ କରୁଥିବା ଛାତ୍ରମାନେ ମଧ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଜାତୀୟ ସ୍ତରୀୟ ବିଦ୍ୟାଳୟ ପ୍ରତିଯୋଗିତାରୁ ଚୟନ ପ୍ରକ୍ରିୟା ମାଧ୍ୟମରେ ଚୟନ ହୋଇଛନ୍ତି। ବିଭିନ୍ନ ପ୍ରସଙ୍ଗ ଉପରେ ଏହି ଏପିସୋଡ୍‌ଗୁଡିକ ଧ୍ୟାନ ଦେଇଛି। ପିପିସି-୨୦୨୫ରେ କ୍ରୀଡ଼ା ଓ ଅନୁଶାସନ ସମ୍ପର୍କରେ ମାରି କମ୍, ଅବନୀ ଲେଖାରା ଓ ସୁହାସ ୟତିରାଜ, ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦୀପିକା ପାଦୁକୋନ୍, ପୁଷ୍ଟିକର ଖାଦ୍ୟ କ୍ଷେତ୍ରରେ ସୋନାଲି ସବରଓ୍ୱାଲ୍ ଏବଂ ରୁଜୁଟା ଦିଓ୍ୱେକର୍, ଜ୍ଞାନକୌଶଳ ଓ ଅର୍ଥନୀତି କ୍ଷେତ୍ରରେ ଗୌରବ ଚୌଧୁରୀ (ବୈଷୟିକ ଗୁରୁଜୀ) ଓ ରାଧିକା ଗୁପ୍ତା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ।

ସେହିପରି ସୃଜନଶୀଳତା ଓ ସକାରାତ୍ମକତା କ୍ଷେତ୍ରରେ ବିକ୍ରାନ୍ତ ମାସେ ଏବଂ ଭୂମି ପେଡନେକର ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଭିଜୁଆଲାଇଜ୍ ଓ ନକାରାତ୍ମକ ଚିନ୍ତାଧାରା ଦୂର କରିବ। ଏହାଛଡ଼ା ସଦଗୁରୁ ଛାତ୍ରଛାତ୍ରୀମାନଙ୍କୁ ମାନସିକ ସ୍ୱଚ୍ଛତା ଏବଂ ଧ୍ୟାନ ବଜାୟ ରଖିବାରେ ବ୍ୟବହାରିକ ମାନସିକତା କୌଶଳ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବେ।

ସୂଚନାଯୋଗ୍ୟ ଯେ ୨୦୧୮ରୁ ଆରମ୍ଭ ହୋଇଥିବା ପରୀକ୍ଷା ପେ ଚର୍ଚ୍ଚା ଇତିମଧ୍ୟରେ ଏକ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଏହି ବର୍ଷର ସଂସ୍କରଣ ୫ କୋଟିରୁ ଅଧିକ ଅଂଶଗ୍ରହଣ ସହିତ ପୂର୍ବ ରେକର୍ଡ ବ୍ରେକ୍ କରିବା ସହ ଏହାକୁ ଆଜି ପର୍ଯ୍ୟନ୍ତ ସବୁଠାରୁ ଆକର୍ଷଣୀୟ ତଥା ପ୍ରଭାବଶାଳୀ ସଂସ୍କରଣ ଭାବେ ପ୍ରମାଣିତ କରିବ।

# ପ୍ରଥମ ଦିନିକିଆରେ ଶୁବମାନ ଗିଲ୍‌ଙ୍କ ୮୭: ୪ ୱିକେଟ୍‌ରେ ଜିତିଲା ଭାରତ



**ନାଗପୁର,୬।୨:** ଆଜିଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହୋଇଥିବା ବେଳେ ଏଥିରେ ଘରୋଇ ଦଳ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଏଥିସହ ଦଳ ଟି-୨୦ ସିରିଜ୍‌ର ବିଜୟ ଧାରା ବି ୫୦ ଓଭର୍ ବିଶିଷ୍ଟ ଫର୍ମାଟ୍‌ରେ ବଜାୟ ରଖିଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୪୭.୪ ଓଭର୍‌ରେ ୨୪୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ଭାରତ ୩୮.୪ ଓଭର୍‌ରେ ହାତରେ ୪ଟି ୱିକେଟ୍ ଥିବା ସମୟରେ ୨୫୧ ର୍ କରି ସହଜ ବିଜୟ ହାସଲ କରିଛି। ଦଳର ଏହି ବିଜୟରେ ଯୁବ ବ୍ୟାଟ୍ସମ୍ୟାନ୍ ଶୁବମାନ ଗିଲ୍‌ଙ୍କ ୮୭ ରନ୍‌ର ବଳିଷ୍ଠ ଇନିଂସ ମୁଖ୍ୟ ଭୂମିକା ନିର୍ବାହ କରିଛି। ଏହି କାରଣରୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଇଂଲଣ୍ଡ ପକ୍ଷରୁ ଦୁଇ ଓପନର ଫିଲ୍ ସଲ୍ଟ ଓ ବେନ୍ ଡକେଟ୍ ୭୫ ରନ୍ ଯୋଡ଼ି ଦୃଢ଼ ମୂଳଦୁଆ ସ୍ଥାପନ କରିଥିଲେ। ସଲ୍ଟ ୫ ଚୌକା ଓ ୩ ଛକା ସହ ୪୩ ଏବଂ ଡକେଟ୍ ୬ଟି ଚୌକା ସହ ୩୨ ରନ୍ କରି ଆଉଟ୍ ହେବା ପରେ ଦଳ କ୍ରମାଗତ ବ୍ୟବଧାନରେ ୱିକେଟ୍‌ମାନ ହରାଇ ଚାଲିଥିଲା। ହ୍ୟାରୀ ବ୍ରୁକ୍ ୧୯, ଅଧିନାୟକ ଜୋସ୍ ବଟଲର୍ ୪ଟି ଚୌକା ସହ ୫୨, ଜାକବ୍ ବେଥେଲ୍ ୩ଟି ଚୌକା ଓ ଗୋଟିଏ ଛକା ସହ ୫୧ ରନ୍ କରି ଆଉଟ୍ ହୋଇଥିବା ବେଳେ ଶେଷ ଭାଗରେ ଜୋଫ୍ରା ଆର୍ଚର୍ ୩ଟି ଚୌକା ଓ ଗୋଟିଏ ଛକା ସହ ୨୧ ରନ୍‌ରେ ଅପରାଜିତ ଥିଲେ। ଭାରତ ପକ୍ଷରୁ ହର୍ଷିତ ରାଣା ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏଁ, ମହମ୍ମଦ ଶମି, ଅକ୍ଷର ପଟେଲ୍ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ବ୍ୟାଟିଂରେ ଦଳ ଦୁଇ ଓପନର ଯଶସ୍ୱୀ ଜୈସ୍ୱାଲ୍ ଓ ଅଧିନାୟକ ରୋହିତ ଶର୍ମା ସଅଳ ବିଦାୟ ନେଇଥିଲେ। ଜୈସ୍ୱାଲ୍ ୧୫ ଓ ରୋହିତ ମାତ୍ର ୨ ରନ୍ କରିଥିଲେ। କିନ୍ତୁ ପରବର୍ତ୍ତୀ ୩ ଜଣ ବ୍ୟାଟ୍ସମ୍ୟାନ୍ ଶୁବମାନ, ଶ୍ରେୟସ୍ ଆୟର୍ ଓ ଅକ୍ଷର ପଟେଲ୍ ଅର୍ଦ୍ଧଶତକ ହାସଲ କରି ଦଳର ବିଜୟକୁ ସୁନିଶ୍ଚିତ କରିଥିଲେ। ଗିଲ୍ ୯୪ ବଲ୍‌ରେ ୧୪ଟି ଚୌକା ଓ ୮୭, ଆୟର୍ ୯ଟି ଚୌକା ଓ ୨ଟି ଛକା ଜରିଆରେ ୫୯ ଏବଂ ଅକ୍ଷର ୬ଟି ଚୌକା ଓ ଗୋଟିଏ ଛକା ସହ ୫୨ ରନ୍ କରିଥିଲେ। ଏହି ଅବସରରେ ଶୁବମାନ ଓ ଆୟରଙ୍କ ମଧ୍ୟରେ ୯୪ ଓ ଶୁବମାନ ଓ ଅକ୍ଷରଙ୍କ ମଧ୍ୟରେ ୧୦୮ ରନ୍‌ର ଭାଗୀଦାରୀ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ସାକିବ୍ ମାହମୁଦ୍ ଓ ଆଦିଲ୍ ରଶିଦ୍ ୨ଟି ଲେଖାଏଁ ଏବଂ ଆର୍ଚର୍ ଓ ବେଥେଲ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ।

# ବାରବାଟୀ ଲଢ଼େଇ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

## ଆଜି ଆସିବେ ଖେଳାଳି, ୮ରେ ଅଭ୍ୟାସ, ବଳବତ୍ତର ରହିବ ପାଣି ବୋତଲ କଟକଣା



**କଟକ,୬।୨ (ସଂଚାର ବ୍ୟୁରୋ):** ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଖେଳାଯିବାକୁ ଥିବା ଭାରତ-ଇଂଲଣ୍ଡ ମ୍ୟାଚ୍ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ଭିଡ଼କୁ ଦୃଷ୍ଟିରେ ରଖି ୫୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବ ବୋଲି ପୁଲିସ୍ କମିଶନର ଡ. ଏସ୍ ଦେବଦତ୍ତ ସିଂହ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି, 'ଆସନ୍ତା ୭ ତାରିଖରେ ଭାରତ ଓ ଇଂଲଣ୍ଡ ଦଳର ଖେଳାଳି ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ସେମାନେ ବାରବାଟୀରେ ଅଭ୍ୟାସ୍ କରିବେ। ୯ ତାରିଖରେ ମ୍ୟାଚ୍ ଖେଳାଯିବ। ମ୍ୟାଚ୍ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ବିଭିନ୍ନ ସଂସ୍ଥା ସହିତ ଆଲୋଚନା କରାଯାଇଛି।' ଖେଳାଳିମାନଙ୍କ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ ରହଣି ସହିତ କଟକ ଯିବା ଆସିବା ଏବଂ ମ୍ୟାଚ୍ ସମୟରେ ଗହଳି ନିୟନ୍ତ୍ରଣ ଉପରେ ଅଧିକ ଧ୍ୟାନ ଦିଆଯାଇଛି। ବାରବାଟୀ ଷ୍ଟାଡିୟମ କଡ଼ା ସୁରକ୍ଷା ବଳୟରେ ରହିବ। ବିମାନବନ୍ଦରରୁ ହୋଟେଲ ଏବଂ ଷ୍ଟାଡିୟମକୁ ଯିବା ପଥରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କରାଯିବ। ଯଦି ଖେଳାଳିମାନେ ବାହାରକୁ ବୁଲାବୁଲି ପାଇଁ ଯିବେ, ତେବେ ସେଥିପାଇଁ ମଧ୍ୟ ବ୍ୟାପକ ପୁଲିସ ବନ୍ଦୋବସ୍ତ ହୋଇଛି। ପୂର୍ବରୁ ବାରବାଟୀରେ ପାଣି ବୋତଲ ମାଡ଼ କଳଙ୍କ ରହିଛି। ତେଣୁ ଚଳିତ ବର୍ଷ ଗ୍ୟାଲେରୀକୁ ପାଣି ବୋତଲ ନେବାକୁ ଦର୍ଶକଙ୍କୁ ବାରଣ କରାଯାଇଛି ବୋଲି ପୁଲିସ୍ କମିଶନର କହିଛନ୍ତି।



## ୩୮ତମ ଜାତୀୟ କ୍ରୀଡ଼ା
# ସାଇକ୍ଲିଂ, ରୋଇଂ ଦେଲା ଆଉ ୩ ରୌପ୍ୟ

**ଭୁବନେଶ୍ୱର, ୬।୨:** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ବୁଧବାର ଓଡ଼ିଶାକୁ ୩ ରୌପ୍ୟ (୧ ସାଇକ୍ଲିଂ, ୨ ରୋଇଂ) ପଦକ ମିଳିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ୨୦ (୫ ସ୍ୱର୍ଣ୍ଣ, ୬ ରୌପ୍ୟ, ୯ କାଂସ୍ୟ)ରେ ପହଞ୍ଚିଛି। ସାଇକ୍ଲିଂରେ ଗତ କାଲି ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବା ସ୍ୱସ୍ତି ସିଂହଙ୍କ ସହ ରେଜିଆ ଦେବୀ, ବର୍ଷାରାଣୀ ବାରିକ ଓ ଉର୍ମିଳା ବେହେରାଙ୍କୁ ନେଇ ଗଠିତ ଓଡ଼ିଶା ମହିଳା ପର୍‌ସ୍ୟୁଟ୍ ଦଳ ରୌପ୍ୟ ପଦକ ଜିତିଛି। ହରିୟାଣା ଓ ମହାରାଷ୍ଟ୍ର ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ କରାୟତ୍ତ କରିଛନ୍ତି। ଏହି ରୌପ୍ୟ ସହ ସ୍ୱସ୍ତିଙ୍କ ପଦକ ସଂଖ୍ୟା ୩ (୧ ସ୍ୱର୍ଣ୍ଣ, ୧ ରୌପ୍ୟ, ୧ କାଂସ୍ୟ) ଜିତିଥିଲା ବେଳେ ରେଜିଆଙ୍କ ପଦକ ସଂଖ୍ୟା ୨ (୧ ରୌପ୍ୟ, ୧ କାଂସ୍ୟ)ରେ ପହଞ୍ଚିଛି। ରୋଇଂରେ ରୌପ୍ୟ ଦୁଇଟି ମହିଳା କକ୍ସଲେସ୍ ଫୋର୍ ଦଳ ଏବଂ ପୁରୁଷ ଯୁଗଳ ସ୍କଲ୍ ଦଳ ଜିତିଥିଲେ। ମହିଳା ଦଳରେ ଅଭିନାଶ କୌର, ଝରଣା ହସ୍ତି, ସୋନାଲି ସ୍ୱାଇଁ ଓ ନିକିତା ଦ୍ୟାନେଶ୍ୱର ଗାଭାନେ ରହିଥିଲା ବେଳେ ପୁରୁଷ ଯୁଗଳରେ ପରମିନ୍ଦର ସିଂହ ଓ ସତ୍‌ନମ୍ ସିଂହ ଥିଲେ। ପୁରୁଷ ହକି ଦଳ ଗ୍ରୁପ୍ ମ୍ୟାଚ୍‌ରେ ମଧ୍ୟପ୍ରଦେଶକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି। ଓଡ଼ିଶାର କନ୍ଦନ ମୁର୍ମୁଙ୍କୁ ଭାରତୀୟ ଜୁଡ଼ୋ ମହାସଂଘ ଚଳିତ ଜାତୀୟ କ୍ରୀଡ଼ାରେ ବୈଷୟିକ ଅଧିକାରୀ ଭାବେ ନିଯୁକ୍ତ କରିଛି। କନ୍ଦନ ସଂପ୍ରତି ବରିଷ୍ଠ ଜୁଡ଼ୋ ପ୍ରଶିକ୍ଷକ ଭାବେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଏଥିସହ ଏହି ତୃତୀୟ ଡାନ୍ ବ୍ଲାକ୍ ବେଲ୍ଟଧାରୀ ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ (ଓସ୍‌ଜା) ବୈଷୟିକ ଅଧ୍ୟକ୍ଷ ଅଛନ୍ତି। ତାଙ୍କ ପ୍ରଶିକ୍ଷଣରେ ଏକାଧିକ ଜୁଡ଼ୋକା ଜାତୀୟ ଓ ଅନ୍ତର୍ଜାତୀୟସ୍ତରେ ଅନେକ ପଦକ ଜିତିଛନ୍ତି। ବୈଷୟିକ ଅଧିକାରୀ ଭାବେ ସ୍ଥାନ ପାଇଥିବାରୁ ତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, 'ଓସ୍‌ଜା' ସଭାପତି ଅସିତ ପ୍ରଧାନ, ଉପସଭାପତି ପିସି ମିଶ୍ର, ସମ୍ପାଦକ ଗୀତାଞ୍ଜଳି ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି।

## ଦିନିକିଆ ପାଇଁ ଟିମ୍ ଇଣ୍ଡିଆର ନୂଆ ଜର୍ସି



**ନୂଆଦିଲ୍ଲୀ,୬।୨:** ନାଗପୁରରେ ପ୍ରଥମ ମ୍ୟାଚରେ ଟିମ୍ ଇଣ୍ଡିଆର ଖେଳାଳିମାନଙ୍କୁ ନୂତନ ଜର୍ସିରେ ଦେଖିବାକୁ ମିଳିଛି। ସିରିଜର ପ୍ରଥମ ମ୍ୟାଚ୍ ଗୁରୁବାର ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଛି। ବିସିସିଆଇ ଦଳର ଖେଳାଳିମାନଙ୍କ ପାଇଁ ସ୍ୱତନ୍ତ୍ର ଜର୍ସି ପ୍ରସ୍ତୁତ କରିଛି। ଜର୍ସିର କାନ୍ଧ ପାର୍ଶ୍ୱରେ ତ୍ରିରଙ୍ଗା ପତାକା ସଦୃଶ ଡିଜାଇନ ହୋଇଛି। ମହିଳା କ୍ରିକେଟ ଦଳ ଏହି ଜର୍ସି ପୂର୍ବରୁ ପାଇସାରିଛି। କିନ୍ତୁ ପୁରୁଷ କ୍ରିକେଟ ଦଳକୁ ଏବେ ଏକ ନୂତନ ଜର୍ସିରେ ଦେଖିବାକୁ ମିଳିଛି। ବିସିସିଆଇ ଖେଳାଳିମାନଙ୍କ ଫଟୋ ସେୟାର କରିଛି। ଟିମ୍ ଇଣ୍ଡିଆର ଜର୍ସିର ମୁଖ୍ୟ ରଙ୍ଗ ନୀଳ। କିନ୍ତୁ ଏହାକୁ ଏକ ସ୍ୱତନ୍ତ୍ର ଉପାୟରେ ଡିଜାଇନ୍ କରାଯାଇଛି। କାନ୍ଧରେ ତ୍ରିରଙ୍ଗା ତିଆରି କରାଯାଇଛି। ଏହାର ଉପର ଭାଗରେ କେସର ରଙ୍ଗ ଏବଂ ମଝିରେ ଧଳା ରଙ୍ଗ ରଖାଯାଇଛି। ଏହା ପରେ, କାନ୍ଧର ତଳ ଅଂଶରେ ସବୁଜ ରଙ୍ଗ ରଖାଯାଇଛି। ଜର୍ସିରେ ଦୁଇ ପ୍ରକାରର ନୀଳ ରଙ୍ଗ ଅଛି। ଏହାର ଅଧିକାଂଶ ରଙ୍ଗ ହାଲୁକା ଆକାଶ ନୀଳ। ଯେତେବେଳେ ବର୍ଡ଼ର ଲାଇନକୁ ଗାଢ଼ ନୀଳ ରଙ୍ଗ ରଖାଯାଇଛି।

# କ୍ରିକେଟରୁ ସନ୍ନ୍ୟାସ ନେଲେ ଷ୍ଟୋଇନିସ୍



**ନୂଆଦିଲ୍ଲୀ,୬।୨:** ଚାମ୍ପିଅନ୍ସ ଟ୍ରଫି ପାଇଁ ଦଳରେ ଚୟନ କରାଯାଇଥିଲା। ୧୯ ଫେବୃଆରୀରୁ ଆରମ୍ଭ ହେଉଥିବା ଆଇସିସି ଟୁର୍ନାମେଣ୍ଟରେ ସେ ଖେଳିବାକୁ ଯାଉଥିଲେ। ହେଲେ ତା' ପୂର୍ବରୁ ଅବସର ଘୋଷଣା କରି ଚମକାଇଛନ୍ତି ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ। ସେ ଓଡିଆଇ କ୍ରିକେଟରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। ଷ୍ଟୋଇନିସ ତୁରନ୍ତ ପ୍ରଭାବ ସହ ଓଡିଆଇରୁ ଅବସର ନେଇଛନ୍ତି। ଏମିତିରେ ଅଷ୍ଟ୍ରେଲିୟ ଅଲରାଉଣ୍ଡରଙ୍କ ଏହି ବଡ଼ ନିଷ୍ପତ୍ତି ପଛରେ କ'ଣ କାରଣ ଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡିଆଇ କ୍ରିକେଟରୁ ଅବସର ଘୋଷଣା କରିବା ସମୟରେ, ଷ୍ଟୋଇନିସ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଖେଳିବା ନେଇ ତାଙ୍କର ସ୍ଥିତି ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ସେ ଟି-୨୦ ମ୍ୟାଚ୍ ପାଇଁ ଉପଲବ୍ଧ ରହିବେ। ଏହାର ଅର୍ଥ ହେଉଛି ସେ କେବଳ ଓଡିଆଇ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଓଡିଆଇରୁ ଅବସର ଘୋଷଣା କରି ମାର୍କସ ଷ୍ଟୋଇନିସ କହିଛନ୍ତି, 'ଏହା ଏକ ସହଜ ନିଷ୍ପତ୍ତି ନ ଥିଲା। କିନ୍ତୁ ମୁଁ ଅନୁଭବ କଲି ଯେ ଏହା ମୋ ପାଇଁ ଓଡିଆଇ କ୍ରିକେଟରୁ ଦୂରେଇ ଯିବା ଏବଂ ମୋ କ୍ୟାରିୟରରେ କିଛି ନୂଆ କରିବା ପାଇଁ ସଠିକ ସମୟ। ଏବେ ତାଙ୍କର ଧ୍ୟାନ କେବଳ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟ ଉପରେ ରହିବ।' ମାର୍କସ ଷ୍ଟୋଇନିସଙ୍କ ଅବସର ନିଷ୍ପତ୍ତି ଅଷ୍ଟ୍ରେଲିଆର ଚାମ୍ପିଅନ୍ସ ଟ୍ରଫି ଆଶାକୁ ପ୍ରଭାବିତ କରିଛି। ଅଷ୍ଟ୍ରେଲିଆ ଦଳ ପୂର୍ବରୁ ମିଚେଲ ମାର୍ଶ ଏବଂ ପ୍ୟାଟ କମିନ୍ସଙ୍କ ଭଳି ଦୁଇ ବଡ଼ ଖେଳାଳିଙ୍କ ବାହାର ହେବାର ଅସୁବିଧାର ସମ୍ମୁଖୀନ ହେଉଥିଲା। ଏପରି ପରିସ୍ଥିତିରେ, ଷ୍ଟୋଇନିସ୍‌ଙ୍କ ଅବସର ତାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କବର ନେଇଛି...

ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଅର୍ଥ କମିଶନ ଅଧ୍ୟକ୍ଷ କହିଛନ୍ତି ଯେ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କିମ୍ବା ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଅର୍ଥ କମିଶନ ଅଧ୍ୟକ୍ଷ ଅରବିନ୍ଦ ପାନଗାରିଆ ରୋକଠୋକ କହିଛନ୍ତି, ନୀତି ଆୟୋଗ ଆସିବା ପରେ ଯୋଜନା କମିଶନର ଉଚ୍ଛେଦ ହୋଇଛି। ସେବେଠାରୁ ଏ ବ୍ୟବସ୍ଥା କବର ନେଇଛି। ଦେଶର କୌଣସି ରାଜ୍ୟକୁ ଏ ସୁବିଧା ମିଳୁନି । ପାନଗାରିଆଙ୍କ ବୟାନ, ସ୍ୱତନ୍ତ୍ର ପାହ୍ୟାକୁ ନେଇ ବିରୋଧୀ କରୁଥିବା ରାଜନୀତିରେ ପୂର୍ଣ୍ଣଚ୍ଛେଦ ପକାଇଛି। ଏଥିସହିତ ପୂର୍ବରୁ ବାରମ୍ବାର ଏହି ଦାବି କରିଆସୁଥିବା ବିରୋଧୀଙ୍କୁ ଜବରଦସ୍ତ ଝଟକା ଲାଗିଛି।

ରାଜ୍ୟର ବିକାଶମୂଳକ ଆବଶ୍ୟକତା, ଆର୍ଥିକ କ୍ଷମତା ଓ ପ୍ରସ୍ତାବିତ ଆର୍ଥିକ ହସ୍ତାନ୍ତର ବ୍ୟବସ୍ଥାକୁ ଭିତ୍ତିକରି କମିଶନଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରାଯାଇଛି। ଆମେ ରାଜ୍ୟର ସମସ୍ତ ଆର୍ଥିକ ଦିଗ ଓ ଆବଶ୍ୟକତାକୁ ଭିତ୍ତି କରି ଏକ ସ୍ମାରକପତ୍ର ଆକାରରେ କମିଶନଙ୍କ ସମ୍ମୁଖରେ ଲିଖିତ ଉପସ୍ଥାପନା ମଧ୍ୟ କରିଥିବା ମୁଖ୍ୟମନ୍ତ୍ରୀ କହିବା ସହ ଏନେଇ ସକାରାତ୍ମକ ଫଳାଫଳ ଆଶା କରିଛନ୍ତି।

କମିଶନଙ୍କ ନିକଟରେ ରାଜ୍ୟର ପ୍ରମୁଖ ଦାବି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ପ୍ରତି କେନ୍ଦ୍ର ସରକାରଙ୍କ ଟିକସ ଆୟର ୪୧ ପ୍ରତିଶତ ରାଜ୍ୟମାନଙ୍କୁ ବଣ୍ଟନ କରାଯାଉଛି। ଏହାକୁ ୫୦ ପ୍ରତିଶତକୁ ବୃଦ୍ଧି ପାଇଁ ଦାବି କରାଯାଇଛି। କେନ୍ଦ୍ର ସରକାରଙ୍କ ଟିକସ ଆୟର ଯେଉଁ ଅଂଶ ରାଜ୍ୟମାନଙ୍କୁ ବଣ୍ଟନ କରାଯାଉଛି, ତାହା ରାଜ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୂତ୍ର ଆଧାରରେ ହୋଇଥାଏ। ଏଥିରୁ ଓଡ଼ିଶା ୪.୫୨୮ ପ୍ରତିଶତ ପାଇଆସୁଥିବା ବେଳେ ଏହାକୁ ୪.୯୬୪କୁ ବଢ଼ାଇବା ସକାଶେ ଦାବି ଉପସ୍ଥାପନ କରାଯାଇଛି। ସେହିପରି ଷୋଡ଼ଶ ଅର୍ଥ କମିଶନ ୨୦୨୬-୩୧ ଅବଧି ପାଇଁ କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ ରାଜସ୍ୱ ପ୍ରାପ୍ତି (ଗ୍ରସ୍ ରେଭିନ୍ୟୁ ରିସିପ୍ଟ)ର ୨ ପ୍ରତିଶତ ଗ୍ରାମୀଣ ଓ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ଅନୁଦାନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ଗ୍ରାମୀଣ ଓ ସହରୀ ସ୍ଥାନୀୟ ନିକାୟ ସଂସ୍ଥାମାନେ କେନ୍ଦ୍ର ସରକାରଙ୍କଠାରୁ ଅଧିକ ଆର୍ଥିକ ଅନୁଦାନ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଏସ୍‌ଡିଆର୍‌ଏଫ୍ ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନର ୭୫ ପ୍ରତିଶତ କେନ୍ଦ୍ର ସରକାର ବହନ କରୁଥିବା ବେଳେ ଅବଶିଷ୍ଟ ୨୫ ପ୍ରତିଶତ ରାଜ୍ୟ ସରକାର ବହନ କରୁଛନ୍ତି। ଏହାକୁ କେନ୍ଦ୍ର ସରକାର ଶତପ୍ରତିଶତ ବହନ କରିବା ସକାଶେ ଆମେ ଦାବି କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ସ୍ୱାସ୍ଥ୍ୟ, ଜଳଯୋଗାଣ ଓ ପରିମଳ ଏବଂ ବାର୍ଦ୍ଧକ୍ୟ ସୁରକ୍ଷା ଆଦି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିମନ୍ତେ ଅନୁଦାନ ସୁପାରିସ୍ ପାଇଁ କମିଶନଙ୍କୁ ପ୍ରସ୍ତାବ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଷୋଡ଼ଶ ଅର୍ଥ କମିଶନ ଗତ ୪ ତାରିଖରେ ଓଡ଼ିଶାରେ ପହଞ୍ଚିଥିବା ବେଳେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏଠାରେ ରହିବେ। ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ଥାନୀୟ ଆଇଟିସି ହୋଟେଲ୍‌ରେ ଅର୍ଥ କମିଶନ ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନଙ୍କ ସହ ଓଡ଼ିଶାର ଲକ୍ଷ୍ୟ, ଆବଶ୍ୟକତା ଓ ଅନ୍ୟାନ୍ୟ ବିଷୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ରାଜ୍ୟ ଅର୍ଥ ସଚିବ ଶାଶ୍ୱତ ମିଶ୍ର ଓ ଅର୍ଥ ବିଭାଗ ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ଶିଳ୍ପସଂସ୍ଥାକୁ ...

ଇଣ୍ଡଷ୍ଟ୍ରିକୁ ରିଲିଫ କୋଡ୍ ମଧ୍ୟରେ ସାମିଲ୍ କରିବା ଦାବି କରିଛି ଇଣ୍ଡଷ୍ଟ୍ରିଜ ଫେଡରେସନ। ଏମଏସଏମଇ କ୍ଷେତ୍ରକୁ ବ୍ୟାଙ୍କ ସହଜରେ ଶସ୍ତାରେ ଋଣ ଦେବାକୁ ଦାବି କରିଛି ଉତ୍କଳ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ୟୁସିସିଆଇଏଲ୍)। ବ୍ୟାଙ୍କମାନେ ଉଦ୍ୟୋଗୀଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି ଓ କ୍ରେଡିଟ ସହଜରେ ଦେଉନାହାନ୍ତି। ଅତ୍ୟାଧୁନିକ ଟେକ୍ନୋଲୋଜି ପାଇଁ ହ୍ୟାଣ୍ଡ ହୋଲଡିଂ, ଲାଣ୍ଡ ଓ କ୍ଲିଅରାନ୍ସ ପ୍ରସଙ୍ଗରେ ଦାବି ହେଉଛି। ମାଇନିଂ ଓ ମିନେରାଲ ବ୍ୟାପକ ମାତ୍ରାରେ ଉତ୍ତୋଳନ ହେଉଥିଲେ ମଧ୍ୟ ଇଭାକୁଏସନ ସମସ୍ୟା ହେଉଛି। ତେଣୁ କିଭଳି ମାର୍କେଟ ଲିଙ୍କେଜ ଓ ଇନଲାଣ୍ଡ ୱାଟରୱେଜ ଉପରେ ଧ୍ୟାନ ଦିଆଯିବ, ତା' ଉପରେ ଗୁରୁତ୍ୱ ଦେବାକୁ ଦାବି କରାଯାଇଛି। ସେହିପରି ମିନେରାଲ ଉପରେ ସର୍ବାଧିକ ଟ୍ୟାକ୍ସ ନିଆଯାଉଥିବାରୁ ଏହାକୁ କମାଇବା ସକାଶେ ଦାବି ହୋଇଛି। ରାଜ୍ୟ ସରକାରଙ୍କୁ ଅର୍ଥ କମିଶନଙ୍କ ମାଧ୍ୟମରେ ଅନୁରୋଧ କରିଛି ୟୁସିସିଆଇଏଲ। ବିଭିନ୍ନ ଷ୍ଟ୍ରାଟେଜିକ ଲୋକେସନରେ କ୍ଲଷ୍ଟରର ବିକାଶ କରାଯିବା ସକାଶେ ଦାବି ହେବା ସହ ଏହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି ମତ ବ୍ୟକ୍ତ କରାଯାଇଛି। ଓଏସଆଇସିକୁ ରିଭାଇଭ କରି ଲ୍ୟାଣ୍ଡ ଆଲଟମେଣ୍ଟ କରାଯିବା ସହ ଓଏସଏଫସି ମାଧ୍ୟମରେ ଏମଏସଏମଇ ଉଦ୍ୟୋଗୀଙ୍କୁ ଋଣ ଦିଆଯିବାକୁ ୟୁସିସିଆଇଏଲ୍ ପକ୍ଷରୁ ଦାବି ହୋଇଛି।

### ବିପର୍ଯ୍ୟୟ...

ପର୍ଯ୍ୟନ୍ତ ଓଡ଼ିଶା ନିଜକୁ ଏକ ସରପ୍ଲସ ଷ୍ଟେଟ୍ ଭାବେ ପ୍ରମାଣିତ କରିପାରିନାହିଁ। ଏହାକୁ ନଜରରେ ରଖି ଓଡ଼ିଶାକୁ ମିଳୁଥିବା ସହାୟତା ପରିମାଣକୁ ଆହୁରି ଅଧିକ କରାଯିବା ସକାଶେ ଦାବି କରାଯାଇଛି। ଓଡ଼ିଶା କୋଇଲାରୁ ବିଦ୍ୟୁତ ଉତ୍ପାଦନ ହେଉଛି। ସେଥିରେ ଭାରତର ଅର୍ଥନୀତି ପରିଚାଳିତ ହେଉଛି। କିନ୍ତୁ ପ୍ରଦୂଷଣର ସିଂହଭାଗ ଓଡ଼ିଶା ଭୋଗୁଛି। ତେଣୁ ଓଡ଼ିଶାରେ ଗ୍ରୀନ ଏନର୍ଜୀର କିଭଳି ପ୍ରଚାର ପ୍ରସାର ହେବ, ସେ ଦିଗରେ ପଦକ୍ଷେପ ନିଆଯିବା ଉପରେ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଗୁରୁତ୍ୱାରୋପ କରିଛନ୍ତି। ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରସଙ୍ଗରେ ଅର୍ଥ କମିଶନଙ୍କ ନିକଟରେ ବିଜେପି କୌଣସି ଦାବି ନ ରଖିବା ଉପରେ ବିଜେଡିର ଅଭିଯୋଗକୁ ପ୍ରତିନିଧିମଣ୍ଡଳୀ କାଉଣ୍ଟର କରିଛି। ବିଜେଡି ଏସମ୍ପର୍କରେ ଆହୁରି ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ରାଜନୈତିକ ଦଳ ରାଜ୍ୟ ପାଇଁ ପ୍ରାଥମିକତା ଦେବା ଦରକାର ନା ରାଜନୈତିକ କାଦୁଅ ପିଙ୍ଗିବା ଦରକାର ବୋଲି କହିଲା ବିଜେପି ପକ୍ଷରୁ ପ୍ରଶ୍ନ କରାଯାଇଛି।

### ଯୁବକଙ୍କ ଆୟ...

ଆବଶ୍ୟକତା ରହିଛି। ରାଜ୍ୟରେ ବୟସ ଅନୁଯାୟୀ ପିଲାଙ୍କ ଉଚ୍ଚତା ବଢୁନାହିଁ, କୁପୋଷଣ ରହିଛି, ମହିଳାମାନଙ୍କ କ୍ଷେତ୍ରରେ ରକ୍ତହୀନତା ସମସ୍ୟା ମଧ୍ୟ ରହିଛି। ଏହା ଉପରେ ଗୁରୁତ୍ୱାରୋପ କରାଯିବା ଉଚିତ। ସବୁଠାରୁ କମ ଇନକମ ଟ୍ୟାକ୍ସ ଦେଉଥିବା ରାଜ୍ୟ ହେଉଛି ଓଡ଼ିଶା। ଏହାର କାରଣ ହେଉଛି ବର୍ତ୍ତମାନ ପର୍ଯ୍ୟନ୍ତ ସଠିକ ଆୟ କରିବାର କ୍ଷମତା ଓଡ଼ିଶାର ଯୁବକଙ୍କ ପାଖକୁ ଆସିନାହିଁ। ଆମ ରାଜ୍ୟରେ ଅଧିକାଂଶ ଲୋକ ଆଦିବାସୀ ଏବଂ ଦଳିତ ବର୍ଗର। ତେଣୁ ଜନଗଣନା ସାଧାରଣ ଭାବେ କରାନଯାଇ ଏମାନଙ୍କୁ ମଧ୍ୟ ଗଣତିରେ ନିଆଯାଉ ଏବଂ ପ୍ରତିଶତ ହିସାବରେ ସେମାନଙ୍କୁ ଗଣନା କରାଯାଉ। ରାଜ୍ୟରୁ କୋଇଲାର ଗୋଟିଏ ଟନରେ ୪୦୦ ଟଙ୍କା ଆଦାୟ ହେଉଛି। କୋଟି କୋଟି ଟଙ୍କା କେନ୍ଦ୍ର ସରକାର ଆଦାୟ କରୁଛନ୍ତି। ଏହି ଅର୍ଥ ନମାମି ଗଙ୍ଗା ଏବଂ ନମାମି ଯମୁନାରେ ଖର୍ଚ୍ଚ ହେଉଛି। ତେଣୁ ରାଜ୍ୟର ବିଭିନ୍ନ ନଦୀର ପୁନରୁଦ୍ଧାର କରାଯିବା ସହ ନଦୀ ପରିଷ୍କାରରେ କୋଇଲା ରୟାଲ୍‌ଟି ଅର୍ଥ ଖର୍ଚ୍ଚ କରିବା ସକାଶେ ଶ୍ରୀ କାନୁନ୍‌ଗୋ ଦାବି କରିଛନ୍ତି। ସେହିପରି ନୀଳାମ୍ବୁ ଚିଲିକା ମଧ୍ୟ ପୋତି ହୋଇଯାଉଥିବାରୁ ଏହାର ସୌନ୍ଦର୍ଯ୍ୟ ପ୍ରଭାବିତ ହେଉଛି। ତେଣୁ ଚିଲିକାର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେବାକୁ ମଧ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

### ବିଜେଡିର ସ୍ୱତନ୍ତ୍ର...

ପ୍ୟାଟର୍ଣ୍ଣରେ ବର୍ତ୍ତମାନ ଯେଉଁ ପରିବର୍ତ୍ତନ ହୋଇଛି, ସେ କଥା ମଧ୍ୟ କୁହାଯାଇଛି। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଯେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବା। ଯାହା ବିଜେଡି ପୂର୍ବରୁ ବାରମ୍ବାର କହିଆସିଛି।
ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା କିମ୍ବା ସ୍ପେଶାଲ ଫୋକସ ଷ୍ଟେଟ ମାନ୍ୟତା ପାଇଁ ଆମେ ଦାବି କରିଛୁ। ଆମର ୪୦ ପ୍ରତିଶତ ଲୋକ ହେଉଛନ୍ତି ଏସସି ଓ ଏସଟି ବର୍ଗର। ତା'ହେଲେ ସେମାନଙ୍କ ହିସାବରେ ନର୍ଥ ଇଷ୍ଟର୍ଣ୍ଣ ରାଜ୍ୟ ପରି ସେମାନଙ୍କୁ ୯୦:୧୦ ହିସାବରେ କେନ୍ଦ୍ରୀୟ ସହାୟତା ମିଳୁଛି। ତାକୁ ଓଡ଼ିଶା ପାଇଁ ମଧ୍ୟ ଲାଗୁ କରିବାକୁ ଦାବି କରିଛି ବିଜେଡି। ମିନେରାଲ୍ ଉପରେ ରୟାଲିଟି ବଢ଼ାଇବାକୁ ମଧ୍ୟ ଦଳ ପକ୍ଷରୁ ଦାବି ହୋଇଛି। ପୂଜାସ୍ଥଳୀଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାଣ୍ଠି ଦିଆଯିବା ସହ ପୁରୀରେ ଏକ ସ୍ପିରିଚୁଆଲ କଲଚରାଲ ସେଣ୍ଟର ପ୍ରତିଷ୍ଠା ପାଇଁ ବିଜେଡି ଦାବି କରିଛି।

### ଅଭିଯୋଗର...

ରବୀନ୍ଦ୍ର କୁମାର ନାଏକ କହିଛନ୍ତି ଯେ ଲୋକଙ୍କ ଅଭିଯୋଗ ଶୁଣାଣି ଆମ ସରକାରଙ୍କ ପ୍ରାଥମିକତା। ସେଥିରେ ଅବହେଳା କଲେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହେବ।

ସେପଟେ ବ୍ଲକ କାର୍ଯ୍ୟାଳୟରେ ଜନ ଶୁଣାଣି ବେଳେ ଅଫିସରଙ୍କୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅନ ଦି ସ୍ପଟ ତାଗିଦ୍‌କୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ବ୍ଲକ କାର୍ଯ୍ୟାଳୟରେ ଜନଶୁଣାଣି କରୁଥିବା ବେଳେ ଜଣେ ମହିଳା ସମାନ ଅଭିଯୋଗକୁ ଦ୍ୱିତୀୟ ଥର ଆଣିକି ଆସିଥିବା ଦେଖିବାକୁ ପାଇଥିଲେ ନଗର ଉନ୍ନୟନ ମନ୍ତ୍ରୀ।

ଯାହା ପରେ ଅଫିସରମାନଙ୍କ ଉପରେ ବିରକ୍ତି ପ୍ରକାଶ କରିବା ସହ ତାଗିଦ୍ କରି ମନ୍ତ୍ରୀ କାହିଁକି ଉକ୍ତ ମହିଳାଙ୍କ ଅଭିଯୋଗର ସମାଧାନ ଥରକେ ହେଲା ନାହିଁ ବୋଲି ପ୍ରଶ୍ନ କରିବା ସହ କାହିଁକି ପୁଣିଥରେ ତାଙ୍କୁ ଆସିବାକୁ ପଡ଼ିଲା ବୋଲି କହି ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ସେ ତାଗିଦ୍ କରି କହିଥିଲେ ଯେ ଯଦି ଆଗକୁ ଅଫିସରମାନେ ଏପରି ମାନସିକତା ରଖନ୍ତି, ତେବେ ସେମାନଙ୍କୁ ଅନ ଦି ସ୍ପଷ୍ଟ ବହିଷ୍କାର କରାଯିବ।

ଅନ୍ୟପକ୍ଷରେ ବିଜେଡି ଓ କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କ ଏପରି ଆହ୍ୱାନ ଚେତାବନୀକୁ ସ୍ୱାଗତ କରିଛନ୍ତି। ଅଫିସରମାନେ ଲୋକ ସମସ୍ୟାକୁ ଅଣଦେଖା କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ କଥା ଆସୁଛି ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା ପଞ୍ଚାନନ କାନୁନ୍‌ଗୋ। ରାଜ୍ୟ ସରକାରଙ୍କ ଜନଶୁଣାଣି ପୋର୍ଟାଲର ତଥ୍ୟ ଅନୁଯାୟୀ ୧୧ ଲକ୍ଷ ୯୪ ହଜାର ୮୬ ଅଭିଯୋଗ ଦାଖଲ କରାଯାଇଥିବା ବେଳେ ସେଥିରୁ ମାତ୍ର ୯ ଲକ୍ଷ ୭୯ ହଜାର ୬୭୨ଟି ଅଭିଯୋଗର ସମାଧାନ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୮୦୩୧ଟି ଅଭିଯୋଗ ଆସିଥିବା ବେଳେ ୬୫୪୫ଟି ଅଭିଯୋଗର ସମାଧାନ ହୋଇଛି ବୋଲି ଶ୍ରୀ କାନୁନ୍‌ଗୋ କହିଛନ୍ତି।

### ବିଜେବି...

ଟଙ୍କାକୁ ଚଳୁ କରୁଛନ୍ତି। ଦୀର୍ଘଦିନ ହେଲା ଏଭଳି ବେପାର ଅତ୍ୟନ୍ତ ସୁରୁଖୁରୁରେ ଚାଲିଥିବାବେଳେ ଏବେ କଲେଜ କର୍ତ୍ତୃପକ୍ଷଙ୍କର ନିଦ ଭାଙ୍ଗିଛି।

ଅନ୍ୟ ପକ୍ଷରେ କଲେଜ କର୍ତ୍ତୃପକ୍ଷ ନିଜର ଜମି ଖୋଜିବାର ସୂଚନା ପାଇଲା ପରେ ପାରାମାଉଣ୍ଟ କ୍ଲବ ସ୍ଥାନୀୟ ବିଧାୟକଙ୍କ ଶରଣ ପଶିଥିବା ସୂଚନା ମିଳିଛି। ଏହି ଜମିକୁ କ୍ଲବ୍ ନାମରେ କରିଦେବା ପାଇଁ ଲିଖିତ ଅନୁରୋଧ କରିଛି। ଏହାପରେ ମଣ୍ଡପ ବେପାରୀ ମଧ୍ୟ ଛାନିଆ ହୋଇଥିବା ସୂଚନା ମିଳିଲାଣି। ବିବାହ ଓ ବ୍ରତ ଆଦି ପାଇଁ ଆଗୁଆ ବଇନା ନେଇଥିବାରୁ ସେମାନଙ୍କ ମଧ୍ୟରେ ଛନକା ପଶିଛି। କାରଣ ଯେକୌଣସି ମୂହୂର୍ତ୍ତରେ କଲେଜ କର୍ତ୍ତୃପକ୍ଷ ପୁଲିସ୍ ସହାୟତାରେ ଏହି ଜମି ଉପରେ ନାଲିପତାକା ମାରିପାରନ୍ତି।

ସୂଚନାଯୋଗ୍ୟ ଯେ ବର୍ତ୍ତମାନ ବିଜେବି କଲେଜ ପରିସରରେ ଯୁକ୍ତ ୨ ଓ ଯୁକ୍ତ ୩ ପୃଥକ୍ ହେବା ସହ କମ୍ପ୍ୟୁଟର ବିଜ୍ଞାନ ଓ ଅନ୍ୟାନ୍ୟ ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏମାନଙ୍କ ପାଇଁ ଅଧିକ ଶ୍ରେଣୀଗୃହର ଆବଶ୍ୟକ ପଡୁଛି। ଜମି ଅଭାବ ଦର୍ଶାଇ ଦୀର୍ଘଦିନ ହେଲା ବିଜେବି କଲେଜ କର୍ତ୍ତୃପକ୍ଷ ଏକପ୍ରକାର ଶୋଇ ପଡ଼ିଥିଲେ। ଏବେ ସରକାର ଦେଇଥିବା ଜମି ସମ୍ପର୍କରେ ଚେତାଇ ଦେବାରୁ କଲେଜ କର୍ତ୍ତୃପକ୍ଷ ଚଳଚଞ୍ଚଳ ହୋଇ ଉଠିବା ସହିତ ନିଜ ଜମିକୁ ଫେରାଇ ଆଣି ସେଠାରେ ପିଲାଙ୍କ ଲାଗି କିଭଳି ଶ୍ରେଣୀଗୃହ ନିର୍ମାଣ ହେବ, ସେଥିପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

### କପି ରୋକିବ...

ଲାଇଭ ଷ୍ଟ୍ରିମିଂ ସେଣ୍ଟର ସଂଖ୍ୟା ୨୦୦ରୁ ୬୦୦କୁ ବଢ଼ାଯାଇଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ଲାଇଭ ଷ୍ଟ୍ରିମିଂ ବ୍ୟବସ୍ଥା ଏଆଇ ନୁହେଁ, ଏଆଇ ଭଳି ବୋର୍ଡର ୩୦ ଜଣିଆ ଟେକ୍ନିକାଲ୍ ଟିମ୍ ଦ୍ୱାରା କରାଯିବ। ବୋର୍ଡ କାର୍ଯ୍ୟାଳୟରେ କମାଣ୍ଡ କଣ୍ଟ୍ରୋଲ ରୁମରୁ ହିଁ ସମ୍ପୃକ୍ତ ୬ ଶହ ସେଣ୍ଟରର ପରୀକ୍ଷା ମନିଟରିଂ କରାଯିବ। ପରୀକ୍ଷା କେନ୍ଦ୍ରକୁ ସମ୍ପୂର୍ଣ୍ଣ ଭାବେ ମୋବାଇଲ୍ ବାରଣ କରାଯାଇଛି। ମାଟ୍ରିକ ପରୀକ୍ଷା ଆସନ୍ତା ୨୧ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ୧୯ ତାରିଖରୁ ଖାତା ଦେଖା ଆରମ୍ଭ ହେବ।

### କି ଭୟଙ୍କର...

କର୍ତ୍ତୃପକ୍ଷ ସେଠାରେ ଅର୍ନ୍ତଜାତୀୟ ହକି ମ୍ୟାଚକୁ ଦୃଷ୍ଟିରେ ରଖି ହୋଟେଲ ନିର୍ମାଣ କରି ପଇସା କମାଇଲେ। ହେଲେ ଝାରସୁଗୁଡ଼ା ଜିଲ୍ଲାର ପର୍ଯ୍ୟଟନ ସ୍ୱପ୍ନ ଚୂରମାର ହୋଇଗଲା।

ସ୍ୱର୍ଣ୍ଣିମ ଭାରତ ଯୋଜନାରେ ନିର୍ମାଣ ହୋଇଥିବା ପର୍ଯ୍ୟଟକ ଅଭ୍ୟର୍ଥନା ଗୃହ କିମ୍ବା ଏହାର ଜମି କାହାରିକୁ ବିକ୍ରି କିମ୍ବା ହସ୍ତାନ୍ତର ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ ଥିଲା। ଏହା ସତ୍ତ୍ୱେ ଜିଲ୍ଲାପାଳ ଓ ପର୍ଯ୍ୟଟନ ବିଭାଗ ମିଳିମିଶି ବେଆଇନ କାର୍ଯ୍ୟ କରିଥିଲେ। ଏହାକୁ ନେଇ ଆରଟିଆଇ କର୍ମୀ ଶ୍ରୀ ରାଓ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ଗମ୍ଭୀରତାକୁ ଦେଖି ଅଦାଲତ ଏହି ମାମଲାକୁ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରିଛନ୍ତି। ଏହି ମାମଲାରେ ସେତେବେଳର ଜିଲ୍ଲାପାଳ, ପର୍ଯ୍ୟଟନ ନିର୍ଦ୍ଦେଶକଙ୍କ ସମେତ ତହସିଲଦାର, ଟାଉନ୍ ପ୍ଲାନିଂ ଅଫିସର, ଇଡ୍‌କୋ ମ୍ୟାନେଜର, ମେ ଫେୟାର ହୋଟେଲ, ପ୍ଲାନିଂ ଅଫିସର ଆଦିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଗୋଟିଏ ପଟେ କୋଇଲା ସିଣ୍ଡିକେଟ୍‌ର କାର୍ପଟଦାର ଥିବା ସରୋଜଙ୍କର ଝାରସୁଗୁଡ଼ାରେ ଗୋଟିଏ ପରେ ଗୋଟିଏ କାରନାମା ପଦାକୁ ଆସୁଥିବାବେଳେ ଆଗାମୀ ଦିନରେ ଝାରସୁଗୁଡ଼ାରେ ତାଙ୍କର କିଛି ବେନାମୀ ସମ୍ପତ୍ତିର ଚିଠା ପ୍ରକାଶ ପାଇବ ବୋଲି ଆରଟିଆଇ କର୍ମୀମାନେ କହୁଛନ୍ତି। ତେବେ ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ହେଲେ ସରୋଜଙ୍କର ବହୁ ସତ୍ୟ ଲୋକଲୋଚନକୁ ଆସିବ ବୋଲି ଝାରସୁଗୁଡ଼ାଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆଲୋଚନା ଆରମ୍ଭ ହୋଇଯାଇଛି।

### ବକୁଳବନର...

ବିକାଶ କରାଯିବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ସ୍ଥାନ ପରିଦର୍ଶନ କରି ଏହାର ଐତିହ୍ୟ ସମ୍ପର୍କରେ ଜ୍ଞାନ ଅର୍ଜନ କରିପାରିବେ ଓ ଏହା ପର୍ଯ୍ୟଟକମାନଙ୍କୁ ମଧ୍ୟ ଆକୃଷ୍ଟ କରିବ।

ଏଥିସହିତ ବକୁଳବନର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଲୋଚନାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗଞ୍ଜାମ ରାଜନୀତିରେ ନେତୃତ୍ୱ ସଙ୍କଟ !



**ରାଜଧାନୀ ନିର୍ଦ୍ଦେଶକୁ ସବୁ ଦଳର ଅପେକ୍ଷା**

**ନିଜ ଅସ୍ତିତ୍ୱ ହରାଉଛି କି ଗଞ୍ଜାମ ରାଜନୀତି ?**

**ବ୍ରହ୍ମପୁର, ୬।୨ (ସଂଚାର ବ୍ୟୁରୋ) :** ଗଞ୍ଜାମ ରାଜନୀତିକୁ ଏବେ ଯେମିତି ଘାରିଛି ଶନି ଦଶା । ଜିଲ୍ଲାରେ ବିଭିନ୍ନ ରାଜନୈତିକ ଦଳର ଗଦା ଗଦା ନେତା ଅଛନ୍ତି ସତ କିନ୍ତୁ କାହାରି ଭିତରେ ନେତୃତ୍ୱ ନେବାର ଇଚ୍ଛା ଶକ୍ତି ନଥିବା ପରିଲିକ୍ଷିତ ହୋଇଛି। ସେହିପରି କିଛି ଆଗ ଧାଡ଼ିର ନେତାଙ୍କୁ ଛାଡିଦେଲେ ସମସ୍ତ ରାଜନୈତିକ ଦଳର ନମ୍ବର ୨ ନେତାମାନେ ଦଳରେ ରହି ନିରାଶ ଅନୁଭବ କରୁଥିବା ଜଣାପଡିଛି। ନା ସେମାନଙ୍କୁ ଗୁରୁତ୍ୱ ଦିଆଯାଉଛି ନା ସ୍ୱଇଚ୍ଛାରେ ଦଳୀୟ ସଂଗଠନର କାର୍ଯ୍ୟ କରିବାକୁ ଆଗକୁ ଛଡାଯାଉଛି। ଯାହା ଫଳରେ ରାଜ୍ୟର ଚର୍ଚ୍ଚିତ ଜିଲ୍ଲା ଗଞ୍ଜାମ ଏବେ ରାଜନୈତିକ ସ୍ତରରେ ତାର ଅସ୍ତିତ୍ୱ ହରାଇବାରେ ଲାଗିଛି।

ପୂର୍ବରୁ ଅନେକ ତୁଙ୍ଗ ନେତା ଏହି ଜିଲ୍ଲାରେ ନେତୃତ୍ୱ ନେଇ ରାଜ୍ୟରେ ବେଶ ଚର୍ଚ୍ଚାକୁ ଆସିଛନ୍ତି। ଯେଉଁଥି ପାଇଁ ଷ୍ଟେଟ୍ ପଲିଟିକ୍ସରେ ଗଂଜାମର ଗୁରୁତ୍ୱ ଅଧିକ ଥିବା କୁହାଯାଉଥିଲା। ଏବେ କିନ୍ତୁ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟର ସର୍ବାଧିକ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଶିଷ୍ଟ ଗଞ୍ଜାମରେ ୩ ପ୍ରମୁଖ ରାଜନୈତିକ ଦଳରେ ନେତୃତ୍ୱ ସଙ୍କଟ ଦେଖାଦେଇଥିବା ଆଲୋଚନା ହେଉଛି। ବିଜେପି, ବିଜେଡି, କଂଗ୍ରେସର ଜିଲ୍ଲା ସ୍ତରୀୟ ନେତା ତ ଅଛନ୍ତି, ହେଲେ କଳି ଛଡା କାର୍ଯ୍ୟକ୍ରମ ଏବଂ ଦଳୀୟ ସଂଗଠନ ପ୍ରତି କାହାର ଇଚ୍ଛା ନଥିବାରୁ କର୍ମୀ ବି ଅଣନିଶ୍ୱାସୀ ହୋଇପଡିଲେଣି।

ସମ୍ପ୍ରତି ରାଜ୍ୟରେ ପଦ୍ମ ପାର୍ଟି ଶାସନ କ୍ଷମତାକୁ ଆସିଛି। ଗଞ୍ଜାମ ଜିଲ୍ଲାର ଅଧିକାଂଶ ଆସନ ଦଳ କବଜାକୁ ଯାଇଛି। ନୂତନ ଜିଲ୍ଲା ସଭାପତି ମଧ୍ୟ ନିକଟରେ ଘୋଷଣା ହୋଇଛି । କିନ୍ତୁ ପୁରୁଖା ଏବଂ ଆମଦାନୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଯୋଗୁଁ ଦଳୀୟ ସଂଗଠନ କଥା ସତେ ଯେମିତି ସଭିଏଁ ଭୁଲିଯାଇଛନ୍ତି। ଏକତ୍ରିତ ହୋଇ ସଂଗଠନ କାର୍ଯ୍ୟ ନକଲେ ଦଳ କ୍ଷତି ସହିବା ଥୟ ବୋଲି କୁହାଯାଉଛି। ସେହିପରି ଶଙ୍ଖ ପାର୍ଟି ଏବେ ପ୍ରମୁଖ ବିରୋଧୀ ଦଳ ହୋଇ ରହିଛି ସତ କିନ୍ତୁ ଜିଲ୍ଲାରେ ତାର ଦାୟିତ୍ୱ ଓ କର୍ତ୍ତବ୍ୟ ପୁରା ଭୁଲିଯାଇଛି। ଦଳରେ ଫାଟ କଥା ଦାଣ୍ଡରେ ପଡି ହାଟରେ ଗଡୁଛି। ଅନ୍ୟପକ୍ଷରେ କଂଗ୍ରେସର ଅବସ୍ଥା ନ କହିବା ଭଲ। ଜିଲ୍ଲାର କେବଳ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀକୁ ଦଳ ନିଜ ଦଖଲକୁ ନେଇଛି। ସେଠାରେ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱ ବଳରେ ସ୍ଥାନୀୟ ନିର୍ବାଚନ ମଣ୍ଡଳୀରେ ଦଳ ବାଜିମାତ୍ କରୁଛି। ତଥାପି ଜିଲ୍ଲା ସ୍ତରୀ ଦେଖିଲେ ଦଳର ସ୍ୱର ନାହିଁ କି ଶବ୍ଦ ନାହିଁ।

ଗଂଜାମ ରାଜନୀତିର ପୂର୍ବ ଚିତ୍ରକୁ ଦେଖିଲେ ସବୁ ଦଳରେ ନେତାଙ୍କ ନିଜସ୍ୱ ଦବଦବା ରହିଥିଲା। ପୁରୁଖା ମାନେ ନିଜ ଅଂଚଳରେ ଯେ କୌଣସି ନିଷ୍ପତ୍ତି ନେଇ ରାଜ୍ୟ ପାଇଁ ଉଦାହରଣ ସାଜୁଥିଲେ। ଏବେ କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସମ୍ପ୍ରତି କୌଣସି ରାଜନୈତିକ ଦଳର ନେତା ନିଜେ ନିଷ୍ପତ୍ତି ନେଇପାରୁନଥିବା ବେଳେ ସଭିଏଁ ରାଜଧାନୀର ନିର୍ଦ୍ଦେଶକୁ ଚାହିଁ ବସୁଛନ୍ତି। ଏଭଳି ପରିସ୍ଥିତିରେ ଗଂଜାମ ଜିଲ୍ଲା ଧୀରେ ଧୀରେ ନେତୃତ୍ୱବିହୀନ ହୋଇପଡୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ଥାନୀୟ ପଲିଟିକାଲ କରିଡ଼ରରେ ହେଉଥିବା ଆଲୋଚନା ପ୍ରକାରେ, ସମସ୍ତ ରାଜନୈତିକ ଦଳରେ ଯଦିଓ କନ୍ଦଳ ଅଛି,ଏହା ପରେ ବି ଲୋକଙ୍କ ବିଶ୍ୱାସଭାଜନ ହେବା ପାଇଁ ଦଳୀୟ ନେତାଏ ଏକାଠି ହୋଇ କାର୍ଯ୍ୟ କରିବା ସହ ନିଜେ ନିଷ୍ପତ୍ତି ନେବାର ଦକ୍ଷତା ରଖିବାର ଆବଶ୍ୟକତା ରହିଛି । ଯଦି ଏସବୁ ଉପରେ ସମସ୍ତ ଦଳ ଧ୍ୟାନ ନ ଦିଅନ୍ତି ତେବେ ଗଞ୍ଜାମ ରାଜନୀତିରେ ଆଗାମୀ ଦିନରେ ନେତୃତ୍ୱର ଘୋର ସଙ୍କଟ ଦେଖାଦେଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ଶୁଣିବାକୁ ମିଳୁଛି।

---

### ରାତିରେ ଲିଫ୍ଟ ଦେବା ହେଲା କାଳ

## ପଛରେ ବସି କାନ କାମୁଡି ଛିଣ୍ଡାଇଦେଲେ ଯୁବକ



**କାକଟପୁର/ଅସ୍ତରଙ୍ଗ, ୬।୨ (ସଂଚାର ବ୍ୟୁରୋ) :** ରାତିରେ କୌଣସି ବ୍ୟକ୍ତିଙ୍କୁ ଅନ୍ୟତ୍ର ଯିବାକୁ ଲିଫ୍ଟ ଦେଉଥିଲେ ହୋଇଯାଆନ୍ତୁ ସାବଧାନ। କେତେ ବେଳେ ମଧ୍ୟ ଆପଣ ଏପରି ଦୁର୍ଘଟଣା ଶିକାର ହୋଇପାରନ୍ତି। ଏମିତି ଏକ ଘଟଣା ସାମ୍ନାକୁ ଆସିଛି କେନ୍ଦ୍ରାପାଟି ଗ୍ରାମରେ। ବାଟୋଇକୁ ସାହାଯ୍ୟ କରିବାକୁ ଯାଇ ଗାଡିରେ ବସାଇ ଅନ୍ୟତ୍ର ନେଉଥିବା ବେଳେ ପଛରେ ବସିଥିବା ଲୋକ କାମୁଡି କାନ ଛିଣ୍ଡାଇଦେଲେ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନସ୍ଥ ସରିପୁର ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳ ନିଜ ଘର ଅସ୍ତରଙ୍ଗରୁ ବିଦ୍ୟାଳୟ ଅଭିମୁଖେ ବୁଧବାର ରାତି ୯ଘଟିକା ସମୟରେ ଏକ ଦୁଇ ଚକିଆ ଗାଡ଼ିରେ ଯାଉଥିବା ବେଳେ କେନ୍ଦ୍ରାପଟି ପାତ୍ର ସାହି ନିକଟରେ ଅଂଶୁମାନ ପାତ୍ର ନାମକ ଯୁବକ ଅନ୍ୟ ସ୍ଥାନକୁ ଯିବାକୁ ବିଦ୍ୟାଳୟରେ କାର୍ଯ୍ୟରତ ରାତ୍ର ଜଗୁଆଳ ନାଗାର୍ଜୁନ ଦାସ (୨୫)ସାହାଯ୍ୟ ମାଗିଥିଲେ। କିଛି ବାଟ ଅତିକ୍ରମ କରିବା ପରେ ଅନ୍ଧାରରାତିର ସୁଯୋଗ ନେଇ ପଛରେ ବସିଥିବା ଅଂଶୁମାନ ପାତ୍ର ନାଗାର୍ଜୁନଙ୍କ ବେକରୁ ସୁନା ଚେନ ଛିଣ୍ଡାଇବାକୁ ପ୍ରୟାସ କରିବା ସହ ତଳେ ପକାଇ ମାଡ଼ ମାରି ନାଗାର୍ଜୁନଙ୍କ ବାମପଟ କାନ କାମୁଡି ପାଟିରେ ଛିଣ୍ଡାଇ ଦେଇଥିଲେ। ଏ ନେଇ ନାଗାର୍ଜୁନ ଦାସଙ୍କ ମା' ସଂଜୁ ଦାସ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କାକଟପୁର ପୁଲିସ ଘଟଣାର ତଦନ୍ତ କରି କେନ୍ଦ୍ରାପାଟି ଗ୍ରାମ ପାତ୍ରସାହିର ଅଂଶୁମାନ ପାତ୍ରକୁ ଅଟକ ରଖି ପଚରାଉଚରା କରିବା ସହ କାକଟପୁର ଥାନା କେଶ ନମ୍ବର ୨୫/୨୫ରେ ମାମଲା ରୁଜୁ ସହ ଭାରତୀୟ ନ୍ୟାୟ ସଂହିତା ଧାରା ୧୧୫(୨), ୧୧୮(୨), ୧୨୬(୨), ୩୫୧(୨)ମାମଲା ରୁଜୁ କରି ଅଭିଯୁକ୍ତ ଅଂଶୁମାନ ପାତ୍ରଙ୍କୁ ଅଦାଲତ ଚାଲାଣ କରିଛନ୍ତି।

## ଗଞ୍ଜେଇ ଜବତ, ୪ ଗିରଫ



**ବ୍ରହ୍ମପୁର, ୬।୨ (ସଂଚାର ବ୍ୟୁରୋ) :** ଗଞ୍ଜେଇ ଚାଲାଣ ବେଳେ ଅବକାରୀ ଗୁଇନ୍ଦା ବିଭାଗକୁ ସଫଳତା ମିଳିଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରୁ ପୁରୁଷୋତ୍ତମପୁର ଦେଇ ମୁମ୍ବାଇ ଚାଲାଣ ହେବାକୁ ଥିବା ୭୦ କିଲୋ ଗଞ୍ଜେଇ ଜବତ କରିଥିଲା ବିଭାଗ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ, ଆସିକା ଥାନା ଅଧିକାରୀ, ସୋରଡ଼ା ଥାନା ଅଧିକାରୀ ଆସିକା ଠାରେ ଜଗି ରହିଥିଲେ । ଯାନବାହାନ ଯାଞ୍ଚରେ ଏକ ମିନି ପିକଅପ ଭ୍ୟାନ ଏବଂ ଏକ କାରରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ । ଦୁଇଟି ଗାଡ଼ିକୁ ଜବତ କରିବା ସହିତ ୪ଜଣକୁ ଗିରଫ କରିଥିବା ବେଳେ ଜଣେ ଖସି ପଳାଇବାରେ ସଫଳ ହୋଇଥିଲା । ତଦନ୍ତ ପରେ ଦୁଇ ଗାଡ଼ିର ଡିକିରେ ୭୦ କେଜି ଗଞ୍ଜେଇ ଥିବା କହିଛି ଅବକାରୀ ବିଭାଗ। ତେବେ ଏହି ଗଞ୍ଜେଇ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରୁ ଭାୟା ପୁରୁଷୋତ୍ତମପୁର ଦେଇ ଟ୍ରେନ ଯୋଗେ ମୁମ୍ବାଇ କୁ ଚାଲାଣ ହେବାକୁ ଥିଲା ବୋଲି କହିଛନ୍ତି ଗିରଫ ଚାଲାଣକାରୀ । ଗିରଫ ୪ ହେଲେ ପୋଲସରା ଅଞ୍ଚଳର ଅଶୋକ ସାହୁ, ଆସିକା ଥାନା ଅନ୍ତର୍ଗତ ନବରତ୍ନପୁର ଗ୍ରାମର ଟିଟୁ ପଲେଇ ଏବଂ ସୁନିଲ ସ୍ୱାଇଁ ଓ ଡ୍ରାଇଭର ସନ୍ତୋଷ ପଲେଇ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି ସୁପରିଟେଣ୍ଡେଣ୍ଟ ସୃତିକାନ୍ତ ରାଉତ ସୂଚନା ପ୍ରଦାନ କରିଛନ୍ତି।

## ନିଖୋଜ ଯୁବକଙ୍କୁ ହତ୍ୟା: ଜଣେ ଅଟକ, ୨ ଫେରାର

- ଖଜୁରୀପଡ଼ା ଘାଟି ଜଙ୍ଗଲରେ ମୃତଦେହକୁ ଫିଙ୍ଗିଥିଲେ ହତ୍ୟାକାରୀ

**ନୟାଗଡ଼, ୬।୨ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଗଣିଆ ଥାନା ଆଡକଟା ପଞ୍ଚାୟତ ହଦପଶି ଗ୍ରାମର ଚରଣ ବେହେରା ଏକ ସପ୍ତାହ ତଳେ ନିଖୋଜ ଥିବାବେଳେ ଏବେ କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଗାଡ଼ିଆପଡ଼ା ଘାଟି ତଳୁ ମୃତଦେହ ଉଦ୍ଧାର ହୋଇଛି। ଖଜୁରିପଡା ପୋଲିସ ସହାୟତାରେ ଗଣିଆ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି। ନୟାଗଡ଼ ଏସଡିପିଓ ସୁଦର୍ଶନ ଗଙ୍ଗୋଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଖଜୁରୀପଡ଼ା ଅଗ୍ନିଶମ ବିଭାଗ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିବା ବେଳେ ଏହି ଘଟଣାରେ ତିନି ଜଣ ସମ୍ପୃକ୍ତ ଥିବା ବେଳେ ଜଣଙ୍କୁ ଅଟକ ରଖିଛି। କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଘାଟି ଜଙ୍ଗଲରେ ମୃତଦେହକୁ ଫୋପାଡିଥିଲେ ହତ୍ୟାକାରୀ। ଘଟଣାରେ ସମ୍ପୃକ୍ତ ୩ଜଣଙ୍କ ମଧ୍ୟରୁ ଜଣକୁ ଅଟକ ରଖି ତଦନ୍ତ କରୁଛି ଗଣିଆ ପୋଲିସ। ଗଣିଆ ଥାନା ହଦପୋସି ଗାଁର ଚରଣ ବେହେରା ଗତ ୩୦ ତାରିଖରୁ ନିଖୋଜ ଥିଲେ। ସେହି ଗାଁର ପିଣ୍ଟୁ ବେହେରା ଏବଂ ମାନସ ଡାକୁଆ ଜମିଜମା ବିବାଦକୁ କେନ୍ଦ୍ର କରି ଚରଣଙ୍କୁ ହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ କରିଥିଲେ । ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଜଣଙ୍କୁ ଅଟକ ରଖି ପଚାର ଉଚୁରା କରିବା ପରେ ମୃତ ଶରୀର ଫିଙ୍ଗିଥିବାର ଜାଗା ଚିହ୍ନଟ କରିବା ସହ ମୃତ ଶରୀର ପଡିଥିବାର ସନ୍ଧାନ ପାଇଛି । ଜଙ୍ଗଲ ଭିତରୁ ମୃତ ଶରୀର ଉଦ୍ଧାର କରି ଖଜୁରୀପଡା ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କଲା ପରେ ହତ୍ୟା କରିବାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ।



## ୬ ହାଇୱା ଜବତ, ଚାଳକ ଗିରଫ

**ବାଲିଅନ୍ତା, ୬।୨ (ସଂଚାର ବ୍ୟୁରୋ) :** ବାଲିଅନ୍ତା ଥାନା ପୁଲିସ ଆଜି ବେଆଇନ ବାଲି ଚାଲାଣ ମାମଲାରେ ୨ ଜଣ ହାଇୱା ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଚାଳକ ଦୁଇଜଣ ହେଲେ ଭିଙ୍ଗାରପୁର ଶାସନ ଗ୍ରାମର ବୈକୁଣ୍ଠ ନାୟକ ( ୨୯ ) ଏବଂ ଜିତିକାରସୁଆଁଲୋ ଗ୍ରାମର ମହେଶ ଭୋଇ (୨୮)। ସୂଚନାଯୋଗ୍ୟ ଯେ, ବାଲିଅନ୍ତା ଥାନାଧିକାରୀ ରବିନ୍ଦ୍ର ନାଥ ମେହେରଙ୍କ ନିର୍ଦ୍ଦେଶକ୍ରମେ ଥାନାର ଏକ ଟିମ ମଧ୍ୟ ରାତ୍ରରେ ବେଣ୍ଟପୁର ପଞ୍ଚାୟତ ଅଧୀନ ଡେଲଟା ଛକ ନିକଟରେ ନାଇଟ ବ୍ଲକିଙ୍ଗ କରୁଥିଲେ । ବୈକୁଣ୍ଠ ଏବଂ ମହେଶ ହାଇୱା ବୋଝେଇ ବାଲି ନେଇ କୁଶଭଦ୍ରା ବ୍ରିଜ ଦେଇ ବ୍ରାହ୍ମଣଷଡ଼ଙ୍ଗୀ ଅଭିମୁଖେ ଦ୍ରୁତବେଗରେ ଯାଉଥିଲେ । ପୁଲିସ କର୍ମଚାରୀ ମାନେ ଦୁଇଟିଯାକ ହାଇୱାକୁ ଅଟକାଇ ଯାଞ୍ଚ କରିବାରେ ବାଲି ଲୋଡ ହୋଇଥିବା ଦେଖିଥିଲେ । ଛାନଭିନ ସମୟରେ ଦୁଇ ହାଇୱା ଚାଳକ ଟ୍ରକ ଦୁଇଟିରେ କାଗଜ ପତ୍ର କିମ୍ବା ଚାଲାଣ ହେଉଥିବା ବାଲି ସମ୍ପର୍କିତ କୌଣସି ବିଭାଗୀୟ ଅଧିକାରୀଙ୍କ ଅନୁମତି ପତ୍ର ଦେଖାଇପାରିନଥିଲେ । ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ବେଆଇନ ଭାବେ ଏହି ବାଲି ଚାଲାଣ କରୁଥିବା କଥା ସ୍ୱୀକାର କରିଥିଲେ।



ସେହିପରି ବାଲିଅନ୍ତା ଥାନା ପୁଲିସ ଗତକାଲି ଭିଙ୍ଗାରପୁର ଅଞ୍ଚଳରେ ଚଢ଼ଉ କରି ଚାରି ମାଟି ବୋଝେଇ ହାଇୱା ଜବତ କରିବା ସହ ସମ୍ପୃକ୍ତ ଅଭିଯୁକ୍ତ ଏବଂ ଚାଳକମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

---

## ତରକୋର ପଞ୍ଚାୟତରେ ପାନୀୟଜଳ ସଂକଟ

**ବିଭାଗ ସାଜିଛି ନିଦାବିଷ୍ଟୁ, ନଦୀ ପାଣି ଭରସା**

**କୋଣାର୍କ, ୬।୨ (ସଂଚାର ବ୍ୟୁରୋ) :** ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ରାମଚଣ୍ଡୀ ଥାନା ଅଧିନସ୍ଥ ତରକୋର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖା ଦେଇଥିବା ବେଳେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିଦାବିଷ୍ଟୁ ପାଲଟିଥିବା ବେଳେ ପଞ୍ଚାୟତବାସୀଙ୍କ ପାଇଁ ନଦୀ ପାଣି ଏକମାତ୍ର ଭରସା ବୋଲି ଦେଖିବାକୁ ମିଳିଛି।



ଖବରରୁ ପ୍ରକାଶ ଯେ ରାମଚଣ୍ଡୀ ଥାନା ଅନ୍ତର୍ଗତ ତରକୋର ଗ୍ରାମ ପଞ୍ଚାୟତରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରି ଥିଲେ ମଧ୍ୟ ସେଗୁଡ଼ିକରୁ ଲୁଣି ପାଣି ବାହାରିବା ଯୋଗୁଁ ତାହା ପାନୀୟ ଜଳଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ବିଭାଗ ପକ୍ଷରୁ ଏହି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ଜନସାଧାରଣ ପାନୀୟଜଳ ନ ପାଇ ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଜଳ କ୍ଲିଷ୍ଟ ଭୋଗୁଥିବା ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହି ଗ୍ରାମପଞ୍ଚାୟତର ଜନସାଧାରଣ ପାନୀୟଜଳ ଭାବେ ନଦୀ ପାଣି ଉପରେ ଭରସା କରୁଥିବା ଦେଖିବାକୁ ମିଳିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଦାୟିତ୍ୱହୀନତା ଓ ଖାମଖିଆଲି ମନୋଭାବ ଯୋଗୁଁ ଗ୍ରାମ ପଞ୍ଚାୟତର ଶତାଧିକ ଜନସାଧାରଣ ପାନୀୟଜଳ ସଂକଟ ଦେଇ ଗତିକରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତୁରନ୍ତ ତରକୋର ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମର ଜନସାଧାରଣଙ୍କୁ ଟ୍ୟାଙ୍କର ଯୋଗେ ମଧୁର ପାନୀୟଜଳ ଯୋଗାଣ ପାଇଁ ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।



## ବିଜେଡି ଶିବିରରେ ଆଇଟିଡିଏ ଇଞ୍ଜିନିୟର୍

**ନବରଙ୍ଗପୁର, ୬।୨ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲାର ଆଇଟିଡିଏର ଜଣେ ଯୁବ ଇଞ୍ଜିନିୟରଙ୍କ ବିଜେଡି ଶିବିରରେ ଉପସ୍ଥିତିକୁ ନେଇ ଏକ ଫଟୋ ଭାଇରାଲ ହୋଇଛି। ଏହାକୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ତାଙ୍କ ନାଁ ସୁମନ କୁମାର ପାଣିଗ୍ରାହୀ। ସୁମନ ହେଉଛନ୍ତି କୋରାପୁଟ ଜିଲ୍ଲାର ବରିଷ୍ଠ ବିଜେଡି ନେତା ଈଶ୍ୱର ପାଣିଗ୍ରାହୀଙ୍କ ପୁଅ । ନବରଙ୍ଗପୁର ଆଇଟିଡିଏର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର ପ୍ରୋଜେକ୍ଟ ଇଞ୍ଜିନିୟର ଭାବେ କାମ କରୁଛନ୍ତି। ନିକଟରେ ଈଶ୍ୱର ପାଣିଗ୍ରାହୀଙ୍କ ସମେତ କେତେକ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଭୁବନେଶ୍ୱର ଗସ୍ତ କରିଥିଲେ। ଏହି ଗସ୍ତରେ ନିୟୋଜିତ ଯନ୍ତ୍ରୀ କେମିତି ବିଜେଡି ଶିବିରରେ ଯୋଗ ଦେଇଥିଲେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏ ସଂପର୍କରେ ସୁମନଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ବାପାଙ୍କ ସହିତ ଈଶ୍ୱରଙ୍କ ସମେତ ସରକାରୀ ସଂସ୍ଥାରେ ସେଠାକୁ ଯାଇଥିବା ସ୍ୱୀକାର କରିଛନ୍ତି ନିୟୋଜିତ ଥିବା ତାଙ୍କ ଇଞ୍ଜିନିୟର ପୁଅ । କିନ୍ତୁ ଏହା ପୁରୁଣା ଫଟୋ ବୋଲି କହି ମଧ୍ୟ ଯାଇଥିଲେ। ସରକାରୀ କାର୍ଯ୍ୟରେ ଅନ୍ୟମାନଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷରେ ଦୀର୍ଘ ୨ବର୍ଷରୁ ଅଧିକ ସମୟ ଧରି ସେ ଆଇଟିଡିଏରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାର ପ୍ରକଳ୍ପ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ସରକାରୀ ସଂସ୍ଥାରେ ନିୟୋଜିତ ରହି ଦଳୀୟ କାର୍ଯ୍ୟରେ ଯୋଗଦେବାକୁ ନେଇ ତଦନ୍ତର ଆବଶ୍ୟକତା ଥିବା ବୁଦ୍ଧିଜୀବୀ କହିଛନ୍ତି।

## ପ୍ରଜାତନ୍ତ୍ର ଉପଡ଼ାକଘର ସାମ୍ନାରେ ଅଳିଆଗଦା, ଦୁର୍ଗନ୍ଧମୟ ପରିବେଶ

**କଟକ, ୬।୨ (ସଂଚାର ବ୍ୟୁରୋ) :** ପ୍ରତି ଗୁରୁବାର ଦିନ ଚାନ୍ଦିନୀଚୌକ ପ୍ରଜାତନ୍ତ୍ର ଉପଡ଼ାକଘର ନିକଟବର୍ତ୍ତୀ ଅଞ୍ଚଳରୁ ନାଳରୁ ଅଳିଆ କାଢ଼ି ଉପଡ଼ାକଘର ସମ୍ମୁଖରେ ଅଳିଆ ଗଦା କରାଯାଉଛି। ନାଳରୁ ଅଳିଆ କାଢ଼ି ତୁରନ୍ତ ଟ୍ରାକ୍ଟର ସାହାଯ୍ୟରେ ଉଠାଯିବାର ନିୟମ ରହିଥିବାବେଳେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏହା ଦୁଇ ଦିନ ଧରି ଏଠାରେ ଅଳିଆ ଗଦା ହୋଇପଡୁଛି । ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏହି ଡ଼ାକଘରକୁ ଆସୁଥିବା ଗ୍ରାହକ ଦୁର୍ଗନ୍ଧମୟ ପରିବେଶ ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଦୋକାନୀ ଭାଇମାନେ ମଧ୍ୟ ସମାନ ଅସୁବିଧା ଭୋଗୁଛନ୍ତି। ଏ ବାବଦରେ ମ୍ୟୁନିସିପାଲ କର୍ପୋରେସନକୁ ବାରମ୍ବାର ଅଭିଯୋଗ କରିବାକୁ ପଡୁଛି । କିନ୍ତୁ ଏଥି ପ୍ରତି ସେମାନେ ଦୃଷ୍ଟି ଦେଉନାହାଁନ୍ତି ।




## ୫ ବାଲି ବୋଝେଇ ହାଇୱା ଜବତ

**ନାଉଗାଁ, ୬।୨ (ସଂଚାର ବ୍ୟୁରୋ):** ରାତି ହେଲେ ମାତିଛନ୍ତି ଲଘୁଖଣିଜ ଲୁଟେରା, ନାଁ ଅଛି ପୋଲିସର ଭୟ ନାଁ ଅଛି ଖଣି ଅଧିକାରୀଙ୍କ ଭୟ । ହେଲେ ବାଲି ଚୋରା ଚାଲାଣକାରୀକୁ ଧରିବା ପାଇଁ ଏବେ ତତ୍ପରତା ଦେଖାଇଛି ନାଉଗାଁ ପୋଲିସ । ତେବେ ଗତକାଲି ନାଉଗାଁ ପୋଲିସ ପେଟ୍ରୋଲିଙ୍ଗ କରୁଥିବା ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇଁ ବାଲିଭଉଁରୀ ଶିଖରଘାଟ ମୁଖ୍ୟ ରାସ୍ତା ମୁଗେଇ ଛକ ଦେଇ ୫ଟି ବେଆଇନି ବାଲି ବୋଝେଇ ହାଇୱା ଦେବୀ ନଦୀରୁ ଚୋରା ବାଲି ନେଇ ଯାଉଥିବା ସମୟରେ ନାଉଗାଁ ଥାନା ଅଧିକାରୀ ନୀଳମଣି ନାୟକ ଚଢ଼ାଉ କରି ୫ଟି ବାଲି ବୋଝେଇ ହାଇୱାକୁ ଜବତ କରିବା ସହିତ ହାଇୱା ଚାଳକ ମାନଙ୍କୁ ମଧ୍ୟ ଅଟକ ରଖି ତଦନ୍ତ ଚଳାଇଛି ପୋଲିସ। ଅନ୍ୟପଟେ ୫ଟି ବାଲି ବୋଝେଇ ହାଇୱାର ବାଲି ଚାଲାଣ ନିମନ୍ତେ କୌଣସି ବୈଧ କାଗଜପତ୍ର ନଥିବାର ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।



## ଓଏମପି ବିଦ୍ୟାଳୟରେ ନୟାଗଡ଼ ଜିଲ୍ଲାପାଳ

**କାଠ ଚୁଲାରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି କାହିଁକି ?**



**ନୟାଗଡ଼, ୬।୨ (ସଂଚାର ବ୍ୟୁରୋ) :** ଓଏମପି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନୟାଗଡ଼ ଜିଲ୍ଲାପାଳ । ନୟାଗଡ଼ ପିଟିଏସ ଠାରେ ଥିବା ଓଏମପି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ହଉଥିବା ବେଳେ ଆଜି ହଠାତ ପହଞ୍ଚିଥିଲେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଓ ପୋଲିସ ଟ୍ରେନିଂ ସ୍କୁଲର ଅଧ୍ୟକ୍ଷ ଭବେଶ ନାୟକ । ବିଦ୍ୟାଳୟରେ ଏହି ତିନିଜଣଙ୍କୁ ଦେଖି ପ୍ରଧାନଶିକ୍ଷୟତ୍ରୀ ସୁକାନ୍ତି ମହାପାତ୍ର ଆଶ୍ଚର୍ଯ୍ୟ ହୋଇପଡିଥିଲେ । ବିଦ୍ୟାଳୟରେ ଜିଲ୍ଲାପାଳ ସମସ୍ତ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସଂପର୍କରେ ପଚାରି ବୁଝିଥିଲେ। ଏବଂ ବିଦ୍ୟାଳୟରେ ଭିତ୍ତିଭୂମି ପରଖିଥିଲେ। କାଠ ଚୁଲାରେ ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ଦେଖି ବିରକ୍ତି ପ୍ରକାଶ କରିବା ସହ କାହିଁକି ଗ୍ୟାସ ଚୁଲାରେ ରୋଷେଇ ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ। ବିଦ୍ୟାଳୟ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୯ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟ ଛାତ୍ରୀଙ୍କ ସଂଖ୍ୟା ଅଧିକ ରହିଛି। ବିଦ୍ୟାଳୟରେ ଶ୍ରେଣୀ ଗୃହ ନଥିବାରୁ ଗୋଟିଏ ଶ୍ରେଣୀରେ ପଢ଼େଇବାକୁ ପଡୁଛି। ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରଛାତ୍ରୀ, ପ୍ରଧାନ ଶିକ୍ଷୟତ୍ରୀ ଓ ସହାୟକ ଶିକ୍ଷୟତ୍ରୀ । ତେବେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରି ଖୁବଶୀଘ୍ର ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କରାଯିବା ସହ ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ୀକରଣ କରାଯିବ ବୋଲି କହିଥିଲେ ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ।

---

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକୁଛି ସୁକିନ୍ଦା ଶିଳ୍ପ ମହୋତ୍ସବ



**କଳିଙ୍ଗନଗର, ୬।୨ (ସଂଚାର ବ୍ୟୁରୋ) :** ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ତେଲିବାହାଳୀ ମହାପାଟ ପଡିଆରେ ସୁକିନ୍ଦା ଶିଳ୍ପମହୋତ୍ସବ ବହୁତ ସୁନ୍ଦର ଭାବରେ ଚାଲିଛି। ଏହି ମହୋତ୍ସବରେ ଓଲିଓଡ଼ ଓ ବଲିଉଡର ବଛା ବଛା କଳାକାରଙ୍କ ଦ୍ୱାରା ପ୍ରତ୍ୟେକ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣରେ ଦର୍ଶକ ମାନେ ଝୁମୁଛନ୍ତି। ଏହି ମଞ୍ଚରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀର ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ରଚନା, ଗୀତ, ନାଚ, କୁଇଜ ବିଭିନ୍ନ ପ୍ରତିଯୋଗିତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଉଛି। ପ୍ରତ୍ୟେକ ସନ୍ଧ୍ୟାରେ ଓଡିଶାର ମନ୍ତ୍ରୀ ଓ ବିଧାୟକ, ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି, ପ୍ରଶାସନିକ ଅଧିକାରୀ, ଶିଳ୍ପ ଅଧିକାରୀ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରୁଛନ୍ତି। ଏହି ଶିଳ୍ପ ମହୋତ୍ସବ ସୁକିନ୍ଦାର ଜନପ୍ରିୟ ନେତା ତଥା ଓଡିଶା ସରକାରଙ୍କର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ପାଇଁ ଆଜି ହୋଇ ପାରିଛି। ଏହି ମହୋତ୍ସବ ସୁକିନ୍ଦାରେ ଭାଇଚାରା ବଢାଇବାରେ ସହାୟକ ହୋଇ ପାରିବ ଓ ଆଗକୁ ଆହୁରି ସରସ ସୁନ୍ଦର ହେବ ବୋଲି ମନ୍ତ୍ରୀ କହିବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଭିତରେ ଯେଉଁ ପ୍ରତିଭା ଲୁଚିକି ଅଛି ତାକୁ ଖୋଜି ବାହାର କରି ଉତ୍ସାହିତ କରାଯିବ। ଏ ମହୋତ୍ସବ ସାରା ସୁକିନ୍ଦାବାସୀଙ୍କର ବୋଲି କହିଛନ୍ତି। ଶିଳ୍ପ ମହୋତ୍ସବରେ ବିଭିନ୍ନ ଷ୍ଟଲ ଗୁଡିକରେ ଲୋକମାନଙ୍କର ଭିଡ଼ ଜମୁଛି।

### ଆଜିଠାରୁ ବାଲିଆପାଳ ମହୋତ୍ସବ

**ବାଲିଆପାଳ, ୬।୨ (ସଂଚାର ବ୍ୟୁରୋ):** ବାଲିଆପାଳର କଳା, ସଂସ୍କୃତି ଓ ସ୍ଥାପତ୍ୟକୁ ଉଜ୍ଜିବୀତ କରିବା ଉଦ୍ଦେଶ୍ୟରେ ବାଲିଆପାଳ ପଂଚାୟତ ଅଫିସ ନିକଟରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱାଦଶ ବାଲିଆପାଳ ମହୋତ୍ସବ ଆଜି ଠାରୁ ଆରମ୍ଭ ହେବାକୁ ଯାଉଛି। ଏହାକୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଉଦଘାଟନ କରାଯିବ ବୋଲି ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ମେଳା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଚଳିତବର୍ଷ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ୧ହଜାଧରୁ ଊର୍ଦ୍ଧ୍ୱ ଷ୍ଟଲ, ମୀନାବଜାର, ନାଗରଦୋଳି ସ୍ଥାନ ପାଇଛି। ଏହି ଉତ୍ସବରେ ବହୁ ବିଶିଷ୍ଟ ରାଜନେତା, ସାହିତ୍ୟିକ, ସାମାଜିକ କର୍ମୀ ଯୋଗ ଦେବାର ସମ୍ମତି ପ୍ରଦାନ କରିଛନ୍ତି। ସେହିପରି ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ପ୍ରତିଭାମାନଙ୍କୁ ନେଇ କାର୍ଯ୍ୟକ୍ରମ ସହିତ ହଜି ଯାଉଥିବା ଲୋକ କଳା ପ୍ରଦର୍ଶନ ହେବ। ମେଳାର ଶାନ୍ତି ଶୃଙ୍ଖଳା, ପାନୀୟ ଜଳ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ରଧାନଶିକ୍ଷକଙ୍କ ଦୁର୍ବ୍ୟବହାର ଅଭିଯୋଗ

## ପ୍ରତିବାଦରେ ବିଦ୍ୟାଳୟରେ ତାଲା

**ବୋରିଗୁମ୍ମା, ୬।୨ (ସଂଚାର ବ୍ୟୁରୋ) :** ବୋରିଗୁମ୍ମା ବ୍ଲକ ବୋଡିଗାଁ ପଞ୍ଚାୟତ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ପ୍ରଧାନ ଶିକ୍ଷକ ଅଭିଭାବକ ଓ ସହ ଶିକ୍ଷକଙ୍କୁ ଦୁବ୍ୟବହାର କରିଆସୁଥିବା ଅଭିଯୋଗ ନେଇ ଆଜି ସକାଳୁ ଅଭିଭାବକ ଓ ଛାତ୍ର ଛାତ୍ରୀ ଏକତ୍ରିତ ହୋଇ ବିଦ୍ୟାଳୟରେ ତାଲା ପକାଇ ଥିବା ସୂଚନା ମିଳିଛି। ଏଥି ପୂର୍ବରୁ ବହୁବାର ବିଇଓ ଓ ଜିଲ୍ଲା ଶିକ୍ଷାଅଧିକାରୀ ତଦନ୍ତ କରି ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଭିଯୋଗ ହୋଇଆସୁଥିଲା । ସୂଚନା ଅନୁଯାୟୀ ବୋଡିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଭାବକଙ୍କୁ ଦୁର୍ବ୍ୟବହାର ଦେଖାଇବା ଓ ବିଦ୍ୟାଳୟରେ ପାଠ ନପଢାଇ ବିଦ୍ୟାଳୟର କୌଣସି କାର୍ଯ୍ୟକ୍ରମ ହାତକୁ ନନେବା ନେଇ ଅନେକ ଥର ବିଇଓ ଓ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିକଟରେ ଅଭିଯୋଗ ପରେ ବି ଫଳ ଶୂନ ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମ୍ୟାଟ୍ରିକ ପରୀକ୍ଷା ପାଖେଇ ଆସୁଥିବାରୁ ପିଲାଙ୍କ ଭବିଷ୍ୟତକୁ ନେଇ ଏବେ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ତୁରନ୍ତ ଏହି ବିଦ୍ୟାଳୟରୁ ପ୍ରଧାନଶିକ୍ଷଙ୍କୁ ଅନ୍ୟତ୍ର ବଦଳି କରି ନୂତନ ପ୍ରଧାନଶିକ୍ଷକ ନିଯୁକ୍ତି ଦିଗରେ ପଦେକ୍ଷେପ ନିଆଯିବାକୁ ଦାବିହୋଇଛି। ଏନେଇ ବୋଡିଗାଁ ଗ୍ରାମବାସୀ ବୋରିଗୁମ୍ମା ବିଇଓ ଡ଼. ସଚିନ ମଲ୍ଲିକଙ୍କୁ ଅବଗତ କରିବାରୁ ସ୍ଥାନୀୟ ସିଆରସିସିଙ୍କ ସହ ବିଦ୍ୟାଳୟରେ ପହଞ୍ଚି ଥିଲେ। ତେବେ ଏନେଇ ଗଣଶିକ୍ଷା ମନ୍ତ୍ରୀ ନିତ୍ୟା ଗଣ୍ଡଙ୍କୁ ଫୋନରେ ଯୋଗାଯୋଗ କରିଥିବାରୁ ସେ ଘଟଣାର ତଦନ୍ତ କରିବେ ବୋଲି ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ ମଧ୍ୟ ଘଟଣାର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**ଡିଇଓ ଓ ବିଇଓଙ୍କୁ ବାରମ୍ବାର ଅଭିଯୋଗ ପରେ ବି ଫଳ ଶୂନ**

**ନିକଟତର ହେଉଛି ମାଟ୍ରିକ ପରୀକ୍ଷା, ଚିନ୍ତାରେ ଅଭିଭାବକ**



### ସମବାୟ ବ୍ୟାଙ୍କରେ ଲାଗୁହେବ ଓଟିଏସ୍ ବ୍ୟବସ୍ଥା

# କମିବ ଏନ୍‌ପିଏ, ବଢ଼ିବ ସମ୍ପତ୍ତି ଗୁଣବତ୍ତା

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ୱାନ୍ ଟାଇମ୍ ସେଟଲମେଣ୍ଟ (ଓଟିଏସ୍) ବା ଏକକାଳୀନ ପଇଠ ପ୍ରାବଧାନ ସମବାୟ ବ୍ୟାଙ୍କଗୁଡ଼ିକରେ ଲାଗୁ ହେବ। ଆଜି ଏହି ବ୍ୟବସ୍ଥା ଲାଗୁ କରିବା ସକାଶେ ସମବାୟ ବିଭାଗ ବିଧିବଦ୍ଧ ଅନୁମୋଦନ ପ୍ରଦାନ କରିଛି। ଏହା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ସହରାଞ୍ଚଳ ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତିରେ କାର୍ଯ୍ୟକାରୀ ହେବ। ଫଳରେ ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ ସମିତିର ମୋଟ ଅନାଦେୟ ଋଣ (ଏନପିଏ) ବୋଝ ହ୍ରାସ ପାଇବ। ଏହାଦ୍ୱାରା ସେମାନଙ୍କ ସମ୍ପତ୍ତି (ଆସେଟ୍)ର ଗୁଣବତ୍ତା ବୃଦ୍ଧି ପାଇବ। ସମବାୟ ବ୍ୟାଙ୍କଗୁଡ଼ିକର ଦୀର୍ଘ ଦିନର ଦାବିର ସମାଧାନ ଏହି ପଦକ୍ଷେପ ଦ୍ୱାରା କରାଯାଇଛି। ଏହି ମଡେଲ ଯୋଜନା ଦ୍ୱାରା ବ୍ୟାଙ୍କଗୁଡ଼ିକ ସେମାନଙ୍କ ଆର୍ଥିକ ଆବଶ୍ୟକତା ଅନୁଯାୟୀ ପରିଚାଳନା କମିଟିର ଅନୁମୋଦନ କ୍ରମେ କାର୍ଯ୍ୟକାରୀ କରିପାରିବେ।

ଓଟିଏସ୍‌ର ବୈଶିଷ୍ଟ୍ୟଗୁଡ଼ିକ ହେଲା ଏହି ଯୋଜନା ପ୍ରତ୍ୟେକ ଆର୍ଥିକ ବର୍ଷରେ ଏପ୍ରିଲ ୧ରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ୬ ମାସ ପାଇଁ କାର୍ଯ୍ୟକାରୀ ହେବ। ୨୦୨୫-୨୬ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ କଟ୍ ଅଫ୍ ତାରିଖ ଗତ ୨୦୨୩ ମାର୍ଚ୍ଚ ୩୧ ତାରିଖ ରହିଛି। କଟ୍ ଅଫ୍ ତାରିଖ ସୁଦ୍ଧା ସମବାୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଦିଆଯାଇଥିବା ସମସ୍ତ ଋଣ, ଯାହାକି ଡାଉଟ୍‌ଫୁଲ୍ କିମ୍ବା ଲସ୍ ସମ୍ପତ୍ତିର ରୂପ ନେଇଛି, ସେଗୁଡ଼ିକ ଓଟିଏସ୍ ପାଇଁ ଯୋଗ୍ୟ ବିବେଚିତ ହେବ। ତେବେ ପାକସ୍/ଲାମ୍ପସ ଦ୍ୱାରା ଦିଆଯାଇଥିବା ସ୍ୱଳ୍ପକାଳୀନ ଫସଲ ଋଣ, ସମ୍ପୂର୍ଣ୍ଣ ସୁରକ୍ଷିତ ଋଣ, ସୁନା ଋଣ, ଟାଇ-ଅପ୍ ବ୍ୟବସ୍ଥା ଅଧୀନରେ ଋଣ ଏବଂ ଇଚ୍ଛାକୃତ ଖିଲାପକାରୀ ନେଇଥିବା ଋଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବ ନାହିଁ। ଋଣଗ୍ରହୀତାଙ୍କ ଯୋଗ୍ୟତା ଯାଞ୍ଚ ପାଇଁ ପ୍ରତି ବ୍ୟାଙ୍କ ଦ୍ୱାରା ଏକ ସ୍କ୍ରିନିଂ କମିଟି ଗଠନ ହେବ। ସମସ୍ତ ଯୋଗ୍ୟ ପ୍ରସ୍ତାବକୁ ଅନୁମୋଦନ ଦେବା ପାଇଁ ବ୍ୟାଙ୍କର ବ୍ୟକ୍ତିଗତ ଅଧିକାରୀମାନଙ୍କୁ ଆର୍ଥିକ କ୍ଷମତା ପ୍ରଦାନ କରାଯିବ। ଏହି ପ୍ରସ୍ତାବର ସମୀକ୍ଷା ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯିବ।

ସେହିପରି ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୁକ୍ ଲାୟାବିଲିଟି ଥିବା ଋଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବ। ପାକସ୍ ପାଇଁ ଏହି ସୀମା ୩ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ସମ୍ପତ୍ତିଗୁଡ଼ିକର ଆକାର ଓ ଗୁଣବତ୍ତା ଅନୁଯାୟୀ ସେଗୁଡିକୁ ବିଭିନ୍ନ ବିଭାଗରେ ଭାଗ କରାଯାଇଛି ଏବଂ ସେହି ଅନୁଯାୟୀ ଆପୋଷ ବୁଝାମଣା ସୂତ୍ରର ପରାମର୍ଶ ଦିଆଯାଇଛି। ଯେକୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଅଧୀନରେ ଅନ୍ତର୍ଭୁକ୍ତ ଋଣର ମଧ୍ୟ ଏହି ଯୋଜନା ଅଧୀନରେ ସମାଧାନ ପାଇଁ ବିଚାର କରାଯାଇପାରିବ। କୌଣସି ଋଣଗ୍ରହୀତା ଓଟିଏସ୍‌କୁ ନିଜର ଅଧିକାର ବୋଲି ଦାବି କରିପାରିବେ ନାହିଁ। ଋଣଗ୍ରହୀତାଙ୍କ ଓଟିଏସ ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିବା ବ୍ୟାଙ୍କ ଉପରେ ନିର୍ଭର କରିବ। ଓଟିଏସ୍‌ର ସୁବିଧା ନେଉଥିବା ବ୍ୟକ୍ତି ତାଙ୍କର ପୂର୍ବ ଋଣର ଚୂଡ଼ାନ୍ତ ସମାଧାନ ପରେ ସର୍ବନିମ୍ନ ୩ ବର୍ଷ ପର୍ଯ୍ୟନ୍ତ ନୂଆ ଋଣ ପାଇଁ ଯୋଗ୍ୟ ହୋଇପାରିବେ ନାହିଁ। ଏହି ଯୋଜନା ଅଧୀନରେ ଅଭିଯୋଗର ସମାଧାନ ପାଇଁ ବ୍ୟବସ୍ଥା ରହିଛି। ଅଧିକ ସଂଶୋଧନ ଓ ସମୀକ୍ଷା ନିମନ୍ତେ ଏହି ଯୋଜନା ଖୋଲା ରଖାଯାଇଛି। ଅର୍ଥାତ ବ୍ୟାଙ୍କ ଯେକୌଣସି ଗଠନମୂଳକ ପରାମର୍ଶ ଦେଲେ, ତାହା ବିଚାର କରାଯାଇ ଗ୍ରହଣ କରାଯିବ।

ସୂଚନାଯୋଗ୍ୟ ଯେ ଦୀର୍ଘଦିନ ଧରି ଓଟିଏସ ଯୋଜନା ଉପଲବ୍ଧ ନ ଥିବାରୁ ସମବାୟ ବ୍ୟାଙ୍କଗୁଡ଼ିକର ବ୍ୟାଡ୍ ଲୋନ୍, ମୋଟ ଅନାଦେୟ ସମ୍ପତ୍ତି/ଋଣ ବହୁତ ବଢ଼ିଯାଇଛି। ଏବେ ଓଟିଏସ୍‌କୁ ଅନୁମତି ମିଳିବା ପରେ ଏହି ସମସ୍ୟାର ସମାଧାନ ହୋଇପାରିବ। ସମବାୟ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବାଲାନ୍ସ ସିଟ୍ କ୍ଲିନ କରିବା ସହ ସମ୍ପତ୍ତି ଗୁଣବତ୍ତାରେ ଉନ୍ନତି ଆଣିପାରିବେ ବୋଲି କୁହାଯାଇଛି।

# ସର୍ବଦଳୀୟ ବୈଠକ ଡାକିଲେ ବାଚସ୍ପତି

### ୧୩ରୁ ବଜେଟ୍ ଅଧିବେଶନ



**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ଆସନ୍ତା ୧୩ ତାରିଖରୁ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ଏହାର ଦିନକ ପୂର୍ବରୁ ଅର୍ଥାତ୍ ୧୨ ତାରିଖରେ ସର୍ବଦଳୀୟ ବୈଠକ ବସିବ। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ପୂର୍ବାହ୍ନ ୧୧ଟାରେ ବୈଠକ ଅନୁଷ୍ଠିତ ହେବ। ଆସନ୍ତା ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବ। ଶାନ୍ତିଶୃଙ୍ଖଳାର ସହ ଗୃହ ପରିଚାଳନା ପାଇଁ ବାଚସ୍ପତି ସବୁ ଦଳର ନେତାଙ୍କ ସହ ଆଲୋଚନା କରିବେ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଆସନ୍ତା ୧୩ରୁ ୨୧ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ୨୮ଟି କାର୍ଯ୍ୟ ଦିବସ ଥିବାରୁ ଥିବାରୁ ଶାନ୍ତିଶୃଙ୍ଖଳାର ସହ ଗୃହ ପରିଚାଳନା ପାଇଁ ବାଚସ୍ପତି ଶ୍ରୀମତୀ ପାଢ଼ୀ ସମସ୍ତଙ୍କ ସହ ଆଲୋଚନା କରିବେ।

ସେହିପରି ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟୀଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ୧୭ରେ ୨୦୨୫-୨୬ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହେବା ସହ ୧୯ରେ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଏବଂ ୨୦ ଓ ୨୧ରେ ବଜେଟ୍ ଉପରେ ସାଧାରଣ ଆଲୋଚନା ଆରମ୍ଭ ହେବ। ପରେ ୨୨ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରହିବ। ମାର୍ଚ୍ଚ ୭ ତାରିଖରୁ ଗୃହର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ମାର୍ଚ୍ଚ ୧୦ରୁ ବିଭାଗୱାରୀ ଅନୁଦାନ ଦାବି ଉପରେ ଆଲୋଚନା ହେବ। ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ମାର୍ଚ୍ଚ ୨୯ ତାରିଖରେ ଉପସ୍ଥାପିତ ହେବ ବୋଲି ଜଣାପଡ଼ିଛି।

# ଜାମିନ ପାଇଥିଲେ ବି ମୁକୁଳି ପାରୁନାହାନ୍ତି ବନ୍ଦୀ




- କମିଶନରେଟ ପୁଲିସ୍‌କୁ ବେଳ ନାହିଁ
- କୋଣାର୍କ ଦଉଡୁଛି ପୁଲିସ୍ ଗାଡ଼ି

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଜେଲରେ ଥିବା ଅଭିଯୁକ୍ତମାନେ ଜାମିନ ପାଇବାର ସପ୍ତାହେ, ଦୁଇ ସପ୍ତାହ ପର୍ଯ୍ୟନ୍ତ ଜେଲ୍‌ରୁ ବାହାରିପାରୁନାହାନ୍ତି। ସେମାନଙ୍କୁ ଜେଲରୁ ଆଣି ଅଦାଲତର କାଠଗଡ଼ାରେ ଛିଡ଼ା କରିବାକୁ କମିଶନରେଟ ପୁଲିସକୁ ବେଳ ମିଳୁନାହିଁ। ବିଚାରାଧୀନ ବନ୍ଦୀମାନେ କୋଣାର୍କ ଜେଲ୍‌ରେ ଥିବାବେଳେ କମିଶନରେଟ ପୁଲିସ୍ ବାବୁମାନେ ଭିଭିଆଇପି ଗସ୍ତରେ ବ୍ୟସ୍ତ ରହୁଥିବାରୁ ଏଭଳି ସ୍ଥିତି ଲକ୍ଷ୍ୟ କରାଯାଇଛି। ଜେଲ୍‌ରେ ଥିବା ବିଜୟ ଭାନ୍ ନାମକ ଜଣେ ଅଭିଯୁକ୍ତ ଗତ ମାସ ୧୩ ତାରିଖରୁ ହାଇକୋର୍ଟରୁ ଜାମିନ ପାଇଥିଲେ। ତେବେ ତାଙ୍କ ଜାମିନରେ ଓକିଲ ବିବାଦ ରହିଥିବାରୁ ଅଦାଲତ ଅଭିଯୁକ୍ତଙ୍କ ମୁହଁରୁ ତାଙ୍କର ପ୍ରକୃତ ଓକିଲ କିଏ ଶୁଣିବା ପାଇଁ ତାଙ୍କୁ ଅଦାଲତରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଅଭିଯୁକ୍ତ ଜଣଙ୍କୁ ଝାରପଡ଼ାରୁ କୋଣାର୍କ ଜେଲକୁ ପଠାଇ ଦିଆଯାଇଥିବାରୁ ସେଠାରୁ ତାଙ୍କୁ ଆଣି ଭୁବନେଶ୍ୱର କୋର୍ଟରେ ହାଜର କରିବାକୁ ପୁଲିସ୍‌କୁ ସପ୍ତାହେରୁ ଉର୍ଦ୍ଧ୍ୱ ସମୟ ଲାଗିଯାଇଛି। କେବଳ ଏହି ଗୋଟିଏ ଘଟଣା ନୁହେଁ, ସ୍ଥାନାଭାବରୁ ଅନେକ ବିଚାରାଧୀନ କଏଦୀଙ୍କୁ କୋଣାର୍କ ଜେଲକୁ ପଠାଇ ଦିଆଯାଉଥିବାରୁ ଉଭୟ ଆଇନଜୀବୀ ଓ ପୁଲିସ୍ କୋଣାର୍କକୁ ଦଉଡୁଛନ୍ତି। ଏଥିପାଇଁ ସମୟ ବରବାଦ ସହିତ ଖର୍ଚ୍ଚ ବି ହେଉଛି। ଯେଉଁ ଅଭିଯୁକ୍ତମାନେ ଝାରପଡ଼ାରେ ରହୁଛନ୍ତି ସେମାନଙ୍କୁ ପୁଲିସ୍ ଅଳ୍ପ ସମୟ ମଧ୍ୟରେ ଅଦାଲତରେ ହାଜର କରୁଥିବାବେଳେ କୋଣାର୍କରୁ ନେବା ଆଣିବା ପାଇଁ ଦିନଟିଏ ଲାଗିଯାଉଛି। ତେଣୁ ସ୍ଥାନାଭାବ ପାଇଁ ବିଚାରାଧୀନ ବନ୍ଦୀଙ୍କୁ ଖୋର୍ଦ୍ଧା କିମ୍ବା ଅତି ବେଶିରେ କଟକକୁ ପଠାଯିବା ପାଇଁ ଆଇନ୍‌ଜୀବୀମାନେ ମତ ଦେଉଛନ୍ତି। ସେହିଭଳି ନୂଆ ସରକାର ଗଠନ ପରେ ରାଜଧାନୀରେ ଭିଭିଆଇପିଙ୍କ ଆତଯାତ ବଢ଼ିଥିବାରୁ ସେମାନଙ୍କ ପାଇଁ ଅଧିକ ପୁଲିସ୍ ମୁତୟନ କରିବାକୁ ପଡୁଛି। ପୁଲିସ୍ ଚାହିଁଲେ ମଧ୍ୟ ଦୂରଦୂରାନ୍ତରେ ଥିବା ବିଚାରାଧୀନ ବନ୍ଦୀଙ୍କୁ ତୁରନ୍ତ ହାଜର କରିପାରୁନାହିଁ। ତେଣୁ ବିଚାରାଧୀନ ବନ୍ଦୀଙ୍କୁ ନିକଟବର୍ତ୍ତୀ ଜେଲ୍‌ରେ ରଖାଯିବା ସହିତ ଏଥିପାଇଁ ସ୍ୱତନ୍ତ୍ର ପୁଲିସ୍ ବଳ ବ୍ୟବସ୍ଥା କରିବାକୁ ମତ ପ୍ରକାଶ ପାଉଛି।

### ୩୮ତମ ଜାତୀୟ କ୍ରୀଡ଼ା

# ମହିଳା ଫୁଟବଲ୍‌ରେ ଓଡ଼ିଶା ରନର୍ସ

**ଡେରାଡୁନ୍,୬।୨:** ଏଠାରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ଆଜି ଓଡ଼ିଶା ମହିଳା ଫୁଟବଲ୍ ଦଳ ରନର୍ସଅପ୍ ହୋଇଛି। ଆଜି ଖେଳାଯାଇଥିବା ଫାଇନାଲ୍‌ରେ ଦଳ ହରିଆଣାକୁ ଭେଟିଥିଲେ ହେଁ ଏଥିରେ ପେନାଲ୍‌ଟି ଶୁଟ୍‌ଆଉଟ୍‌ରେ ୨-୪ରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ମ୍ୟାଚ୍‌ର ଧାର୍ଯ୍ୟ ସମୟ ମଧରେ କୌଣସି ଗୋଲ୍ ନ ହେବା ଫଳରେ ପେନାଲ୍‌ଟି ଶୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଓଡ଼ିଶା ୨ଟି ଗୋଲ୍ କରିଥିବା ବେଳେ ପ୍ରତିପକ୍ଷ ହରିଆଣା ୪ଟି ଗୋଲ୍ କରି ଚାମ୍ପିଅନ୍ ହେବା ସହ ସ୍ୱର୍ଣ୍ଣପଦକ ହାସଲ କରିଛି। ଓଡ଼ିଶା ପକ୍ଷରୁ ମନୀଷା ନାଏକ ଓ ପ୍ୟାରୀ ଖାକା ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଅନ୍ୟପକ୍ଷରେ ହରିଆଣା ପାଇଁ ପୁନମ୍ ଶର୍ମା, ପୂଜା, ମମତା ଓ ସନ୍ତୋଷ ଗୋଲ୍ ଦେଇଥିଲେ। ତେବେ ଓଡ଼ିଶା ଦଳର ରୌପ୍ୟ ପଦକ ବିଜୟ ପାଇଁ ଓଡ଼ିଶା ଫୁଟବଲ୍ ସଂଘ (ଫାଓ) ପକ୍ଷରୁ ସମ୍ପାଦକ ଆଶୀର୍ବାଦ ବେହେରା ବଧେଇ ଜଣାଇଛନ୍ତି।



# ବିଜେପିରେ ମିଶିଲେ ଏକାମ୍ର ବିଜେଡି ଜନପ୍ରତିନିଧି




ସ୍ୱାଗତ କଲେ ବିଧାୟକ ବାବୁ ସିଂ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ବିଜେପିର ନୂଆ ସରକାରକୁ ନେଇ ଏକାମ୍ର ନିର୍ବାଚନମଣ୍ଡଳୀବାସୀଙ୍କ ମନ ଭିତରେ ଉତ୍ସାହପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି। ପ୍ରତିଦିନ ଏକାମ୍ର ନିର୍ବାଚନମଣ୍ଡଳୀରେ ବିଜେପିର ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଉଛି। ବିଜେପି ସରକାର ଉପରେ ଏକାମ୍ରବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ବିଜେଡି ଉପରୁ ଆସ୍ଥା ହରାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଓ ବିଜେପିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲିଙ୍ଗିପୁର ପଞ୍ଚାୟତର ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ ଓ ଧଉଳି ପଞ୍ଚାୟତର ସରପଞ୍ଚ ଚନ୍ଦନ ମଲ୍ଲିକ, ବାଣୁଆଘାଇ ପଞ୍ଚାୟତର ନାଏବ ସରପଞ୍ଚ ଗାୟତ୍ରୀ ବରାଳ, ସମିତି ସଭ୍ୟା ରିଲା ଭଞ୍ଜ, ୱାର୍ଡମେମ୍ବର ପ୍ରଦୀପ୍ତ ସ୍ୱାଇଁ, ଶରତ ଭୋଇ ଓ ବନ୍ଦନା ସାମନ୍ତରାୟ ଆଜି ବିଜେଡି ତ୍ୟାଗ କରି ଏକାମ୍ର ବିଧାୟକ ବାବୁ ସିଂଙ୍କ ନେତୃତ୍ୱରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଧାୟକ ଶ୍ରୀ ସିଂ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି।

ଏହି ଅବସରରେ ବିଧାୟକ ଶ୍ରୀ ସିଂ କହିଛନ୍ତି ଯେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଏକାମ୍ର ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦିଆଯାଉଛି। ବିଜେପି ସରକାରରେ ଏକାମ୍ରର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ। ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି। ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡ଼ିକୁ ବାସ୍ତବ ରୂପ ମିଳିପାରୁନଥିଲା ଓ ଏକାମ୍ର ନିର୍ବାଚନମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା। ଏକାମ୍ର ନିର୍ବାଚନମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବ ବୋଲି ବିଧାୟକ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଗ୍ରାମୀଣ ମଣ୍ଡଳ ସଭାପତି ସୂର୍ଯ୍ୟକାନ୍ତ ସାହୁ, କବିରାଜ ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

### ଭିଜିଲାନ୍ସ ଜାଲରେ ପ୍ରକଳ୍ପ ନିର୍ଦ୍ଦେଶକ

# ୨ ଦିନରେ ବାହାରିଲାଣି ୫ କୋଟିରୁ ଉର୍ଦ୍ଧ୍ୱ ସମ୍ପତ୍ତି



**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ଗତକାଲି ମାଲକାନଗିରି ଜଳସମ୍ପଦ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର ବ୍ୟାପକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଆଜି ମଧ ଏହି ଚଢ଼ାଉ ଜାରି ରହିଥିବା ବେଳେ ଦୁଇ ଦିନ ଭିତରେ ତାଙ୍କଠାରୁ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇସାରିଛି। ଏବେ ବି ଆହୁରି ଅନେକ କିଛି ସମ୍ପତ୍ତି ଠାବ ହେବାର ସମ୍ଭାବନାକୁ ଅସ୍ୱୀକାର କରାଯାଉନଥିବା ବେଳେ ଚଢ଼ାଉ ଜାରି ରହିଛି। ଭିଜିଲାନ୍ସ ଇତିହାସରେ ଏହା ସବୁଠାରୁ ବଡ଼ ଓ ଲମ୍ବା ଚଢ଼ାଉ ହେବ ବୋଲି ମଧ କୁହାଯାଉଛି। ୪ ବର୍ଷରେ ଶହେ କୋଟି ଟଙ୍କାର କାମ କରିଥିବା ଶ୍ରୀ ମହାପାତ୍ର ସାଧାରଣ ଲୋକଙ୍କ ନାଁରେ ଜାଲ୍ ମନରେଗା ଆକାଉଣ୍ଟ ଖୋଲି କୋଟି କୋଟି ଟଙ୍କା ହଡ଼ପ କରିଥିବା ଭିଜିଲାନ୍ସ ଚଢ଼ାଉ ସମୟରେ ଜାଣିବାକୁ ପାଇଛି। ଶ୍ରୀ ମହାପାତ୍ରଙ୍କ ଏଠାକାର କପିଳେଶ୍ୱର ପ୍ରସାଦ ଏସବିଆଇ ଶାଖା ଲକରରୁ ୨ ଲକ୍ଷ ଟଙ୍କା ମିଳିଛି। ଏଥିସହ ବହୁ ଜମିବାଡ଼ି ଓ କୋଠାର କାଗଜପତ୍ର ମଧ୍ୟ ଭିଜିଲାନ୍ସ ଅଧିକାରୀମାନେ ଠାବ କରିଛନ୍ତି। ଚଢ଼ାଉ ସମୟରେ ଅଦ୍ୟାବଧି ଶ୍ରୀ ମହାପାତ୍ରଙ୍କଠାରୁ ମୋଟ ୨ କୋଟି ୮ ଲକ୍ଷ ୯୨ ହଜାର ଟଙ୍କା ମିଳିଥିବା ବେଳେ ତାଙ୍କର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ କୋଟିଏରୁ ଅଧିକ ଟଙ୍କା ଥିବା ଭିଜିଲାନ୍ସ ଜାଣିବାକୁ ପାଇଛି।

ମିଳିଥିବା ସୂଚନାନୁସାରେ, ମାଲକାନଗିରି କୋରକୋଣ୍ଡା ବ୍ଲକ ତୁମସରପାଲୀ ପଞ୍ଚାୟତର କଟ୍ରାଗୁଡା ଗାଁରେ ୧୮ ଲକ୍ଷ ୪୯ ହଜାର ଟଙ୍କା ଖର୍ଚ୍ଚ କରି ୧୦ ହେକ୍ଟର ଜମିରେ କାଜୁ ଗଛ ଲଗାଯାଇଥିବା ରେକର୍ଡପତ୍ରରେ ଦର୍ଶାଯାଇଥିଲା। ହେଲେ ସେଠାରେ ନା ଅଛି ଫଳକ ନା କାଜୁ ଗଛ। ସେହିପରି ଜଳ ବିଭାଜିକା ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ସେ ମିଥ୍ୟା ବିଲ୍ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ଭିଜିଲାନ୍ସ ଶ୍ରୀ ମହାପାତ୍ର ଗତ ୪ ବର୍ଷରେ ଏଭଳି ଶହେ କୋଟି ଟଙ୍କାର କାମ କରିଥିବା ବେଳେ ସବୁ ପ୍ରକଳ୍ପ ବାବଦ ଟଙ୍କା ଚଳୁ କରିଦେଇଥିବାରୁ ଭିଜିଲାନ୍ସ ସେସବୁର ଖୋଳତାଡ଼ କରୁଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ନେଇ ଭିଜିଲାନ୍ସ ଚଢ଼ାଉ ବେଳେ ସାମ୍ନାକୁ ଆସିଛି ଶ୍ରୀ ମହାପାତ୍ରଙ୍କ ଠକେଇ ସିଣ୍ଡିକେଟ୍। ଭିଜିଲାନ୍ସ ରାଡାରକୁ ଆସିଛନ୍ତି ଆଉ କେତେକ ସରକାରୀ ଓ ବେସରକାରୀ ଅଧିକାରୀ। ସେମାନେ ସରକାରୀ ଅର୍ଥ ହଡ଼ପ କରିବା ସହ ଶ୍ରୀ ମହାପାତ୍ରଙ୍କ କଳାଟଙ୍କା ଲୁଚେଇ ରଖିବାରେ ସହଯୋଗ କରୁଥିଲେ। ଏପରିକି ଆଦିବାସୀଙ୍କ ନାଁରେ ଜାଲ୍ ଆକାଉଣ୍ଟ କରି ସେମାନଙ୍କ ନାଁରେ ଆସୁଥିବା ମନରେଗା ଅର୍ଥ ମଧ୍ୟ ହଡ଼ପ କରିଥିବା ଭିଜିଲାନ୍ସ ନିକଟରେ ପ୍ରମାଣ ରହିଛି। ଶ୍ରୀ ମହାପାତ୍ରଙ୍କ ଘରୁ ଏକାଧିକ ଜାଲ ଆକାଉଣ୍ଟ ଜବତ ହୋଇଛି। ତେଣୁ ବର୍ଷ ବର୍ଷ ଧରି ହଡ଼ପର ଶିକାର ହୋଇଥିବା ଆଦିବାସୀ ସଂଘ ପକ୍ଷରୁ ମଧ୍ୟ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ନେଇ ଚେତାବନୀ ଦିଆଯାଇଛି। ଇତିମଧ୍ୟରେ ଶ୍ରୀ ମହାପାତ୍ରଙ୍କୁ ଭୁବନେଶ୍ୱର ଆଣି ଭିଜିଲାନ୍ସ ପକ୍ଷରୁ ମାରାଥନ ଜେରା କରାଯାଉଥିବା ଜଣାପଡ଼ିଛି।

### ଆଜି କ୍ୟାପିଟାଲ୍ ହାଇସ୍କୁଲ୍‌ରେ ନିଯୁକ୍ତି ମେଳା

# ୨୭୬୭ ଜଣଙ୍କୁ ନିଯୁକ୍ତିପତ୍ର ଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୬।୨(ସଂଚାର ବ୍ୟୁରୋ):** ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ସରକାର ପଦକ୍ଷେପ ନେଉଥିବା ବେଳେ ବିଭିନ୍ନ ଖାଲି ପଦବୀରେ ନିଯୁକ୍ତିକୁ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଆସନ୍ତାକାଲି ସ୍ଥାନୀୟ ୟୁନିଟ୍-୩ କ୍ୟାପିଟାଲ୍ ହାଇସ୍କୁଲ ପଡ଼ିଆରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମୋଟ ୨୭୬୭ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ନିମନ୍ତେ ୮୯୪ ଜଣ ଅଧ୍ୟକ୍ଷ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବାକୁ ଥିବା ବେଳେ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚ ବିଦ୍ୟାଳୟର ୧୭୯୮ ଜଣ ଶିକ୍ଷକଶିକ୍ଷୟିତ୍ରୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୨୮ ଜଣ କନିଷ୍ଠ ସହାୟକ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ୨୭ ଜଣ କନିଷ୍ଠ ସହାୟକ, ମାଧ୍ୟମିକ ଶିକ୍ଷା ପରିଷଦର ୧୮ ଜଣ କନିଷ୍ଠ ସହାୟକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧୀନରେ ୨ ଜଣ ସମୀକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ।

ଆୟୋଜିତ ହେବାକୁ ଥିବା ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଦକ୍ଷତା ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ରହିବେ।

# ପହଞ୍ଚିପାରିଲାନି ଆମ୍ବୁଲାନ୍ସ: ଖଟିଆରେ ବୁହାହେଲେ ପ୍ରସୂତି



**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଜନନୀ ଯନ୍ତ୍ରଣାର ଦୁଃଖଦ ଚିତ୍ର ଆସିଛି ସୁଦୂର ବୌଦ୍ଧ ଜିଲ୍ଲାରୁ। ଗାଁ ଓ ରାସ୍ତା ମଝିରେ ନାଳ ବାଧକ ସାଜିବା ଫଳରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ପ୍ରସୂତିଙ୍କୁ ଖଟିଆରେ ବୋହିବା ଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପାଖାପାଖି ଏକ କିମି ବାଟ ଖଟିଆରେ ବୁହାହେବା ପରେ ପ୍ରସୂତି ଜଣଙ୍କ ଆମ୍ବୁଲାନ୍ସରେ ହସ୍ପିଟାଲଇ ଯାଇଥିଲେ। ଏଭଳି ଅଭାବନୀୟ ଘଟଣା ବୌଦ୍ଧ ଜିଲ୍ଲା ବାଣୀଭୂଷଣପୁର ପଞ୍ଚାୟତ ଅନ୍ତର୍ଗତ ଡିଗିସିରା ଗାଁରେ ଦେଖିବାକୁ ମିଳିଛି। ଗର୍ଭବତୀ ମହିଳା ଜଣକ ଡିଗିସିରା ଗାଁର ରବୀନ୍ଦ୍ର ଜାନୀଙ୍କ ପତ୍ନୀ ରଞ୍ଜିତା ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୁଣା କଟକ ଗୋଷ୍ଠୀ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ରଞ୍ଜିତାଙ୍କର ଆଜି ସକାଳୁ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲ୍ ନେବା ସାକଶେ ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଖବର ପାଇ ଆମ୍ବୁଲାନ୍ସ ଆସି ପହଞ୍ଚିଥିଲେ ମଧ୍ୟ ରାସ୍ତା ନ ଥିବାରୁ ଏହା ଗାଁକୁ ଆସିପାରିନଥିଲା। ବାଟରେ ଲକ୍ଷ୍ମୀ ନାଳ ବାଧକ ସାଜିବା ଫଳରେ ଗାଁଠାରୁ ପାଖାପାଖି ଏକ କିମି ଦୂରରେ ଆମ୍ବୁଲାନ୍ସ ଅଟକି ରହିଥିଲା। ପରେ ଆମ୍ବୁଲାନ୍ସ କର୍ମଚାରୀମାନେ ନାଳ ଅତିକ୍ରମ କରି ଗାଁକୁ ଚାଲିଚାଲି ଯାଇଥିଲେ। ରଞ୍ଜିତାଙ୍କୁ ଗ୍ରାମବାସୀ ଓ ଆମ୍ବୁଲାନ୍ସ କର୍ମଚାରୀମାନେ ମିଶି ଏକ ଖଟିଆରେ ବୋହି ଆଣ୍ଠୁଏ ପାଣିରେ ନାଳ ପାର କରି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ରଞ୍ଜିତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ପୁରୁଣାକଟକ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ସହ ଗ୍ରାମବାସୀମାନେ ସବୁବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏପରି ସମସ୍ୟା ଭୋଗିଆସୁଛନ୍ତି। ସରକାର ଆମ୍ବୁଲାନ୍ସ ଯୋଗାଇଦେଲେ କ'ଣ ହେବ, ଆମ୍ବୁଲାନ୍ସ ଯିବା ପାଇଁ ରାସ୍ତା ନ ଥିବାରୁ ସେମାନଙ୍କୁ ଉପଯୁକ୍ତ ସେବା ମିଳିପାରୁନାହିଁ ବୋଲି ଗ୍ରାମବାସୀ କହିବା ସହ ତୁରନ୍ତ ଉକ୍ତ ନାଳ ଉପରେ ପୋଲ ନିର୍ମାଣ ଦିଗରେ ପଦକ୍ଷେପ ନେବା ସକାଶେ ପ୍ରଶାସନ ନିକଟରେ ଦାବି କରିଛନ୍ତି।


### କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀଙ୍କ ତଥ୍ୟରେ ସୂଚନା

# ଆବଶ୍ୟକତାଠାରୁ ୨.୫ ହଜାର କମ୍ ସ୍ୱାସ୍ଥ୍ୟକେନ୍ଦ୍ର

**ଭୁବନେଶ୍ୱର,୬।୨ (ସଂଚାର ବ୍ୟୁରୋ):** ରାଜ୍ୟରେ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ୧୦,୭୫୫ ଉପସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ ଥିବାବେଳେ ଏହାଠାରୁ ପ୍ରାୟ ଅଢ଼େଇ ହଜାର କମ୍ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସାଂସଦ ମମତା ମହାନ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ।

ଏହି ସୂଚନାନୁସାରେ, ଓଡ଼ିଶାରେ ଆବଶ୍ୟକ ସ୍ୱାସ୍ଥ୍ୟକେନ୍ଦ୍ର ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଜନସଂଖ୍ୟା ଆଧାରରେ ୮୮୧୨ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ଆବଶ୍ୟକ ଥିବାବେଳେ ଏବେ ଏହି ସଂଖ୍ୟା ୬୫୯୮ ରହିଛି। ସେହିପରି ରାଜ୍ୟର ଗ୍ରାମାଞ୍ଚଳ ପାଇଁ ୧୪୧୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକତା ଥିବାବେଳେ ରାଜ୍ୟରେ ଏବେ ୧୨୭୭ଟି ଏପରି ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି। ସହରାଞ୍ଚଳ ପାଇଁ ୧୭୫ଟି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନରେ ୧୨୫ଟି ରହିଥିବା ବେଳେ ଗୋଷ୍ଠି ସ୍ୱାସ୍ଥ୍ୟ ସଂଖ୍ୟା ରାଜ୍ୟରେ ଆବଶ୍ୟକତାଠାରୁ ୨୩ଟି କମ୍ ରହିଛି। ଏହାଛଡ଼ା ଜନସଂଖ୍ୟା ତୁଳନାରେ ରାଜ୍ୟରେ ୩୫୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆବଶ୍ୟକ ଥିଲେ ହେଁ ଏବେ ଏହି ସଂଖ୍ୟା ୩୩୦ ରହିଥିବା ଜଣାପଡ଼ିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସହଜ କରିବା ପାଇଁ ଜନସଂଖ୍ୟା ତୁଳନାରେ ଡାକ୍ତରଖାନା ନିର୍ମାଣ ମାନଦଣ୍ଡକୁ କୋହଳ କରାଯାଇଛି। ପୂର୍ବରୁ ୫ ହଜାର ଜନସଂଖ୍ୟା ପାଇଁ ଗୋଟିଏ ଉପସ୍ୱାସ୍ଥ୍ୟ କେନ୍ଦ୍ରର ବ୍ୟବସ୍ଥା ଥିବା ବେଳେ ତାହାକୁ ଏବେ ୩ ହଜାରକୁ କମାଇ ଦିଆଯାଇଛି। ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜନସଂଖ୍ୟା ମାନଦଣ୍ଡକୁ ୩୦ ହଜାରରୁ ୨୦ ହଜାରକୁ ହ୍ରାସ କରାଯାଇଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧ ଲକ୍ଷ ୨୦ ହଜାର ଜନସଂଖ୍ୟାକୁ ୮୦ ହଜାରକୁ କମାଇ ଦିଆଯାଇଛି।

ଏହାଛଡ଼ା ସାଧାରଣ ଅଞ୍ଚଳରେ ପ୍ରତି ୧ ହଜାର ଲୋକଙ୍କ ପାଇଁ ଜଣେ ଆଶାକର୍ମୀ ନିୟୋଜିତ ହେବାର ବ୍ୟବସ୍ଥା ଥିବାବେଳେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରତି ଗ୍ରାମ ବା ପଡ଼ାରେ ଜଣେ ଆଶାକର୍ମୀଙ୍କୁ ମୁତୟନ କରାଯାଇଛି। ସେହିଭଳି ପ୍ରତି ଜିଲ୍ଲାରେ ୨ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା ଥିବାବେଳେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ ଏହି ସଂଖ୍ୟା ୪କୁ ବୃଦ୍ଧି କରାଯାଇଛି। ତେବେ ଗତ ୨୦୨୩ ନଭେମ୍ବର ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଯୋଜନା କାର୍ଯ୍ୟକାରୀ ହେବା ପରେ ବିଲୁପ୍ତପ୍ରାୟ ଆଦିବାସୀ ଜନଜାତି ବସବାସ କରୁଥିବା ଜିଲ୍ଲାଗୁଡିକ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ସଂଖ୍ୟା ୧୦କୁ ବୃଦ୍ଧି କରାଯାଇଛି। ଏଥିସହ ସେହିସବୁ ଅଞ୍ଚଳ ପାଇଁ ଅତିରିକ୍ତ ଏଏନ୍‌ଏମ୍, ବହୁମୁଖୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅତିରିକ୍ତ ଔଷଧର ବ୍ୟବସ୍ଥା ହୋଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।



ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧୀନରେ ଭୁବନେଶ୍ୱରଠାରେ ନିର୍ମାଣ ହୋଇଥିବା ଏମ୍ସ ପୂର୍ଣ୍ଣକାର୍ଯ୍ୟକ୍ଷମ ହୋଇଥିବା ବେଳେ ଏହି କେନ୍ଦ୍ରୀୟ ଯୋଜନା ଅଧୀନରେ ବ୍ରହ୍ମପୁର, ବୁର୍ଲା ଓ ସୁନ୍ଦରଗଡ଼ ମେଡିକାଲ କଲେଜରେ ସୁପର ସ୍ପେଶିଆଲିଟି ବ୍ଲକ ନିର୍ମାଣ ପାଇଁ ୩ଟି ପ୍ରକଳ୍ପ ମଞ୍ଜୁର ହୋଇଛି। ଏଥିସହ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଅଧୀନରେ ୫୦ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଧରିତ୍ରୀ ଆଭା ଗ୍ରାମ ଉତ୍କର୍ଷ ଅଭିଯାନ ଅଧୀନରେ ୭ଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶାକୁ ୨୦୨୧-୨୨ରୁ ୨୦୨୫-୨୬ ବର୍ଷ ପାଇଁ ୧୪୧୧ କୋଟି ୩୮ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ୍ ହେଲା ଏମ୍‌ଜି ଅଷ୍ଟର ୨୦୨୫



**ନୂଆଦିଲ୍ଲୀ, ୬।୨:** ଜେଏସ୍‌ଡବ୍ଲୁ ଏମ୍‌ଜି ମୋଟର ଇଣ୍ଡିଆ ଅପଡେଟ୍ ଭର୍ସନ ସହ ଲଞ୍ଚ୍ କରିଛି ଅଷ୍ଟର ୨୦୨୫ ଏସ୍‌ୟୁଭି। ଯାହାର ଏକ୍ସ-ସୋରୁମ୍ ମୂଲ୍ୟ ୯,୯୯,୮୦୦ ଟଙ୍କା ରହିଛି। ମିଡ୍ ସାଇଜ୍ ଏସ୍‌ୟୁଭି ସେଗ୍‌ମେଣ୍ଟରେ ଏମ୍‌ଜି ଆଷ୍ଟର ହ୍ୟୁଣ୍ଡାଇ କ୍ରେଟା, କିଆ ସେଲଟସ, ମାରୁତୀ ସୁଜୁକୀ ଗ୍ରାଣ୍ଡ ଭିଟାରା, ଟୟୋଟା ଅର୍ବାନ୍ କ୍ରୁଜର୍ ହାଇରାଇଡର୍, ଟାଟା କର୍ଭଭ, ହୋଣ୍ଡା ଏଲିଭେଟ, ସ୍କୋଡା କୁଶାକ ଏବଂ ଭୋକ୍ସୱାଗନ୍ ଟାଇଗୁନକୁ ଟକ୍କର ଦେବ। ଆଷ୍ଟର ୨୦୨୫ର ସାଇନ୍ ଭାରିଆଣ୍ଟରେ ଏକ ପାନୋରାମିକ୍ ସନରୁଫ୍ ଦିଆଯାଇଛି,ଯାହ ଏହି ସେଗମେଣ୍ଟରେ ସବୁଠାରୁ ସୁଲଭ ମୂଲ୍ୟରେ ମିଳୁଛି। ଏଥିରେ ଏବେ ଛଅଟି ସ୍ପିକର୍ ମଧ ଅଛି। ସିଲେକ୍ଟ ଭାରିଆଣ୍ଟରେ ଛଅଟି ଏୟାରବ୍ୟାଗ୍ ଏବଂ ଆଇଭରି ଲେଦର ସିଟ୍ ରହିଛି। ଏମ୍‌ଜି ଆଷ୍ଟରରେ ଦୁଇଟି ଇଞ୍ଜିନ୍ ବିକଳ୍ପ ଅଛି -୧.୫-ଲିଟର ଏନ୍‌ଏ ପେଟ୍ରୋଲ୍ (୧୧୦ପିଏସ ଏବଂ ୧୪୪ଏନଏମ୍) ଏବଂ ୧.୪-ଲିଟର ଟର୍ବୋ ପେଟ୍ରୋଲ୍ (୧୪୦ପିଏସ୍ ଏବଂ ୨୨୦ଏନଏମ) ଇଞ୍ଜିନ ଦିଆଯାଇଛି। ଏନଏ ପେଟ୍ରୋଲ୍ ୟୁନିଟ୍ ୫-ସ୍ପିଡ୍ ଏମ୍‌ଟି ଏବଂ ସିଭିଟି ଚଏସ ସୁବିଧା ଅପସନ ରହିଛି। ସେହିପରି ଟର୍ବୋ ପେଟ୍ରୋଲ୍ ୟୁନିଟ୍‌ରେ କେବଳ ୬-ସ୍ପିଡ୍ ଏଟି ରହିଛି। ଏହି କାର୍‌ଟି ସ୍ପ୍ରିଣ୍ଟ, ସାଇନ୍, ସିଲେକ୍ଟ, ଶାର୍ପ ପ୍ରୋ ଏବଂ ସାଭି ପ୍ରୋ ଭାରିଆଣ୍ଟରେ ଲଞ୍ଚ ହୋଇଛି। ଏମ୍‌ଜି ଆଷ୍ଟରର ମୂଲ୍ୟ (ଏକ୍ସ-ଶୋରୁମ୍) ମୂଲ୍ୟ ୧୦ରୁ ୧୫ ଲକ୍ଷ ଟଙ୍କା ଭିତରେ ରହିଛି।

ଆଷ୍ଟର ୨୦୨୫ର ଟପ୍ ଭ୍ୟାରିଏଣ୍ଟରେ ଫ୍ରଣ୍ଟ-ରୋ ଭେଣ୍ଟିଲେଟେଡ୍ ସିଟ୍, ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାରପ୍ଲେ, ଅଟୋ-ଡିମିଂ ଆଇଆରଭିଏମ, ଆଇ-ସ୍ମାର୍ଟ ୨.୦ ଆଦି ୮୦ ରୁ ଅଧିକ କନେକ୍ଟେଡ୍ ଫିଚର, ଜିଓ ଭଏସ୍ ରେକଗ୍ନିସନ୍ ସିଷ୍ଟମ୍, ଡିଜିଟାଲ୍ କୀ, ପର୍ସୋନାଲ ଏଆଇ ଆସିଷ୍ଟାଣ୍ଟ, ୧୪ ଏଡିଏସ ଲେବଲ୍ ୨,୫୦ ସୁରକ୍ଷାଫିଚର ଏବଂ ପାନୋରାମିକ୍ ସନରୁଫ୍ ଆଦି ଦିଆଯାଇଛି।



## ଆଜିର ସୁନା ଦର

ଭାଙ୍ଗିଲା ରେକର୍ଡ। ଭାରତୀୟ ବଜାରରେ ୮୬ହଜାର ପାର୍ କଲା ସୁନା ଦର। ସୁନା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୮୬ହଜାର ୫୧୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯ ହଜାର ୩୦୦ଟଙ୍କା ଛୁଇଁଛି। ସେହିପରି ରୁପା ୯୯, ୫୦୦ ଟଙ୍କାରେ ପହଞ୍ଚିଛି। ଇଣ୍ଟରନ୍ୟାସନାଲ ମାର୍କେଟରେ ଦରବୃଦ୍ଧି ଓଡ଼ିଶା ମାର୍କେଟରେ ପ୍ରଭାବ ପଡିଛି। ଏଭଳି ଦରବୃଦ୍ଧି ହେଲେ ଖୁବଶୀଘ୍ର ସୁନା ଦର ୧ଲକ୍ଷ ଛୁଇଁବ ବୋଲି ଆଶଙ୍କା କରୁଛନ୍ତି ବ୍ୟବସାୟୀ। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୯, ୩୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୬ ,୫୧୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୩୦୦ ଟଙ୍କା ଓ ୮୬,୫୧୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୪୫୦ ଟଙ୍କା ଓ ୮୬, ୬୬୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୩୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୬, ୫୧୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୩୦୦ ଟଙ୍କା ଓ ୮୬,୫୧୦ ଟଙ୍କା ରହିଛି।

## ବ୍ୟାଙ୍କ ବିରୋଧରେ ହାଇକୋର୍ଟ ଗଲେ ମାଲ୍ୟା



### ‘ବହୁ ଗୁଣା ଅସୁଲ କରିସାରିଲେଣି, ଆହୁରି ଅସୁଲି ଚାଲିଛି’


**ନୂଆଦିଲ୍ଲୀ, ୬।୨:** ଭାରତରେ ଋଣ ଠକେଇ କରି ବ୍ରିଟେନ୍ ପଳାଇଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ଭାରତୀୟ ବ୍ୟାଙ୍କଗୁଡ଼ିକ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଟଙ୍କା ଅସୁଲ କରିସାରିଲେଣି। ପ୍ରକୃତରେ ବ୍ୟାଙ୍କଗୁଡ଼ିକ କେତେ ଟଙ୍କା ପାଇବାର ଅଛି, ତାହାର ଏକ ଷ୍ଟେଟ୍‌ମେଣ୍ଟ ଦେବା ନିମନ୍ତେ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେବା ଲାଗି ସେ କୋର୍ଟଙ୍କୁ ନିବେଦନ କରିଛନ୍ତି। ଏହି ମାମଲାରେ ଜଷ୍ଟିସ୍ ଆର୍ ଦେବଦାସ ବ୍ୟାଙ୍କଗୁଡ଼ିକୁ ନୋଟିସ୍ ଜାରି କରିଛନ୍ତି। ମାଲ୍ୟାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସାଜନ ପୁଭୟା କୋର୍ଟଙ୍କୁ ଜଣାଇଛନ୍ତି ଯେ ତାଙ୍କ ଦୁଇ କମ୍ପାନି କିଙ୍ଗଫିସର ଏୟାରଲାଇନ୍ସ ଓ ମଦ କମ୍ପାନି ୟୁନାଇଟେଡ୍ ବ୍ରୁଓ୍ୱେରିଜ୍ ହୋଲ୍‌ଡିଂସ୍ ବନ୍ଦ ହେବା ନେଇ ଚୂଡ଼ାନ୍ତ ହୋଇଯାଇଛି। ସୁପ୍ରିମକୋର୍ଟ ମଧ ତାହାକୁ ସ୍ପଷ୍ଟ କରିଛନ୍ତି। ବ୍ୟାଙ୍କଗୁଡ଼ିକ ନିଜ ପ୍ରାପ୍ୟ ଅନୁସାରେ ଟଙ୍କା ଅସୁଲ କରିସାରିଛନ୍ତି। ଏବେ ଅତିରିକ୍ତ ଟଙ୍କା ଅସୁଲ କରୁଥିବା ସେ ଅଭିଯୋଗ କରିଛନ୍ତି। ମାଲ୍ୟାଙ୍କଠାରୁ ୬୨୦୦ କୋଟି ଟଙ୍କା ଅସୁଲ କରାଯିବାର ଥିଲା। କିନ୍ତୁ ୧୦,୨୦୦ କୋଟି ଟଙ୍କା ଅସୁଲ କରାଯାଇସାରିଲାଣି। ନିକଟରେ ସଂସଦରେ ସରକାର ସୂଚନା ଦେଇଥିଲେ ଯେ ମାଲ୍ୟାଙ୍କଠାରୁ ୧୪,୦୦୦ କୋଟି ଟଙ୍କା ଅସୁଲ କରାଯାଇଛି। ମାଲ୍ୟାଙ୍କ ବିରୋଧରେ ଭାରତୀୟ ବ୍ୟାଙ୍କରେ ୯୦୦୦ କୋଟି ଟଙ୍କା ଋଣ ଠକେଇ କରିଥିବା ଅଭିଯୋଗ ରହିଛି। ୨୦୧୬ରେ ସେ ଭାରତରୁ ଲୁଚି ପଳାଇଥିଲେ। ତା’ ପରଠାରୁ ସେ ବ୍ରିଟେନ୍‌ରେ ରହୁଛନ୍ତି। ତାଙ୍କୁ ଭାରତ ଫେରାଇ ଆଣିବା ଲାଗି ସରକାରୀ ଏଜେନ୍ସିଗୁଡ଼ିକ ଉଦ୍ୟମ କରୁଛନ୍ତି।

## ଜେନେରାଲ ଶ୍ରେଣୀରେ ଯୋଡ଼ି ହେବ ୬ ହଜାରରୁ ଅଧିକ ବଗି

**ନୂଆଦିଲ୍ଲୀ, ୬।୨:** ଭାରତୀୟ ରେଳ ବିଶ୍ୱର ସବୁଠୁ ବଡ଼ ରେଳ ନେଟୱର୍କ। ନିଇତି ପ୍ରାୟ ଅଢେଇ କୋଟିରୁ ଉର୍ଦ୍ଧ୍ୱ ଲୋକ ଟ୍ରେନରେ ଯାତ୍ରା କରନ୍ତି। ସାଧାରଣତଃ ରିର୍ଜଭ କ୍ଲାସ୍‌ରେ ଯେତିକି ଲୋକ ଯାତ୍ରା କରନ୍ତି ଜେନେରାଲ କ୍ଲାସ୍‌ରେ ୧୦୦ ସିଟ୍ ଥିବା ପରେ ବି ୪୦୦ ଲୋକ ଗୋଟିଏ ଗୋଟିଏ ବଗିରେ ଯାତ୍ରା କରୁଥିବା ଦେଖିବାକୁ ମିଳେ। କାରଣ ଅଚାନକ ଯିବାକୁ ହେଲେ ରିର୍ଜଭେସନରେ ଟିକେଟ୍ ମିଳେ ନାହିଁ। ତେଣୁ ଜେନେରାଲ କ୍ଲାସ୍‌ରେ ପେଲାଠେଲା ହୋଇ ଯାତ୍ରା କରନ୍ତି ଯାତ୍ରୀ। କିନ୍ତୁ ଏବେ ଯେମିତି ହେବନି। କାରଣ ଜେନେରାଲ ଶ୍ରେଣୀରେ ଯୋଡ଼ି ହେବ ଆହୁରି ଅନେକ ବଗି। ତେଣୁ ଭିଡ଼ କମିବା ସହିତ ଆହୁରି ଆରାମ ଦାୟକ ହେବ ଯାତ୍ରା। କମ୍ ପଇସାରେ ଯାତ୍ରା କରିବାକୁ ହେଲେ ଇଣ୍ଡିଆନ ରେଳବାଇ ହିଁ ସବୁଠୁ ଆଗରେ ରହିବ। ସେଇଥିଲାଗି ତ ପ୍ରତିଦିନ କୋଟି କୋଟି ଲୋକ ଏଥିରେ ଯାତ୍ରା କରନ୍ତି। କିନ୍ତୁ ସିଟ୍‌ଠୁ ଅଧିକ ସଂଖ୍ୟାରେ ଯାତ୍ରୀ ଯାତ୍ରା କରୁଥିବା କାରଣରୁ ପ୍ରବଳ ଭିଡ଼ ହୁଏ। ତେଣୁ ଜେନେରାଲ ଶ୍ରେଣୀରେ ବଗି ସଂଖ୍ୟା ବଢାଇବାକୁ ଜୋରଦାର ପ୍ରସ୍ତୁତି କରୁଛି ରେଳ ମନ୍ତ୍ରଣାଳୟ। ବଜେଟ୍‌ରେ ଏନେଇ ବି ଅର୍ଥ ବ୍ୟୟବରାଦ ହୋଇଛି। ରେଳୱେ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଆଗାମୀ ବର୍ଷେ ଭିତରେ ୬ ହଜାରରୁ ଅଧିକ ବଗି ନିର୍ମାଣ କରାଯିବ। ଯାହାଦ୍ୱାର ପ୍ରାୟ ୬ ଲକ୍ଷ ଯାତ୍ରୀ ଉପକୃତ ହେବେ। ତେବେ ଜେନେରାଲ ବଗି ସେହି ଟ୍ରେନ୍‌ରେ ଯୋଡ଼ାଯିବ ଯେଉଁ ଟ୍ରେନ୍‌ରେ ଅଧିକ ଯାତ୍ରୀ ଯାତ୍ରା କରୁଥିବେ।

## ଦିବ୍ୟାଙ୍ଗ ମହିଳାଙ୍କ ପାଇଁ ‘ମଙ୍ଗଳ ସେବା’ କାର୍ଯ୍ୟକ୍ରମ ଆରମ୍ଭ କରିବେ ଆଦାନୀଙ୍କ ପୁଅ


**ନୂଆଦିଲ୍ଲୀ,୬।୨:** ଭାରତର ପ୍ରତିଷ୍ଠିତ ବ୍ୟବସାୟୀ ଗୌତମ ଆଦାନୀଙ୍କ ସାନ ପୁଅ ଜିତ ଆଦାନୀ ଆସନ୍ତାକାଲି ବିବାହ ବନ୍ଧନରେ ଆବଦ୍ଧ ହେବେ। ସେ ତାଙ୍କ ବିବାହ ପୂର୍ବରୁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଜିତ ଆଦାନୀ ବିବାହ ପୂର୍ବରୁ ପ୍ରତିବର୍ଷ ୫୦୦ ଲୋକଙ୍କ ଉପରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିବାହ ପୂର୍ବରୁ ଜିତ ଆଦାନୀ ଦିବ୍ୟାଙ୍ଗ ମହିଳାଙ୍କ ପାଇଁ ‘ମଙ୍ଗଳ ସେବା’ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ଅଧୀନରେ, ପ୍ରତିବର୍ଷ ସେ ୫୦୦ ନବବିବାହିତା ବିକଳାଙ୍ଗ ମହିଳାଙ୍କୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବେ। ଜିତ ଆଦାନୀ ଏବଂ ଦିବା ଶାହ ଶୁକ୍ରବାର ଅହମ୍ମଦାବାଦରେ ବିବାହ କରିବେ। ଜିତ ଆଦାନୀଙ୍କ ଏହି ମହତ କାର୍ଯ୍ୟ ତାଙ୍କ ପିତା ଗୌତମ ଆଦାନୀଙ୍କ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ। ସେ ବିଶ୍ୱାସ କରନ୍ତି, ସେବା ହେଉଛି ଧ୍ୟାନ, ସେବା ହେଉଛି ପ୍ରାର୍ଥନା ଏବଂ ସେବା ହେଉଛି ଈଶ୍ୱର। ଗୌତମ ଆଦାନୀ ତାଙ୍କ ପୁଅର ଏହି ମହତ୍ କାର୍ଯ୍ୟରେ ଖୁସି ପ୍ରକାଶ କରି ଏକ୍ସରେ ଲେଖିଛନ୍ତି,ତାଙ୍କ ପୁଅ ଜିତ ଏବଂ ବୋହୂ ଦିବା ଏକ ମହତ୍ କାର୍ଯ୍ୟ ସହିତ ସେମାନଙ୍କର ନୂତନ ଜୀବନ ଆରମ୍ଭ କରୁଛନ୍ତି। ଏହି ପଦକ୍ଷେପ ଅନେକ ଦିବ୍ୟାଙ୍ଗ ଝିଅ ଏବଂ ସେମାନଙ୍କ ପରିବାରର ଜୀବନରେ ଖୁସି ଆଣିବ। ସେବାର ଏହି ପଥରେ ଆଗକୁ ବଢ଼ିବା ପାଇଁ ସେ ଜିତ ଏବଂ ଦିବାଙ୍କୁ ଅନେକ ଆଶୀର୍ବାଦ ଦେଇଥିଲେ। ଜିତ ଆଦାନୀ ଆଦାନୀ ଏୟାରପୋର୍ଟ ହୋଲ୍ଡିଂସର ନିର୍ଦ୍ଦେଶକ। ଏହି କମ୍ପାନୀ ଭାରତର ସବୁଠାରୁ ବଡ଼ ବିମାନବନ୍ଦର କମ୍ପାନୀ।



## ଆଜିର ପେଟ୍ରୋଲ, ଡିଜେଲ ଦର


ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ। ତେବେ ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

## କାହାକୁ ମିଳିବ ରତନ ଟାଟାଙ୍କ ସମ୍ପତ୍ତି: ଅବସରପ୍ରାପ୍ତ ଜଜ୍ ନିଷ୍ପତ୍ତି ନେବେ



**ମୁମ୍ବାଇ, ୬।୨:** ଟାଟା ଗ୍ରୁପ୍‌ର ପୂର୍ବତନ ମୁଖ୍ୟ ରତନ ଟାଟାଙ୍କ ନାଁରେ ଥିବା ୧୫ହଜାର କୋଟି ଟଙ୍କା ସମ୍ପତ୍ତିର ଉତ୍ତରାଧିକାରୀ କିଏ ହେବେ ତାହା ସ୍ପଷ୍ଟ ହୋଇପାରୁନି। ନିଜ ଇଚ୍ଛାପତ୍ରରେ ଟାଟା ଏ ସମ୍ପର୍କରେ କିଛି ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରିନାହାନ୍ତି। ତେଣୁ ତାଙ୍କ ସମ୍ପତ୍ତି କାହାକୁ ମିଳିବ ସେହି ନିଷ୍ପତ୍ତି ନେବା ଲାଗି ସୁପ୍ରିମ୍‌କୋର୍ଟର ଜଣ ପୂର୍ବତନ ପ୍ରଧାନ ବିଚାରପତିଙ୍କୁ ମଧ୍ୟସ୍ଥତା କରିବାକୁ ନିଯୁକ୍ତ କରିବା ଉପରେ ବିଚାର କରାଯାଉଛି। ଟାଟାଙ୍କ ସମ୍ପତ୍ତିକୁ ନେଇ ଠିଆ ହୋଇଥିବା ବଡ଼ ପ୍ରଶ୍ନଟି ହେଉଛି ତାଙ୍କ ଇଚ୍ଛାପତ୍ରକୁ କାର୍ଯ୍ୟକାରୀ କରିବାର କ୍ଷମତା କାହା ପାଖରେ ରହିଛି। ଟାଟା ପରିବାର ନା ଟାଟା ଟ୍ରଷ୍ଟ। ମଧ୍ୟସ୍ଥତା କରିବାକୁ ଥିବା ଜଜ୍ ପ୍ରଥମେ ସେହି ନିଷ୍ପତ୍ତି ନେବେ। ଦାତବ୍ୟ କାର୍ଯ୍ୟରେ ନିଜ ବ୍ୟକ୍ତିଗତ ସମ୍ପତ୍ତି ବ୍ୟବହାରର ଦେଖାଶୁଣା କରିବା ଲାଗି ୨୦୨୨ରେ ରତନ ଟାଟାଙ୍କ ଦ୍ୱାରା ରତନ ଟାଟା ଏଣ୍ଡାଓମେଣ୍ଟ ଫଣ୍ଡ ଗଠନ କରାଯାଇଥିଲା। ଟାଟା ସନ୍ସରେ ରତନ ଟାଟାଙ୍କ ୦.୮୩% ଅଂଶଧନ ରହିଛି ତାହାର ମୂଲ୍ୟ ହେଉଛି ୭୯୦୦ କୋଟି ଟଙ୍କା। କିନ୍ତୁ ତାଙ୍କ ସମୁଦାୟ ସମ୍ପତ୍ତି ୧୫ହଜାର କୋଟି ଟଙ୍କାରୁ ଅଧିକ ଆକଳନ କରାଯାଇଛି। ଟାଟା ଟ୍ରଷ୍ଟସଠାରୁ ଏଣ୍ଡାଓମେଣ୍ଟ ଫଣ୍ଡକୁ ସମ୍ପୂର୍ଣ୍ଣ ଅଲଗା ରଖିଛନ୍ତି ରତନ ଟାଟା। ନିଜ ସବୁ ସମ୍ପତ୍ତି ଦାତବ୍ୟ ଓ ଜନ କଲ୍ୟାଣ କାର୍ଯ୍ୟରେ ବ୍ୟବହାର ହେଉ ବୋଲି ବଞ୍ଚିଥିବା ବେଳେ ରତନ ଟାଟା ଚାହୁଁଥିଲେ। ତାଙ୍କ ନାଁରେ ଫେରାରି ଓ ମାସେରାଟି ଭଳି ବିଳାସପୂର୍ଣ୍ଣ କାର୍ ରହିଛି। ସେଗୁଡ଼ିକୁ ନିଲାମ କରି, ସେଥିରୁ ମିଳିବାକୁ ଥିବା ପାଣ୍ଠିକୁ ତାଙ୍କ ଫାଉଣ୍ଡେସନକୁ ଦେବାର ଯୋଜନା ରହିଛି। ଆଇନ ବିଶାରଦଙ୍କ ମତରେ ଯେହେତୁ ଟାଟାଙ୍କ ଇଚ୍ଛାପତ୍ରରେ ଉତ୍ତରାଧିକାରୀ ସମ୍ପର୍କରେ କିଛି ସ୍ପଷ୍ଟ ଭାବେ ଉଲ୍ଲେଖ କରିନାହାନ୍ତି, ତେଣୁ ସମ୍ପତ୍ତି କାହାକୁ ମିଳିବ ତାହା ଇଚ୍ଛାପତ୍ରକୁ କାର୍ଯ୍ୟକାରୀ କରୁଥିବା ଲୋକମାନଙ୍କ ଉପରେ ନିର୍ଭର କରିବ।

## ଅର୍ଥ ମନ୍ତ୍ରାଳୟରେ ଚାଟ୍‌ଜିପିଟି, ଡିପ୍‌ସିକ୍ ବ୍ୟବହାର ମନା




**ନୂଆଦିଲ୍ଲୀ,୬।୨:** ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଏହାର କର୍ମଚାରୀମାନଙ୍କୁ ଅଫିସ୍ କାର୍ଯ୍ୟରେ ଚାଟ୍ ଜିପିଟି ଏବଂ ଡିପ୍‌ସିକ୍ ଭଳି ଏଆଇ ଟୁଲ୍‌ର ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ କହିବାନୁସାରେ, ଏଭଳି ଏଆଇ ଟୁଲ୍ ସରକାରୀ ଦସ୍ତାବିଜ ଏବଂ ଡାଟା ଗୋପନୀୟତା ପାଇଁ ବିପଦ। ମନ୍ତ୍ରାଳୟର ଆଭ୍ୟନ୍ତରୀଣ ବିଭାଗ ପକ୍ଷରୁ ଜାରି ଆଡ୍‌ଭାଇଜରୀରୁ ଏହି ସୂଚନା ମିଳିଛି। ପ୍ରକାଶଯୋଗ୍ୟ, ଅଷ୍ଟ୍ରେଲିଆ ଏବଂ ଇଟାଲି ଭଳି ଦେଶ ବି ଡାଟା ସୁରକ୍ଷା ରିସ୍କ୍‌ଗୁଡ଼ିକୁ ଦୃଷ୍ଟିରେ ରଖି ଡିପ୍‌ସିକ୍ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏହି ଆଡ୍‌ଭାଇଜରୀର ରିପୋର୍ଟ ମଙ୍ଗଳବାର ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି। ଜାନୁଆରୀ ୨୯ରେ ମନ୍ତ୍ରାଳୟ ପକ୍ଷରୁ ଜାରି ଆଡ୍‌ଭାଇଜରୀରେ କୁହାଯାଇଛି ଯେ, ମନ୍ତ୍ରାଳୟର ଅଫିସ୍ କମ୍ପ୍ୟୁଟର ଏବଂ ଡିଭାଇସ୍‌ରେ ଏଆଇ ଟୁଲ୍ସ ଏବଂ ଏଆଇ ଆପ୍(ଯେପରି ଚାଟ୍‌ଜିପିଟି, ଡିପ୍‌ସିକ୍)ର ବ୍ୟବହାର ହେବ ନାହିଁ।

## ‘ଷ୍ଟକ୍ ବଜାର ଅସ୍ଥିରତା ସାମୟିକ’




**ଭୁବନେଶ୍ୱର, ୬।୨:** ଦେଶବିଦେଶରେ ଘଟୁଥିବା ବିଭିନ୍ନ କାରଣରୁ ଗତ କିଛି ଦିନ ଧରି ଷ୍ଟକ୍ ବଜାର କାରବାର ଅସ୍ଥିର ରହିଛି। ଏହି କ୍ଷଣସ୍ଥାୟୀ ଅସ୍ଥିରତାରେ ବିଚଳିତ ନ ହେବାକୁ ଆକ୍ସିସ୍ ମ୍ୟୁଚୁଆଲ୍ ଫଣ୍ଡର ଇକ୍ୱିଟି ମୁଖ୍ୟ ଶ୍ରେୟସ ଡେଭଲ୍‌କର୍ କହିଛନ୍ତି। ସେ କହିଛନ୍ତି ଯେ ନିବେଶକମାନେ ବଜାରର ସମୟ ଉପରେ ଧ୍ୟାନ ଦେବା ଉଚିତ। ଦୃଢ଼ ଘରୋଇ ଚାହିଦା, ଏକ ବିବିଧ ଅର୍ଥନୀତି ଓ ଆର୍ଥିକ ବ୍ୟବସ୍ଥା ବଳରେ ଏଭଳି ଅସ୍ଥିରତା ସତ୍ତ୍ୱେ ଭାରତ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ହୋଇରହିଛି। ତେଣୁ ନୂତନ ନିବେଶକମାନେ ଇକ୍ୱିଟିରେ ନିବେଶ ଜାରି ରଖିଲେ ଦୀର୍ଘକାଳୀନ ଭିତ୍ତିରେ ନିଜ ସମ୍ପତ୍ତି ବଢ଼ାଇପାରିବେ ବୋଲି ସେ କହିଛନ୍ତି। ବଜାର ଅସ୍ଥିରତା ସମ୍ପର୍କରେ ସେ କହିଛନ୍ତି ଯେ ୨୦୨୪ର ଶେଷ ତିନି ମାସରେ ବଜାର ବିଭିନ୍ନ କାରଣ ଲାଗି ଅସ୍ଥିର ଥିଲା। ୨୦୨୫ରେ ସେହି ଧାରା ପ୍ରାୟତଃ ଜାରି ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଉଥିବା ଶୁଳ୍କ ଦ୍ୱାରା ଭାରତ ଭଳି ଦେଶର ମୁଦ୍ରା ପ୍ରଭାବିତ ହେବ। କିନ୍ତୁ ଚୀନ୍ ଉପରେ ଶୁଳ୍କ ଲାଗିଲେ, ସେଥିରୁ ଭାରତ ଉପକୃତ ହେବ। ଦୀର୍ଘକାଳୀନ ଭିତ୍ତିରେ ଭାରତର ଇକ୍ୱିଟି ବଜାର ବିଶ୍ୱସ୍ତରରେ ଘଟୁଥିବା ଘଟଣା ବଦଳରେ ଦେଶ ଭିତର ଘଟଣା ଦ୍ୱାରା ଅଧିକ ପ୍ରଭାବିତ ହେବ ବୋଲି ସେ କହିଛନ୍ତି।

## ଆର୍‌ବିଆଇର ମୁଦ୍ରା ନୀତି ବୈଠକ
## ୨୫% ଖସିପାରେ ରେପୋ ରେଟ୍

**ନୂଆଦିଲ୍ଲୀ,୬।୨:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ର ମୁଦ୍ରା ନୀତି କମିଟି (ଏମ୍‌ପିସି) ବୈଠକ ବୁଧବାର ଆରମ୍ଭ ହୋଇଛି। ୭ ଫେବ୍ରୁଆରୀ ଯାଏ ଚାଲିବ ଏହି ବୈଠକ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରେପୋ ରେଟ୍ ହ୍ରାସ ନେଇ ନିଷ୍ପତ୍ତି ହୋଇପାରେ। ଶ୍ରୀ ମାଲହୋତ୍ରା ପ୍ରଥମ ଥର ଲାଗି ଏହି ବୈଠକରେ ଅଧକ୍ଷତା କରିବେ। ଆର୍‌ବିଆଇ ଜାନୁଆରୀ ୨୦୨୩ରୁ ରେପୋରେଟ୍‌କୁ ୬.୫% ସ୍ତରରେ ଅପରିବର୍ତ୍ତିତ ରଖିଛି। ବ୍ୟାଙ୍କ୍ ଅଫ୍ ଆମେରିକା ସିକ୍ୟୁରିଟି ବା ବୋଫାଏଏସ୍ ଇଣ୍ଡିଆର ଅର୍ଥନୀତିଜ୍ଞ (ଭାରତ ଏବଂ ଏସିଆ) ରାହୁଲ ବଜୋରିଆ ଏବଂ ଏଲୋରା ସିକ୍ୟୁରିଟିଜର ଅର୍ଥନୀତିଜ୍ଞ ଗରିମା କପୁର ରେପୋରେଟ୍‌ରେ ୨୫ ବେସିସ୍ ପଏଣ୍ଟ ହ୍ରାସ ହେବା ନେଇ ଅନୁମାନ କରିଛନ୍ତି। ଯଦି ଆର୍‌ବିଆଇ ଏହି ବୈଠକରେ ସୁଧ ହାରକୁ ୨୫ ବେସିସ୍ ପଏଣ୍ଟ ଖସାଏ ତେବେ ରେପୋରେଟ୍ ୬.୨୫% କୁ ଖସିବ।




## ଲଞ୍ଚ ହେଲା ଓଲାର ପ୍ରଥମ ଇଲେକ୍ଟ୍ରିକ୍ ବାଇକ୍ ରୋଡଷ୍ଟର ଏକ୍ସ ପ୍ଲସ୍

**ନୂଆଦିଲ୍ଲୀ, ୬।୨:** ଓଲା ଇଲେକ୍ଟ୍ରିକ୍ ଭାରତୀୟ ବଜାରରେ ଏହାର ରୋଡଷ୍ଟର ଏକ୍ସ ପ୍ଲସ୍ ଇଲେକ୍ଟ୍ରିକ୍ ବାଇକ୍‌ର ମୂଲ୍ୟ ଘୋଷଣା କରିଛି। ଭାରତରେ, କମ୍ପାନୀର ଏହି ଇଲେକ୍ଟ୍ରିକ୍ ବାଇକ୍‌ର ମୂଲ୍ୟ ୧ ଲକ୍ଷ ୫ ହଜାର ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଏହାର ଟପ୍-ଏଣ୍ଡ୍ ସଂସ୍କରଣର ମୂଲ୍ୟ ୧ ଲକ୍ଷ ୫୫ ହଜାର ଟଙ୍କା। ଏହି ଓଲା ବାଇକ୍ ଓଲା ଯେନ ଜେନ ୩ ପ୍ଲାଟଫର୍ମ ଉପରେ ଆଧାରିତ । ଓଲା ରୋଡଷ୍ଟର ଏକ୍ସ ପ୍ଲସ୍ ଇଲେକ୍ଟ୍ରିକ୍ ୨ଟି ବ୍ୟାଟେରୀ ପ୍ୟାକ୍ ସହିତ ଲଞ୍ଚ କରାଯାଇଛି। ଏଥିରେ ଏକ ୪.୫ କିଲୋ ୱାଟ ଏବଂ ଏକ ୯.୧ କିଲୋ ୱାଟ ବ୍ୟାଟେରୀ ପ୍ୟାକ୍ ଅନ୍ତର୍ଭୁକ୍ତ। ଏଥିରେ ୧୧ କିଲୋ ୱାଟ ପିକ୍ ପାୱାର ସହିତ ଏକ ମୋଟର ଅଛି। କମ୍ପାନୀ ଦାବି କରୁଛି ଯେ ବଡ଼ ବ୍ୟାଟେରୀ ପ୍ୟାକ୍ ସହିତ, ଏହାର ଆଇଡ଼ିସି ରେଞ୍ଜ ୫୦୧ କିଲୋମିଟର। ତିନୋଟି ରାଇଡିଂ ମୋଡ୍ ସହିତ ଆସୁଥିବା ଏହି ସ୍କୁଟରର ୪.୫ କିଲୋ ୱାଟ ବ୍ୟାଟେରୀ ପ୍ୟାକ୍‌ର ମୂଲ୍ୟ ୧ ଲକ୍ଷ ୫ ହଜାର ଟଙ୍କା,



ଯେତେବେଳେ ୯.୧ କିଲୋ ୱାଟ ବ୍ୟାଟେରୀ ପ୍ୟାକ୍‌ର ମୂଲ୍ୟ ୧ ଲକ୍ଷ ୫୫ ହଜାର ଟଙ୍କା। ରୋଡଷ୍ଟର ଏକ୍ସ ପ୍ଲସ୍ ସହିତ, ଓଲା ୩ଟି ବ୍ୟାଟେରୀ ପ୍ୟାକ୍ ସହିତ ରୋଡଷ୍ଟର ଏକ୍ସ ମଧ ଲଞ୍ଚ କରିଛି। ଏଥିରେ ୨.୫ କିଲୋ ୱାଟ, ୩.୫ କିଲୋ ୱାଟ ଏବଂ ୪.୫ କିଲୋ ୱାଟ ବ୍ୟାଟେରୀ ପ୍ୟାକ୍ ଅନ୍ତର୍ଭୁକ୍ତ। ଏଗୁଡ଼ିକରେ ୭ କିଲୋ ୱାଟ ସର୍ବାଧିକ ଶକ୍ତି ସହିତ ଏକ ମୋଟର ଅଛି। ବାଇକର ସର୍ବାଧିକ ଗତି ବିଷୟରେ କହିବାକୁ ଗଲେ, ଏହା ଘଣ୍ଟା ପ୍ରତି ୧୧୮ କିଲୋମିଟର ଏବଂ ଏହା ମାତ୍ର ୩.୧ ସେକେଣ୍ଡରେ ଘଣ୍ଟା ପ୍ରତି ୦ ରୁ ୪୦ କିଲୋମିଟର ବେଗରେ ପହଞ୍ଚିଥାଏ। କମ୍ପାନୀ ଦାବି କରିଛି ଯେ ଏହାର ଆଇଡ଼ିସି ରେଞ୍ଜ ୨୫୨ କିଲୋମିଟର। ଏହି ବାଇକ୍‌ର ମୂଲ୍ୟ ବିଷୟରେ କହିବାକୁ ଗଲେ, ୨.୫ କିଲୋ ୱାଟ ବ୍ୟାଟେରୀ ପ୍ୟାକର ମୂଲ୍ୟ ୭୪ ହଜାର ୯୯୯ ଟଙ୍କା, ୩.୫ କିଲୋ ୱାଟ ବ୍ୟାଟେରୀ ପ୍ୟାକର ମୂଲ୍ୟ ୮୪ ହଜାର ୯୯୯ ଟଙ୍କା ଏବଂ ୪.୫ କିଲୋ ୱାଟ ବ୍ୟାଟେରୀ ପ୍ୟାକର ମୂଲ୍ୟ ୯୪ ହଜାର ୯୯୯ ଟଙ୍କା।

